# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨/୨୦୧୮ (୧୬ ପୃଷ୍ଠା) | Bhubaneswar, Sunday, December 2/ 2018 | (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ବିବାହ ବନ୍ଧନରେ ପ୍ରିୟଙ୍କା

ଯୋଧପୁରସ୍ଥିତ ଉମେଦ ଭବନ ରାଜପ୍ରାସାଦରେ ଶନିବାର ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକୀୟ ଗାୟକ ନିକ୍ ଜୋନ୍‌ସଙ୍କ ଶୁଭ ପରିଣୟ ହୋଇଛି।

୦୨

୧୪

## ହର୍ଜବର୍ଗରଙ୍କ ହ୍ୟାଟ୍ରିକ୍

ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର ମାଲେସିଆ ବିପକ୍ଷ ମ୍ୟାଚରେ ଚଳିତ ହକି ବିଶ୍ୱକପ୍‌ର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।








## ବୁଶ୍‌ଙ୍କ ପରଲୋକ



ହ୍ୟୁଷ୍ଟନ,୧।୧୨(ପି.ଟି.)

ଆମେରିକାର ୪୧ତମ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ.ବୁଶ୍‌ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ସ୍ତ୍ରୀ ବାର୍ବରା ବୁଶ୍‌ଙ୍କ ମୃତ୍ୟୁର ୮ ମାସ ପରେ ତାଙ୍କର ପରଲୋକ ଘଟିଛି। ଶୀତଳ ଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ସେ ଆମେରିକାର ନେତୃତ୍ୱ ନେଇଥିଲେ ☞ପୃଷ୍ଠା-୪

# ଗହୀରକୁ ଲମ୍ବିଛି ଚେର

ଢେଙ୍କାନାଳ ଅଫିସ, ୧।୧୨

### ଶେଲ୍‌ଟର ହୋମ୍‌ରେ ଯୌନଶୋଷଣ ମାମଲା



- ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ୨ ଅଟକ
- ୩ ଛାତ୍ରୀଙ୍କ ବୟାନ ରେକର୍ଡ
- ପ୍ରଶାସନ ନେଲା ଅନ୍ତେବାସୀଙ୍କ ଦାୟିତ୍ୱ
- ବେଲଟିକିରିରେ ଉତ୍ତେଜନାପୂର୍ଣ୍ଣ ବାତାବରଣ

ନାବାଳିକା ଅନ୍ତେବାସୀଙ୍କୁ ଯୌନଶୋଷଣ ଅଭିଯୋଗ ଆସିବା ପରେ ଢେଙ୍କାନାଳ ସଦର ବ୍ଲକ ବେଲଟିକିରିସ୍ଥିତି 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ ଚାଲିଥିବା ଅନୈତିକ କାର୍ଯ୍ୟର ଗୁମର ଫିଟୁଛି। ସଂସ୍ଥାର କଳାକାରନାମାର ଚେର ଗହୀରକୁ ଲମ୍ବିଛି। କେବଳ ଢେଙ୍କାନାଳ ନୁହେଁ, କନ୍ଧମାଳ, ବାଲେଶ୍ୱର, ନବରଙ୍ଗପୁର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଥିବା ସଂସ୍ଥା ଶାଖାରେ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ରହିଛନ୍ତି ଅନ୍ତେବାସୀ। ଅଣତାଲିମପ୍ରାପ୍ତ କାମଚଳା କର୍ମଚାରୀଙ୍କ ଦାୟିତ୍ୱରେ ଛାଡ଼ି ଦିଆଯାଇଛି କୋମଳମତି ଶିଶୁଙ୍କ ଭାଗ୍ୟ ଓ ଭବିଷ୍ୟତ। ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଖୋଳତାଡ଼ ପରେ ଏପରି ସାଂଘାତିକ ତଥ୍ୟ ପଦାକୁ ଆସିଛି। ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଉଲ୍ଲଂଘନ କରି ବେଆଇନ ଭାବେ ଶାଖା ଅନୁଷ୍ଠାନଗୁଡ଼ିକ ଚାଲିଥିବା ଏଥିରୁ ସ୍ପଷ୍ଟ ହୋଇଛି।

ଅପରପକ୍ଷେ ଶେଲ୍‌ଟର ହୋମ୍‌ରେ ଯୌନଶୋଷଣ ଅଭିଯୋଗ ଆସିବା ପରେ ଶିଶୁ ସୁରକ୍ଷା ବିଭାଗର ଚେତା ପଶିଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ଅନ୍ତେବାସୀଙ୍କ ସୁରକ୍ଷା ଏବଂ ପାଠପଢ଼ା ଦାୟିତ୍ୱ ହାତକୁ ନେଇଛି ପ୍ରଶାସନ। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀଙ୍କ ଅଭିଯୋଗକ୍ରମେ ନଂ. ୫୩୭/୧୮ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଥିବାବେଳେ ଶନିବାର ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକଙ୍କ ସମେତ ୨ଜଣଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ତେବେ ଅଟକ ଥିବା ଦ୍ୱିତୀୟ ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସ କୌଣସି ତଥ୍ୟ ଦେଉନାହିଁ। ଅନୁଷ୍ଠାନର ମୁଖ୍ୟଙ୍କୁ ପୋଲିସ ହେପାଜତରେ ନିଆଯାଇଥିବା ମଧ୍ୟ କୁହାଯାଉଛି। ସେହିପରି ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ୧୬୪ ଧାରା ଅନୁଯାୟୀ ଅଦାଲତରେ ରେକର୍ଡ କରାଯାଇଛି ୩ ଅଭିଯୋଗକାରୀ ଅନ୍ତେବାସୀଙ୍କ ବୟାନ।

ସେପଟେ ଅନୁଷ୍ଠାନରେ ଚାଲିଥିବା ବେଆଇନ କାର୍ଯ୍ୟକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଅସହାୟ ନାବାଳିକାଙ୍କ ପ୍ରତି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରି ସକାଳେ ଶତାଧିକ ଲୋକ ଅନୁଷ୍ଠାନ ସମ୍ମୁଖରେ ଟାୟାରଜାଳି ☞ପୃଷ୍ଠା-୪

ଶେଲ୍‌ଟର ହୋମ୍‌ର ୨୦ ଶାଖା ବନ୍ଦ ନିର୍ଦ୍ଦେଶ (ପୃଷ୍ଠା-୩)

## ଚିଠି ଲେଖିଥିଲେ ଅନୁଷ୍ଠାନ କର୍ତ୍ତୃପକ୍ଷ 'ଧରିତ୍ରୀ' ଖୋଳତାଡ଼କୁ ସାବଧାନ



ସୀମାଞ୍ଚଳ ନାୟକଙ୍କ ନାମରେ ଇ-ମେଲ୍।

ଢେଙ୍କାନାଳ ଜିଲା ସଦର ଥାନା ବେଲଟିକିରିସ୍ଥିତ 'ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର'ରେ କିଛି ଠିକ୍ ଚାଲିନାହିଁ। ଏହାକୁ ପ୍ରଥମେ ଧରିଥିଲା 'ଧରିତ୍ରୀ'। ରେମୁଣା ବ୍ଲକ ସରସ୍ୱତୀପୁର ଗ୍ରାମରେ ଥିବା ଶିଶୁଗୃହ ଶାଖାରେ ☞ପୃଷ୍ଠା-୪

## ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ହକି ବିଶ୍ୱକପ୍

ODISHA HOCKEY MEN'S WORLD CUP BHUBANESWAR 2018

ଫଳାଫଳ

**ଶନିବାର**

ପ୍ରଥମ ମ୍ୟାଚ
ନେଦରଲାଣ୍ଡ୍ସ-୭
ମାଲେସିଆ-୦

ଦ୍ୱିତୀୟ ମ୍ୟାଚ
ଜର୍ମାନୀ-୧
ପାକିସ୍ତାନ-୦

### ଆଜିର ସମ୍ପାଦକୀୟ

**ନିରର୍ଥକ ପ୍ରସ୍ତାବ**

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି।"
-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

ଦେଶର ୪ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ ନିବେଶ ଅଞ୍ଚଳ (ପିସିପିଆଇଆର୍)ରେ ବର୍ତ୍ତମାନ ସୁଦ୍ଧା ୧.୮୩ ଲକ୍ଷ କୋଟି ନିବେଶ ହୋଇଥିବା ବେଳେ ୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।
-ରସାୟନ ଏବଂ ସାର ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 01.12.2018 | Venc๐bb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 75 | 126 | 136 |
| ANG | 75 | 126 | 136 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


# ଘୋଷଣାକୁ ଅପେକ୍ଷା

ଚିଦାନନ୍ଦ ଜେନା
ଭୁବନେଶ୍ୱର,୧।୧୨



ବିଜୟ ମହାପାତ୍ର



ଦିଲୀପ ରାୟ

ଭାଜପାରୁ ଦୁଇ ବରିଷ୍ଠ ନେତା ଦିଲୀପ ରାୟ ଓ ବିଜୟ ମହାପାତ୍ର ଇସ୍ତଫା ଦେଇସାରିଛନ୍ତି। ସେମାନଙ୍କ ପରବର୍ତ୍ତୀ ରାଜନୈତିକ ପଦକ୍ଷେପ କ'ଣ ରହିବ, ତାହା ଉଭୟେ ସ୍ପଷ୍ଟ କରିନାହାନ୍ତି। ହେଲେ ଦୁଇ ତୁଙ୍ଗନେତାଙ୍କ ଇସ୍ତଫା ପରେ ଭାଜପା ତତ୍‌କ୍ଷଣାତ୍ ପ୍ରତିକ୍ରିୟା ପ୍ରକାଶ କରିଥିଲା। ବିଜୟ ମହାପାତ୍ର ନିଜସ୍ୱ ଗୋଷ୍ଠୀ କରିବାରେ ବିଫଳ ହେବାରୁ ଦଳରେ ନିଜକୁ ଖାପଖୁଆଇ ପାରି ନ ଥିବା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ କରି କୁହାଗଲା। ଦଳର କନିଷ୍ଠ ନେତାଙ୍କ ମାଧ୍ୟମରେ ଉଭୟ ଦିଲୀପ ଏବଂ ବିଜୟଙ୍କୁ କଡ଼ା ସମାଲୋଚନା କରାଗଲା। ଏହାର ଦିନକ ପରେ ଅର୍ଥାତ୍ ଶନିବାର ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ବିଜୟବାବୁ ଏବଂ ଦିଲୀପ ରାୟଙ୍କୁ ଦଳରେ ଅବହେଳା କରାଯାଇନାହିଁ। ସେମାନେ କୌଣସି ବ୍ୟକ୍ତି ଉପରେ ରାଗି ଥାଇପାରନ୍ତି, ଦଳ ଉପରେ ନୁହେଁ। ଏତେବର୍ଷ ଦଳରେ ରହିବା ପରେ ଉଭୟେ ଅନୁଭବ କରିଥିବେ ଯେ, ଭାଜପା ବ୍ୟକ୍ତିକୈନ୍ଦ୍ରିକ ନୁହେଁ। ଭାଜପା ସମସ୍ତଙ୍କୁ ନେଇ ଚାଲିଥାଏ। କାହାର ଯିବା ଦ୍ୱାରା ଦଳର କୌଣସି ଲସ୍ ହେବ ନାହିଁ, ବରଂ ପ୍ଲସ ହେବ ବୋଲି ବସନ୍ତ କହିଛନ୍ତି। ଅବଶ୍ୟ କାହାର ଲସ୍ କିମ୍ବା ପ୍ଲସ୍ ହେବ, ତାହା ସମୟ ଆସିଲେ ଜଣାପଡିବ ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। କେତେକ ସମୀକ୍ଷକ କହିଛନ୍ତି ଯେ, ରାଜନୀତିରେ କେହି କାହାର ସ୍ଥାୟୀ ଶତ୍ରୁ ତଥା ମିତ୍ର ନୁହନ୍ତି। ଯଦି ରାଜ୍ୟ ନେତୃତ୍ୱକୁ ବିଶ୍ୱାସକୁ ନେଇ କେନ୍ଦ୍ରୀୟ ଭାଜପା ନେତୃତ୍ୱ ବିଜୟ, ଦିଲୀପଙ୍କୁ ଉପଯୋଗ କରିଥାଆନ୍ତା, ତେବେ ରାଜ୍ୟ ରାଜନୀତିରେ ଭିନ୍ନ ସମୀକରଣ ସୃଷ୍ଟି ହୋଇପାରିଥାଆନ୍ତା। ହେଲେ ୨୦୧୫ ପରେ ଭାଜପା ଉକ୍ତ ସୁଯୋଗ ହାତଛଡା କରିସାରିଛି। ଭାଜପା ପଞ୍ଚାୟତ ନିର୍ବାଚନରେ ପାଇଥିବା ସବୁ ସଫଳତା ବିଜେପୁର ଉପନିର୍ବାଚନରେ ଧୂଳିସାତ୍ ହୋଇଛି। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସ୍ୱୀକୃତି ବିନା ଭାଜପାରେ ତିଷ୍ଠିରହିବା ସମ୍ଭବ ନୁହେଁ ବୋଲି ଏକ ବାର୍ତ୍ତା ସାଧାରଣରେ ପ୍ରଚାରିତ ହୋଇଛି।

ବିଜୟ ଓ ଦିଲୀପ ଖୁବ୍‌ଶୀଘ୍ର ବିଜେଡିକୁ ଯିବେ ବୋଲି ଚର୍ଚ୍ଚା ଜୋର ଧରିଛି। ହେଲେ ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା ବିଜେଡି କିମ୍ବା ବିଜୟ,ଦିଲୀପଙ୍କ ପକ୍ଷରୁ କରାଯାଇନାହିଁ। ବିଜୟଙ୍କ ନିକଟତମ ମହଲର କେତେଜଣ ବ୍ୟକ୍ତିଙ୍କ କହିବାନୁଯାୟୀ ତାଙ୍କର ସମସ୍ତ ସମର୍ଥକ ମୁଖ୍ୟତଃ ଜନତା ଦଳର କର୍ମକର୍ତ୍ତା। ଅଣକଂଗ୍ରେସ ରାଜନୀତିରେ ବିଶ୍ୱାସ ରଖୁଥିବା ବିଜୟ ନିଜ ସାଙ୍ଗରେ ନିର୍ଦ୍ଦିଷ୍ଟ ସମର୍ଥକଙ୍କୁ ରଖିବାରେ ସଫଳ ହୋଇଛନ୍ତି। ଉକ୍ତ ସମର୍ଥକମାନେ ବିଜୟ ଏବଂ ଦିଲୀପ ବିଜେଡି ପ୍ରତ୍ୟାବର୍ତ୍ତନ ☞ପୃଷ୍ଠା-୪





AUTHORIZED DISTRIBUTOR: CUTTACK - VISHAL ENTERPRISES - 9040601631, BHUBANESWAR - RAM JI ENTERPRISES - 0674-2463082, BEHRAMPUR - PATEL SHOE BAZAR - 9437064888, BHWANIPATNA - KWALITY TRADERS - 9040106894, BHUBANESWAR - STYLE EXCLUSIVE - 9938499290

PREFERRED RETAILERS: BHUBANESWAR: SHOE MART - 9437177070 | GOLDEN BOOTS - 9437044407 | KOLHAPURI MART - 7978616737 | GOPAL SHOES - 9437089155 | BHADRAK: SOFT WALK - 9937420078 | DHENKANAL: NEW MADHUSUDAN PATRA & SONS - 8328887187 | ANGUL: DAMINI SHOES - 9437033910 | BHAWANIPATNA: KWALITY SHOES - 9437326234 & 8637273567 | UMARKOTE: K.K. FOOTWEAR - 9437524957 | DHARAMAGARH: SHIV SHANKAR BOOT HOUSE - 9437225120

Shop online at : www.redchief.in | Flipkart | Myntra | amazon | AJIO | Paytm | JABONG | SHOPCLUES

For B2B: www.redchiefb2b.in | Toll free no. 1800-121-0800 For more information contact: 0512-2241749, 9794352683


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍‌ଦ୍ୱାରା ବିଭିନ୍ନ ମାର୍ଗରେ ନୂତନ ଅସ୍ଥାୟୀ ଅନୁମତି ପତ୍ର ପ୍ରାପ୍ତି ନିମନ୍ତେ ଦରଖାସ୍ତକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, କ୍ରମିକ ସଂଖ୍ୟା ୩୪୭ରୁ ୩୬୭ ଦରଖାସ୍ତ ଗୁଡିକୁ ୦୩.୧୨.୨୦୧୮ ତାରିଖ ଦିନ ଶୁଣାଣୀ କରି ବିଚାର କରାଯିବ ଯାହାକି ପରିବହନ ବିଭାଗର website ରେ ପୂର୍ବରୁ ପ୍ରକାଶିତ ହୋଇଅଛି।

ଏତଦ୍‌ବ୍ୟତିତ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଦରଖାସ୍ତ କ୍ରମିକ ସଂଖ୍ୟା ୨୪୧ରୁ ୩୦୦ ଗୁଡିକ ମଧ୍ୟ ଉକ୍ତଦିନ ବିଚାର କରିଯିବ । ସମ୍ପୃକ୍ତ ଦରଖାସ୍ତକାରୀ ଏବଂ ଆପତିକାରୀମାନେ ଉକ୍ତ ଦିନ ହାଜର ହୋଇ ପକ୍ଷ ରଖି ପାରିବେ।

ସଚିବ,
ରାଜ୍ୟ ପରିବହନ ପ୍ରାଧିକାରୀ,
ଓଡିଶା, କଟକ

## ■ ଢେଙ୍କାନାଳ ପରେ ପୁରୀରେ ଚାଞ୍ଚଲ୍ୟ

# ଶିଶୁ ସଦନରେ ନାବାଳକଙ୍କୁ ଚେଙ୍କ

ପୁରୀ ଅଫିସ, ୧।୧୨

- ଶିଶୁ ଯତ୍ନ ଅନୁଷ୍ଠାନରୁ ପୀଡ଼ିତ ନାବାଳକ ସ୍ଥାନାନ୍ତର
- ତତ୍ତ୍ୱାବଧାରକଙ୍କୁ କାର୍ଯ୍ୟରୁ ଅନ୍ତର
- ସିସିଆଇଗୁଡ଼ିକର ହେଉନି ଭିତ୍ତିଭୂମି ଯାଞ୍ଚ
- ଜିଲାରେ ଭୁଶୁଡ଼ିପଡ଼ିଛି ଶିଶୁ ସୁରକ୍ଷା ୟୁନିଟ

ଢେଙ୍କାନାଳ ଜିଲା ବେଲଟିକିରି ଶିଶୁଗୃହରେ ଯୌନଶୋଷଣ ଅଭିଯୋଗ ଆଲୋଡନ ସୃଷ୍ଟି କରିଥିବାବେଳେ ପୁରୀ ଜିଲା ସତ୍ୟବାଦୀସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ସଦନରେ ଘଟିଥିବା ଅଭାବନୀୟ ଘଟଣା ପଦାକୁ ଆସିଛି। ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ)ରେ ରହୁଥିବା ଜଣେ ନାବାଳକଙ୍କୁ ଚେଙ୍କ ଦିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ଜିଲା ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨ ଡିସେମ୍ବର, ୨୦୧୮



ଆଇନ ସବୁବେଳେ ବଦଳୁଛି ଓ ଆଗକୁ ବଢ଼ୁଛି । ଏହା ସମାଜ ପାଇଁ ନୂଆ ରାଜନୈତିକ ବାଟ ଫିଟାଉଛି ।
- ଜଷ୍ଟିସ ରଞ୍ଜନ ଗୋଗୋଇ, ପ୍ରଧାନ ବିଚାରପତି



## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସାଧାରଣତନ୍ତ୍ର ଦିବସର ଅତିଥି

ନୂଆଦିଲ୍ଲୀ,୧।୧୨-ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସରେ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ମୁଖ୍ୟ ଅତିଥି ହେବେ। ଆର୍ଜେଣ୍ଟିନା ରାଜଧାନୀ ବୁଏନସ୍ ଏୟାର୍ସଠାରେ



ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଭେଟି ଆମନ୍ତ୍ରଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହେବା ଲାଗି ମନା କରିଦେବାର ମାସକ ପରେ ଏହି ଘୋଷଣା କରାଯାଇଛି। କାର୍ଯ୍ୟବ୍ୟସ୍ତତା ଯୋଗୁ ଟ୍ରମ୍ପ ସାଧାରଣତନ୍ତ୍ର ଦିବସରେ ଯୋଗଦେଇପାରିବେ ନାହିଁ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଥିଲା।

**ଇସିଙ୍କୁ ଭେଟିଲା କଂଗ୍ରେସ**

### ଇଭିଏମ୍ ସୁରକ୍ଷା ଦାବି

ନୂଆଦିଲ୍ଲୀ,୧।୧୨(ପି.ଟି.)-ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ମତଦାନ ଶେଷ ହୋଇଥିବାବେଳେ ଷ୍ଟ୍ରଙ୍ଗରୁମ୍‌ରେ ରହିଥିବା ଇଭିଏମ୍‌ର ସୁରକ୍ଷା ପ୍ରତି ଅଧିକ ସତର୍କତା ଅବଲମ୍ବନ କରାଯିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। କଂଗ୍ରେସର ଏକ ପ୍ରତିନିଧି ଦଳ ଇସିଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଧମତାରୀ ବିଧାନସଭା ସିଟ୍‌ରେ ସନ୍ଦେହଜନକ କାର୍ଯ୍ୟକଳାପ ଅଭିଯୋଗ ହୋଇଛି।

### ୨ ଯବାନ ଶହୀଦ

ଶ୍ରୀନଗର,୧।୧୨(ପି.ଟି.)- ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା ନିକଟରେ ବିସ୍ଫୋରଣ ଘଟି ୨ ଜଣ ଯବାନ ଶହୀଦ ହୋଇଛନ୍ତି। ଏଥିରେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଏଲ୍‌ଓସି ଅନ୍ତର୍ଗତ ଅଖନୁର ସେକ୍ଟରରେ ସେନାର ପାଟ୍ରୋଲିଂ ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା।

## ■ ଜି–୨୦ ସମ୍ମିଳନୀରେ ମୋଦିଙ୍କ ଆହ୍ୱାନ

# ସହଯୋଗିତାରୁ ସମୃଦ୍ଧି

ବୁଏନ୍ସ ଏୟାର୍ସ,୧।୧୨(ପି.ଟି.)

ଜି–୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାରସ୍ପରିକ ସମୃଦ୍ଧି ଲାଗି ସହଯୋଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଦୁଇଟି ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପ୍ରଥମ ତ୍ରିପାକ୍ଷିକ ଆଲୋଚନା ଭାରତ, ଆମେରିକା ଏବଂ ଜାପାନ ମଧ୍ୟରେ ହୋଇଥିଲା ବେଳେ ଦ୍ୱିତୀୟ ଆଲୋଚନା ଭାରତ, ଚାଇନା ଏବଂ ରୁଷିଆ ମଧ୍ୟରେ ଅନୁଷ୍ଠିତ ହୋଇଛି।

ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନା ଏହାର ଶକ୍ତି ବୃଦ୍ଧି କରୁଥିବାରୁ ଉକ୍ତ ଅଞ୍ଚଳରେ ଶାନ୍ତି ଏବଂ ସମୃଦ୍ଧି ଲାଗି ପ୍ରଥମ ଥର ଲାଗି ଆମେରିକା, ଭାରତ ଏବଂ ଜାପାନ ମଧ୍ୟରେ ଏହି ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ଲାଗି ମୁକ୍ତ, ଅବାଧ, ସମ୍ମିଳିତ ତଥା ନୀତି ଆଧାରିତ ନିର୍ଦ୍ଦେଶାବଳୀ ଉପରେ ପ୍ରଧାନମନ୍ତ୍ରୀ ମୋଦି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ସହମତ ହୋଇଥିଲେ। ଜେଏଆଇ (ଜାପାନ, ଆମେରିକା, ଭାରତ) ତ୍ରିପାକ୍ଷିକ ବୈଠକ ତିନି ବନ୍ଧୁ ରାଷ୍ଟ୍ରଙ୍କୁ ଏକାଠି କରାଇଛି। ଏହି ବୈଠକ ଏକ ଐତିହାସିକ ଆରମ୍ଭ ଏବଂ ତିନିଦେଶ ମଧ୍ୟରେ ସମ୍ପର୍କ, ସାମୁଦ୍ରିକ ସହଯୋଗ ଏବଂ ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା ବଢ଼ାଇବାରେ ଏହା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ତିନି ଦେଶ ଏକାଠି ହେଲେ ବିଶ୍ୱରେ ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ମୋଦି କହିଛନ୍ତି। ଭାରତ–ପ୍ରଶାନ୍ତ ମହାସାଗର ଅଞ୍ଚଳକୁ ଏକ ସହଭାଗୀ ଆର୍ଥିକ ଅଭିବୃଦ୍ଧି ଏବଂ ସାମୂହିକ ସମୃଦ୍ଧି କ୍ଷେତ୍ରରେ ପରିଣତ କରିବା ଲାଗି ଭାରତର ପ୍ରତିଶ୍ରୁତବଦ୍ଧତାକୁ ମୋଦି ଦୋହରାଇଛନ୍ତି। ଏହି ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ବଢ଼ାଇବା ଲାଗି ପ୍ରଧାନମନ୍ତ୍ରୀ ଏକ ପାଞ୍ଚସୂତ୍ରୀ କାର୍ଯ୍ୟସୂଚୀ ମଧ୍ୟ ଉପସ୍ଥାପନ କରିଥିଲେ। ଯୋଗାଯୋଗ, ସ୍ଥାୟୀ ବିକାଶ, ବିପର୍ଯ୍ୟୟ ସହାୟତା, ସାମୁଦ୍ରିକ ସୁରକ୍ଷା ଏବଂ ଅବାଧ ଗମନାଗମନ କ୍ଷେତ୍ରରେ ସମସ୍ତେ ଏକାଠି କାମ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭ୍ଲାଡିମିର ପୁଟିନ୍ ଓ ଜି ଜିନ୍‌ପିଙ୍ଗ।

- ପଳାତକ ଅର୍ଥନୈତିକ ଅପରାଧୀଙ୍କୁ ନେଇ ଭାରତର ୯ ସୂତ୍ରୀ କାର୍ଯ୍ୟସୂଚୀ
- ବହୁପାକ୍ଷିକ ସଂସ୍ଥାଗୁଡ଼ିକରେ ସଂସ୍କାର ପାଇଁ ଭାରତ, ରୁଷିଆ, ଚାଇନା ଏକାଠି
- ୧୨ ବର୍ଷ ପରେ ତ୍ରିପାକ୍ଷିକ ଆଲୋଚନା

ଦ୍ୱିତୀୟ ପର୍ଯ୍ୟାୟରେ ଭାରତ, ଚାଇନା ଏବଂ ରୁଷିଆ ମଧ୍ୟରେ ଏକ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୧୨ ବର୍ଷ ପରେ ତିନିଦେଶ ମଧ୍ୟରେ ଏଭଳି ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଜାତିସଂଘ, ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ସମେତ ବିଭିନ୍ନ ବହୁପାକ୍ଷିକ ସଂସ୍ଥାରେ ସଂସ୍କାର ଲାଗି ତିନି ଦେଶ ଆହ୍ୱାନ ଦେଇଛନ୍ତି। ବିଶ୍ୱିକ ଅଭିବୃଦ୍ଧି ଏବଂ ସମୃଦ୍ଧି ଲାଗି ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାର ଉପାଦେୟତା ଏବଂ ମୁକ୍ତ ବିଶ୍ୱ ଅର୍ଥନୀତି ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଜି–୨୦ ସମ୍ମିଳନୀ ଅବସରରେ ଅନୁଷ୍ଠିତ ଏହି ତ୍ରିପାକ୍ଷିକ ବୈଠକରେ ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏକାଠି ହୋଇ ବିଭିନ୍ନ କ୍ଷେତ୍ରରେ ପାରସ୍ପରିକ ସହଯୋଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକ ବିଶ୍ୱ ଶାନ୍ତି ବଢ଼ାଇବା ସହ ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ବଢ଼ାଇବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବ୍ରିକ୍ସ (ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା), ସାଂଘାଇ ସହଯୋଗ ସଂଗଠନ (ସିଏସଓ) ଏବଂ ପୂର୍ବ ଏସିଆ ସମିଟ୍ (ଇଏଏସ) ବ୍ୟବସ୍ଥା ମାଧ୍ୟମରେ ସହଯୋଗକୁ ସୁଦୃଢ଼ କରିବା ଲାଗି ନିୟମିତ ବ୍ୟବଧାନରେ ଏଭଳି ବୈଠକ କରିବା ଲାଗି ଏହି ନେତାମାନେ ରାଜି ହୋଇଥିଲେ। ଆତଙ୍କବାଦ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ସମାଧାନରେ ଏହା ସହାୟକ ହେବା ସହ ସମସ୍ତ ମତପାର୍ଥକ୍ୟର ଶାନ୍ତିପୂର୍ଣ୍ଣ ସମାଧାନରେ ସହାୟକ ହୋଇପାରିବ ବୋଲି ତିନିନେତା ମତବ୍ୟକ୍ତ କରିଥିଲେ।

ପଳାତକ ଆର୍ଥିକ ଅପରାଧୀଙ୍କ ଲାଗି ଭାରତ ଜି–୨୦ ରାଷ୍ଟ୍ରଗୁଡ଼ିକୁ ଏକ ୯ ସୂତ୍ରୀ କାର୍ଯ୍ୟସୂଚୀ ପ୍ରଦାନ କରିଛି। ଏଭଳି ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବଳିଷ୍ଠ ଏବଂ ସକ୍ରିୟ ସହଯୋଗ ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନ୍ତର୍ଜାତୀୟ ବାଣିଜ୍ୟ, ଆର୍ଥିକ ଏବଂ ଟିକସ ବ୍ୟବସ୍ଥା ଉପରେ ଅନୁଷ୍ଠିତ ଜି–୨୦ ସମିଟ୍‌ର ଦ୍ୱିତୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଆଇନଗତ ପ୍ରକ୍ରିୟାରେ ସହଯୋଗ, ଅପରାଧୀଙ୍କୁ ତୁରନ୍ତ ପ୍ରତ୍ୟର୍ପଣ କରିବା, ଅପରାଧ ପ୍ରୋସିଡିଂର ରେକର୍ଡ ସମ୍ପୃକ୍ତ ରାଷ୍ଟ୍ରକୁ ହସ୍ତାନ୍ତର କରିବା ଆଦି ଏହି ଏଜେଣ୍ଡାରେ ରହିଛି। ଏଭଳି ଅପରାଧୀମାନେ ଯେପରି ସୁରକ୍ଷା ପାଇଁ ଅନ୍ୟ ଦେଶରେ ପ୍ରବେଶ ନକରନ୍ତି ସେଥିପାଇଁ ଏକ ମେକାନିଜମ୍ ପ୍ରସ୍ତୁତିରେ ଜି–୨୦ ରାଷ୍ଟ୍ରଗୁଡ଼ିକ ଏକାଠି କାର୍ଯ୍ୟକରିବା ଲାଗି ଭାରତ ଆହ୍ୱାନ ଦେଇଛି।

### ୨୦୨୨ରେ ଭାରତ ଜି–୨୦ ସମିଟ୍ ଆୟୋଜକ

ଭାରତ ୨୦୨୨ରେ ଜି–୨୦ ସମିଟ୍ ଆୟୋଜନ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଘୋଷଣା କରିଛନ୍ତି। ସେହିବର୍ଷ ଭାରତର ୭୫ତମ ସ୍ୱାଧୀନତା ଦିବସ ପାଳନ ହେଉଥିବାରୁ ୨୦୨୧ ପରିବର୍ତ୍ତେ ୨୦୨୨ରେ ଜି–୨୦ ସମ୍ମିଳନୀ ଆୟୋଜନ ଲାଗି ପ୍ରଧାନମନ୍ତ୍ରୀ କରିଥିବା ଅନୁରୋଧକୁ ଇଟାଲୀ ଗ୍ରହଣ କରିଛି।

# ହୁଡ୍ଡାଙ୍କ ବିରୋଧରେ ଚାର୍ଜଶିଟ୍

ନୂଆଦିଲ୍ଲୀ,୧।୧୨(ପି.ଟି.)

**ଜମି ଦୁର୍ନୀତି**



ହରିୟାଣାର ପଞ୍ଚକୁଲାଠାରେ ଥିବା ଏକ ଅନୁଷ୍ଠାନର ପ୍ଲଟକୁ କଂଗ୍ରେସ ନେତା ତଥା ଗାନ୍ଧୀ ପରିବାର ସଦସ୍ୟଙ୍କ ନିୟନ୍ତ୍ରଣରେ ଥିବା ଆସୋସିଏଟେଡ ଜର୍ନାଲ୍ସ ଲିମିଟେଡ (ଏଜେଏଲ)କୁ ପ୍ରଦାନ କରିବାରେ ଅନିୟମିତତା ମାମଲାରେ ସିବିଆଇ ଶନିବାର ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡା ଏବଂ ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ଭୋରାଙ୍କ ବିରୋଧରେ ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଏହି ଜମି ଆବଣ୍ଟନ ଅନିୟମିତତା ଯୋଗୁ ୬୭ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହୋଇଥିଲା ବୋଲି ସିବିଆଇ ଅଭିଯୋଗ କରିଛି। ଏଥିରେ ସିବିଆଇ ହୁଡ୍ଡା ଏବଂ ଭୋରାଙ୍କୁ ଅଭିଯୁକ୍ତ କରିଛି। ସେତେବେଳେ ମୁଖ୍ୟମନ୍ତ୍ରୀ ହୁଡ୍ଡା ହରିୟାଣା ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ (ଏଚୟୁଡିଏ)ର ଅଧ୍ୟକ୍ଷ ଏବଂ ଭୋରା ଏଜେଏଲ୍‌ର ଅଧ୍ୟକ୍ଷ ଥିଲେ। ଏହି ଷଡଯନ୍ତ୍ରରେ ଉକ୍ତ କମ୍ପାନୀ ମଧ୍ୟ ସମ୍ପୃକ୍ତ ଥିବା ଚାର୍ଜଶିଟ୍‌ରେ ଦର୍ଶାଯାଇଛି।

# ‘ଉପା ଅମଳରେ ୩ ଥର ହୋଇଥିଲା ସର୍ଜିକାଲ୍ ଷ୍ଟ୍ରାଇକ୍’

ଜୟପୁର,୧।୧୨(ପି.ଟି.)

ଯୁବକମାନଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ର ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ରାଜନୈତିକ ଅସ୍ତ୍ର କରିଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଏକ ନିର୍ବାଚନୀ ରାଲିରେ ଅଭିଯୋଗ କରିଛନ୍ତି। ରାଜସ୍ଥାନର ଉଦୟପୁରଠାରେ ନିର୍ବାଚନ ସଭାକୁ ସମ୍ବୋଧିତ କରି ରାହୁଲ କହିଥିଲେ ୟୁପିଏ ସରକାର ବେଳେ ବ୍ୟାଙ୍କଗୁଡ଼ିକରେ ଅନାଦାୟ ଋଣ (ଏନ୍‌ପିଏ) ପରିମାଣ ୨ ଲକ୍ଷ କୋଟି ଟଙ୍କା ଥିଲା ବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ତାହା ୧୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସରକାର ୧୫/୨୦ଟି ଶିଳ୍ପସଂସ୍ଥାର ଋଣ ଛାଡ଼ କରିଛନ୍ତି।



ରାହୁଲ ଗାନ୍ଧୀ

ମନମୋହନ ସିଂ ସରକାର ସମୟରେ ୩ ଥର ସର୍ଜିକାଲ ଷ୍ଟ୍ରାଇକ୍ ହୋଇଥିଲା, ଯାହାକୁ କେହି ଜାଣନ୍ତି ନାହିଁ। କିନ୍ତୁ ୨୦୧୬ ସେପ୍ଟେମ୍ବର ୨୯ରେ ସେନା ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀଙ୍କ ଲଞ୍ଚ ପ୍ୟାଡ୍ ଉପରେ କରିଥିବା ସର୍ଜିକାଲ ଷ୍ଟ୍ରାଇକ୍‌କୁ ରାଜନୈତିକ ସମ୍ପତ୍ତି କରି ମୋଦି ଏହାର ଫାଇଦା ନେବାକୁ ଚେଷ୍ଟା କରୁଛନ୍ତି ବୋଲି ରାହୁଲ କହିଥିଲେ। ବିମୁଦ୍ରୀକରଣ ଏବଂ ଜିଏସଟି ବଡ କମ୍ପାନୀ ଲାଗି ଦ୍ୱାର ଖୋଲିଦେଇଥିଲାବେଳେ ଏହା ଅର୍ଥନୀତିକୁ ଧ୍ୱସ୍ତ କରିଛି ଏବଂ ସାଧାରଣ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି ବୋଲି ରାହୁଲ କହିଛନ୍ତି।

ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ରାହୁଲ ମୋଦିଙ୍କ ହିନ୍ଦୁତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୁବାଦର ମୂଳତତ୍ତ୍ୱ ଜାଣି ନ ଥିବା ମୋଦି କି ପ୍ରକାର ହିନ୍ଦୁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଫୁର୍‌ସତ

# ୫ରେ ଲଞ୍ଚ୍ ହେବ ଜିସାଟ୍–୧୧

ବେଙ୍ଗାଲୁରୁ:

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାଦ୍ୱାରା ନିର୍ମିତ ଉପଗ୍ରହ ଜିସାଟ୍–୧୧କୁ ଡିସେମ୍ବର ୫ରେ ଲଞ୍ଚ୍ କରିବ। ଏହାକୁ ଫ୍ରେଞ୍ଚ୍ ଗାଏନାରୁ ଏରିଆନ–୫ ରକେଟ୍ ଯୋଗେ ଉତ୍କ୍ଷେପଣ କରାଯିବ। ପାଖାପାଖି ୫,୮୫୪ କିଲୋଗ୍ରାମ୍ ବିଶିଷ୍ଟ ଜିସାଟ୍–୧୧ ଦେଶରେ ବ୍ରଡବ୍ୟାଣ୍ଡ ସେବା ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଇସ୍ରୋ ଦ୍ୱାରା ନିର୍ମିତ ଏହି ଉପଗ୍ରହ ସବୁଠୁ ଅଧିକ ଓଜନିଆ।



ଜିସାଟ୍–୧୧ ହେଉଛି ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଉପଗ୍ରହ। ଏହା ୧୫ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିପାରିବ। ଏହାକୁ ମେ ୨୫ରେ ଲଞ୍ଚ୍ କରିବା ପାଇଁ ଯୋଜନା ଥିଲା। କିନ୍ତୁ ପ୍ରଯୁକ୍ତିଗତ ଯାଞ୍ଚ୍ ଯୋଗୁ ଏହାର ଲଞ୍ଚ୍ ସମୟକୁ ଘୁଞ୍ଚାଇ ଦିଆଯାଇଥିଲା। ଡିସେମ୍ବର ୫ରେ ଭାରତୀୟ ସମୟ ରାତ୍ରି ୨ଟା ୦୭ରୁ ୩ଟା ୨୩ ମିନିଟ୍ ମଧ୍ୟରେ ଏହାକୁ ଲଞ୍ଚ୍ କରାଯିବ ବୋଲି ୟୁରୋପୀୟ ସ୍ପେସ୍ ଟ୍ରାନ୍ସପୋର୍ଟର ଏରିଆନ୍‌ସ୍ପେସ୍ ପକ୍ଷରୁ ଏହାର ୱେବ୍‌ସାଇଟ୍‌ରେ କୁହାଯାଇଛି।

# ଶୀତଳ ଯୁଦ୍ଧର ଅବସାନ ଘଟାଇଥିଲେ ବୁଶ୍

**ମସ୍କୋ:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ୍ ଶୀତଳ ଯୁଦ୍ଧର ଅବସାନ ଲାଗି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ସୋଭିଏତ୍ ରାଷ୍ଟ୍ରସଂଘର ପୂର୍ବତନ ତଥା ଶେଷ ନେତା ମିଖାଇଲ୍ ଗୋର୍ବାଚୋଭ୍ ତାଙ୍କୁ ଜଣେ ‘ବାସ୍ତବ ଭାଗୀଦାରି’ ବୋଲି ବର୍ଣ୍ଣନା କରିଛନ୍ତି। ଗୋର୍ବାଚୋଭ୍ (୮୭) ଆମେରିକାର ୪୧ତମ ରାଷ୍ଟ୍ରପତିଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ବୁଶ୍ ୯୪ବର୍ଷ ବୟସରେ ଶୁକ୍ରବାର ପରଲୋକ ଗମନ କରିଥିବା ତାଙ୍କ ପରିବାର ପକ୍ଷରୁ ଘୋଷଣା କରାଯାଇଛି।

ଗୋର୍ବାଚୋଭ୍‌ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ରୁଷ୍‌ର ଅର୍ଥନୈତିକ ଓ ରାଜନୈତିକ ପୁନର୍ବିନ୍ୟାସ ପ୍ରକ୍ରିୟାକୁ ବୁଶ୍ ସମର୍ଥନ କରିଥିଲେ। ବର୍ଲିନ୍ ପ୍ରାଚୀର ଭଙ୍ଗର କିଛି ସପ୍ତାହ ପରେ ୧୯୮୯ ଡିସେମ୍ବରରେ ମାଲ୍‌ଟା ବୈଠକରେ ଉଭୟ ନେତା ଶୀତଳଯୁଦ୍ଧର ପରିସମାପ୍ତି ଘଟିଲା ବୋଲି ଘୋଷଣା କରିଥିଲେ। ଗୋର୍ବାଚୋଭ୍ ଏ ସମ୍ପର୍କରେ କହନ୍ତି, ବୁଶ୍‌ଙ୍କ ସହିତ ତାଙ୍କର ଅନେକ ସ୍ମୃତି ରହିଛି। ଶୀତଳଯୁଦ୍ଧ କାଳରେ ଉଭୟେ ଏକତ୍ର ଅନେକ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ଏହା ଏପରି ସମୟ ଥିଲା ଯେତେବେଳେ ଉଭୟେ ଅଧିକ ଦାୟିତ୍ୱବାନ୍ ହୋଇପଡିଥିଲେ ଏବଂ ଫଳସ୍ୱରୂପ ଶୀତଳ ଯୁଦ୍ଧର ପରିସମାପ୍ତି ଘଟିଥିଲା। ଏହି ‘ଐତିହାସିକ ସଫଳତା’ରେ ସିନିୟର ବୁଶ୍‌ଙ୍କର ଅବଦାନକୁ ଶେଷ ସୋଭିଏତ୍ ନେତା ଗୋର୍ବାଚୋଭ୍ ପ୍ରଶଂସା କରିଛନ୍ତି।



ଏଚ୍.ଡବ୍ଲ୍ୟୁ. ବୁଶ ଏବଂ ମିଖାଇଲ୍ ଗୋର୍ବାଚୋଭ୍।

୧୯୯୧ରେ ଗୋର୍ବାଚୋଭ୍ ଏବଂ ବୁଶ୍ ଷ୍ଟ୍ରାଟେଜିକ୍ ଆର୍ମସ ରିଡକ୍ସନ୍ ଟ୍ରିଟି (ଷ୍ଟାର୍ଟ ୧) ରେ ସ୍ୱାକ୍ଷର କରିଥିଲେ। ଦୂରଗାମୀ ଆଣବିକ କ୍ଷେପଣାସ୍ତ୍ର ନିର୍ମାଣ ହ୍ରାସ କରିବା ପାଇଁ ଉଭୟ ଦେଶ ମଧ୍ୟରେ ଏହି ଚୁକ୍ତି କରାଯାଇଥିଲା। ଆମେରିକା ଓ ରୁଷିଆ ମଧ୍ୟରେ ଏହା ଥିଲା ପ୍ରଥମ ଚୁକ୍ତି।

## [ଇତିହାସର ଆଇନାରେ]

### ଡିସେମ୍ବର ୨ର ପ୍ରମୁଖ ଘଟଣା

୨୦୧୩ ଡିସେମ୍ବର ୨ରେ ଫରାସୀ ବ୍ୟବସାୟୀ ତଥା କୃଷି ଇଞ୍ଜିନିୟର ଜିନ୍-କ୍ଲାଉଡେ ବେଟନ୍‌ଙ୍କ ମୃତ୍ୟୁ ଘଟିଥିଲା। ସେ ଜଣେ ସଫଳ ଉଦ୍ୟୋଗୀ ଥିଲେ। ସେ ମୃଦୁପାନୀୟ ପ୍ରସ୍ତୁତକାରୀ ସଂସ୍ଥା ଓରାଙ୍ଗିନାର ପ୍ରତିଷ୍ଠାତା ଥିଲେ। ତାଙ୍କ ପିତା ଲିଓନ୍ ବେଟନ୍ ପ୍ରଥମେ ସାଇଟ୍ରସ୍ ସୋଡାରୁ ମୃଦୁ ପାନୀୟ ପ୍ରସ୍ତୁତ କରୁଥିଲେ। ଏକ ଛୋଟ କମ୍ପାନୀରୁ ସେ ଏକ ବୃହତ୍ ତଥା ବିଶ୍ୱ ସ୍ତରୀୟ ବ୍ରାଣ୍ଡ୍ ଓରାଙ୍ଗିନା ପ୍ରତିଷ୍ଠା କରିଥିଲେ।

୨୦୧୬ ଡିସେମ୍ବର ୨ରେ କାଲିଫର୍ନିଆର ଓକ୍‌ଲାଣ୍ଡସ୍ଥିତ ଏକ ଗୋଦାମରେ ଘଟିଥିବା ଅଗ୍ନିକାଣ୍ଡରେ ୩୬ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆମେରିକାର କାଲିଫର୍ନିଆ ଆଲାମେଡା କାଉଣ୍ଟିରେ ଓକ୍‌ଲାଣ୍ଡ ହେଉଛି ଏକ ବୃହତ୍ ସହର। ଏହା ହେଉଛି ବୃହତ୍ ପଶ୍ଚିମ ଉପକୂଳ ବନ୍ଦର ନଗରୀ। କାଲିଫର୍ନିଆର ଏହା ହେଉଛି ଅଷ୍ଟମ ଜନବହୁଳ ନଗରୀ ତଥା ଆମେରିକାର ୪୫ତମ ସର୍ବବୃହତ୍ ସହର।

# ବିବାହ ବନ୍ଧନରେ ପ୍ରିୟଙ୍କା–ନିକ୍

**ଯୋଧପୁର:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକୀୟ ଗାୟକ ନିକ୍ ଜୋନ୍‌ସଙ୍କ ମଧ୍ୟରେ ହାତଗଣ୍ଠି ପଡିଛି। ସ୍ଥାନୀୟ ଉମେଦ ଭବନ ରାଜପ୍ରାସାଦରେ କ୍ୟାଥଲିକ୍ ରୀତିରେ ସେମାନଙ୍କ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁଯାୟୀ, ଜୋନ୍‌ସଙ୍କ ପିତା ପଲ୍ କେଭିନ୍ ଜୋନ୍‌ସ ଶନିବାର ଖ୍ରୀଷ୍ଟିଆନ୍ ଉତ୍ସବ ଆୟୋଜନ କରିଥିଲେ, ଯେଉଁଠାରେ ଉକ୍ତ ଦମ୍ପତି ପ୍ରସିଦ୍ଧ ଅଳଙ୍କାର ନିର୍ମାତା ଚୋପାର୍ଡଙ୍କ ଦ୍ୱାରା ନିର୍ମିତ ୱେଡିଂ ବ୍ୟାଣ୍ଡ୍ ବିନିମୟ କରିଥିଲେ। ଦୁଇ ପରିବାର ଗହଣରେ ଉଭୟେ ମେହେନ୍ଦୀ ଉତ୍ସବକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ରବିବାର ଉକ୍ତ ଦମ୍ପତି ହିନ୍ଦୁ ପରମ୍ପରା ଅନୁଯାୟୀ ମଧ୍ୟ ବିବାହ ଉତ୍ସବ ଜାରି ରଖିବେ। ପ୍ରିୟଙ୍କାଙ୍କ ପାଇଁ ଭାରତୀୟ ହିନ୍ଦୁ ପରମ୍ପରା ଯେତିକି ଗୁରୁତ୍ୱ ବହନ କରେ ନିକ୍‌ଙ୍କ ନିମନ୍ତେ ପାଶ୍ଚାତ୍ୟର ଖ୍ରୀଷ୍ଟିଆନ୍ ରୀତିନୀତି ମଧ୍ୟ ସେତିକି ଗୁରୁତ୍ୱ ରଖେ। ସେଥିପାଇଁ ବିବାହ ଭଳି ଏକ ପବିତ୍ର ପର୍ବରେ ଉଭୟ ନିଜ ଐତିହ୍ୟ ଓ ସଂସ୍କୃତିକୁ ସମ୍ମାନ ଦେଇଛନ୍ତି।

ପ୍ରିୟଙ୍କା (୩୬) ଏବଂ ନିକ୍(୨୬) ଡିଜାଇନର ରାଲ୍‌ଫ ଲରେନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଡ୍ରେସ୍ ପରିଧାନ କରିଥିଲେ। ଏହି ଉତ୍ସବରେ ପ୍ରିୟଙ୍କାଙ୍କ ଭାଇ ସିଦ୍ଧାର୍ଥ ଏବଂ ନିକ୍‌ଙ୍କ ୩ ଭାଇ ଜୋ, କେଭିନ୍ ଏବଂ ଫ୍ରାଙ୍କି ଯୋଗ ଦେଇଥିଲେ। ବିବାହ ପୂର୍ବରୁ ସେମାନେ ପ୍ରିୟଙ୍କାଙ୍କ ମା’ ମଧୁ ଚୋପ୍ରାଙ୍କ ମୁମ୍ବାଇ ବାସଭବନରେ ପ୍ରାକ୍ ଉତ୍ସବ ପାଳନ କରିଥିଲେ। ଏହା ପୂର୍ବରୁ ନ୍ୟୁୟର୍କ ନଗରୀରେ ବ୍ରାଇଡାଲ୍ ଶୋୟର ଏବଂ ଆମଷ୍ଟରଡାମ୍‌ରେ ବ୍ୟାଚଲରେଟି ପାର୍ଟି ଆୟୋଜନ କରିଥିଲେ। ପ୍ରିୟଙ୍କା ଏବଂ ନିକ୍ ପ୍ରଥମକରି ୨୦୧୬ରେ ଟୁଇଟର ଯୋଗେ ବନ୍ଧୁତା ସ୍ଥାପନ କରିଥିଲେ ଏବଂ ୨୦୧୭ରେ ଏକାଡେମୀ ଆୱାର୍ଡ ଅବସରରେ ଉଭୟଙ୍କ ମଧ୍ୟରେ ବ୍ୟକ୍ତିଗତ ସାକ୍ଷାତ ହୋଇଥିଲା।



## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୮ | ୧୬.୮ |
| ଚାନ୍ଦବାଲି | ୨୮.୬ | ୧୮.୦ |
| କଟକ | ୨୮.୪ | ୧୭.୦ |
| ପାରାଦ୍ୱୀପ | ୨୮.୮ | ୧୯.୨ |
| ଭୁବନେଶ୍ୱର | ୨୯.୪ | ୧୭.୬ |
| ଗୋପାଳପୁର | ୩୧.୦ | ୧୮.୯ |
| ପୁରୀ | ୨୮.୫ | ୨୦.୪ |
| ଅନୁଗୋଳ | ୨୮.୧ | ୧୩.୬ |
| ବାରିପଦା | ୨୭.୨ | ୧୭.୨ |
| ଝାରସୁଗୁଡ଼ା | ୨୯.୨ | ୧୫.୫ |
| କେନ୍ଦୁଝର | ୨୬.୪ | ୧୫.୦ |
| ସମ୍ବଲପୁର | ୨୯.୮ | ୧୬.୮ |
| ସୁନ୍ଦରଗଡ଼ | --- | ୧୪.୦ |
| ହୀରାକୁଦ | ୨୯.୧ | ୧୬.୮ |
| ତାଳଚେର | ୩୧.୬ | ୧୫.୦ |
| ଭବାନୀପାଟଣା | ୨୮.୫ | ୧୩.୦ |
| ବଲାଙ୍ଗୀର | ୨୯.୫ | ୧୫.୦ |
| କୋରାପୁଟ | ୨୬.୬ | ୧୨.୨ |
| ଫୁଲବାଣୀ | --- | ୯.୦ |
| ଟିଟିଲାଗଡ଼ | --- | ୧୩.୫ |
| ମାଲକାନଗିରି | ୩୦.୫ | --- |
| ସୋନପୁର | ୨୯.୮ | ୧୪.୦ |
| ଦାରିଙ୍ଗିବାଡ଼ି | ୨୪.୦ | ୧୧.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.



ବିଶିଷ୍ଟ ସାମାଜିକ କର୍ମୀ ଆନ୍ନା ହାଜାରେ ଲୋକପାଳ ନିଯୁକ୍ତି ଦାବିରେ ଅନଶନ ଚେତାବନୀ ଦେଇଛନ୍ତି। ଜାନୁୟାରୀ ୩୦ରୁ ସେ ତାଙ୍କ ପୈତୃକ ଗ୍ରାମ ରାଲେଗାଓଁ ସିଦ୍ଧିରେ ଅନଶନରେ ବସିବେ। ଏନ୍‌ଡିଏ ସରକାର କେନ୍ଦ୍ରରେ ଲୋକପାଳ ଓ ରାଜ୍ୟରେ ଲୋକାୟୁକ୍ତଙ୍କ ନିଯୁକ୍ତି ପ୍ରସଙ୍ଗକୁ ବିଭିନ୍ନ ଆଳରେ ଉପେକ୍ଷା କରିଚାଲିଛନ୍ତି। ଏଥିପାଇଁ ସେ ଅନଶନ କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି।






## ସଂକ୍ଷେପରେ

### ବଙ୍ଗୀୟ ନାବାଳିକାଙ୍କୁ ଗଣବଳାତ୍କାର

**ଭୋଗରାଇ, ୧।୧୨(ଡି.ଏନ.ଏ.):** ପଶ୍ଚିମବଙ୍ଗରୁ ବାଲେଶ୍ୱର ଜିଲାର ଭୋଗରାଇ ଅଞ୍ଚଳକୁ ଏକୁଟିଆ ଚାଲି ଆସିଥିବା ଜଣେ ନାବାଳିକା ଗଣବଳାତ୍କାରର ଶିକାର ହେବା ଅଭିଯୋଗ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ପୋଲିସ ନିଜ ହେପାଜତ୍‌କୁ ନେଇଛି। ଏନେଇ ଥାନାରେ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଗଣବଳାତ୍କାର ଘଟଣା ସମ୍ପର୍କରେ ନାବାଳିକା ଜଣକ ବାରମ୍ବାର ମତ ବଦଳାଇ ଭିନ୍ନ ଭିନ୍ନ କଥା କହୁଥିବାରୁ ପୋଲିସ ଅଡୁଆରେ ପଡିଛି। ଶନିବାର ଏକ ପୋଲିସ ଟିମ୍ ପଶ୍ଚିମବଙ୍ଗସ୍ଥିତ ନାବାଳିକାଙ୍କ ଘରକୁ ଯାଇ ତଦନ୍ତ ଆରମ୍ଭ କରିଛି। ପୀଡିତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ଏବଂ ବିଭିନ୍ନ ସମୟରେ ସେ ଘର ଛାଡି ଅନ୍ୟତ୍ର ପଳାଇ ଯାଉଥିବା ତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିବା ସ୍ଥାନୀୟ ଥାନା ସୂତ୍ରରୁ ଜଣାପଡିଛି।

### ଅଙ୍ଗନୱାଡି କର୍ମୀଙ୍କୁ ଅପହରଣ

**କଣ୍ଟାବାଞ୍ଜି,୧।୧୨ (ଡି.ଏନ୍.ଏ.):** ଜଣେ ଅଙ୍ଗନୱାଡି କର୍ମୀଙ୍କୁ ୪ଜଣ ଯୁବକ ଏକ ବୋଲେରୋ ଗାଡିରେ ଅପହରଣ କରିନେଇଥିବା ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନାରେ ଶନିବାର ଅଭିଯୋଗ ହୋଇଛି। ଏହି ଥାନା ଅଞ୍ଚଳର ଜଣେ ୨୧ବର୍ଷୀୟା ବିବାହିତା ଅଙ୍ଗନୱାଡି କର୍ମୀ ନିକଟସ୍ଥ ଅନ୍ୟ ଜଣେ ଅଙ୍ଗନୱାଡି କର୍ମୀଙ୍କ ସହ ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଧାମନଡଙ୍ଗାଠାରେ ଅନୁଷ୍ଠିତ ସେକ୍ଟର ମିଟିଂକୁ ଯାଉଥିଲେ। ଏହି ସମୟରେ ଏକ ବୋଲେରୋରେ ୪ଜଣ ଯୁବକ ଆସି ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଅପହରଣ କରି ନେଇଯାଇଥିଲେ। ଅପହୃତାଙ୍କ ସ୍ୱାମୀ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୮୫/୧୮) ରୁଜୁ କରି ତଦନ୍ତ ଚଳାଇଛି।

### କନ୍ଧମାଳ ଦଙ୍ଗା : ୩୫୩ ପୀଡ଼ିତଙ୍କୁ ମିଳିନି କ୍ଷତିପୂରଣ

**ଭୁବନେଶ୍ୱର,୧।୧୨(ବ୍ୟୁରୋ):** ୨୦୦୮ର ବହୁଚର୍ଚ୍ଚିତ କନ୍ଧମାଳ ଦଙ୍ଗାକୁ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ପୀଡିତଙ୍କୁ କ୍ଷତିପୂରଣ ଦିଆଯାଇନାହିଁ। ୩୫୩ ପୀଡିତଙ୍କୁ କୌଣସି ପ୍ରକାର ସରକାରୀ ସହାୟତା ଦିଆଯାଇ ନ ଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ସୁପ୍ରିମକୋର୍ଟରେ ନିକଟରେ ଦାଖଲ ସତ୍ୟପାଠରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି ଯେ, ୧୫,୩୩,୨୦,୦୦୦ ଟଙ୍କା ଅତିରିକ୍ତ କ୍ଷତିପୂରଣ ରାଶି କନ୍ଧମାଳ ଦଙ୍ଗା ପୀଡିତଙ୍କୁ ରାଜ୍ୟ ସରକାର ପ୍ରଦାନ କରିବେ। ସରକାରଙ୍କ ପକ୍ଷରୁ ଉକ୍ତ ଅର୍ଥ ୨୦୧୭ ମେ'ରେ କନ୍ଧମାଳ ଜିଲାପାଳଙ୍କୁ ମଞ୍ଜୁର କରାଯାଇଛି।

### ପୁଅ ମୃତ୍ୟୁ ଖବର ଶୁଣି ଟଳିପଡ଼ିଲେ ବାପା

**ନରସିଂହପୁର/ପାରାଦୀପ, ୧।୧୨(ଡି.ଏନ.ଏ./ସ୍ୱ.ପ୍ର.):** କଟକ ଜିଲା ନରସିଂହପୁର ବ୍ଲକ କାନପୁର ଥାନା ଅଧୀନ ବାଲଝରୀ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। କନଷ୍ଟେବଳ ଭାବେ କାର୍ଯ୍ୟ କରୁଥିବା ପୁଅର ମୃତ୍ୟୁ ଖବର ଶୁଣିବା ପରେ ଘଟଣାସ୍ଥଳରେ ଟଳି ପଡ଼ିଛନ୍ତି ବାପା। ବାଲଝରୀର ଦୁଆରି ବେହେରା(୯୦)ଙ୍କ ପୁଅ ପ୍ରଶାନ୍ତ(୪୭) ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନାରେ କନଷ୍ଟେବଳ ଥିଲେ। କିଛିଦିନ ହେବ ସେ ଅସୁସ୍ଥ ଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପକ୍ଷରୁ ଶନିବାର ସକାଳେ ତାଙ୍କ ପରିବାରକୁ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ସମୟରେ ପ୍ରଶାନ୍ତଙ୍କ ବାପା ଗାଧୋଉଥିଲେ। ତାଙ୍କ କାନରେ ପୁଅର ମୃତ୍ୟୁ ଖବର ପଡ଼ିବାମାତ୍ରେ ସେଠାରେ ହିଁ ସେ ଟଳିପଡ଼ିଥିଲେ। ପ୍ରଶାନ୍ତଙ୍କ ମରଶରୀର ସନ୍ଧ୍ୟାରେ ଗାଁରେ ପହଞ୍ଚିବା ପରେ ଉଭୟ ବାପାପୁଅଙ୍କ ଏକା ସଙ୍ଗେ ଅନ୍ତିମ ସଂସ୍କାର କରାଯାଇଥିଲା।




■ ବେଲଟିକିରି ଶିଶୁ ଗୃହ ଯୌନ ନିର୍ଯାତନା ମାମଲା

# ୨୦ ଶାଖା ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର,୧।୧୨(ବ୍ୟୁରୋ)



ପ୍ରଫୁଲ୍ଲ ସାମଲ

### ଶେଲ୍‌ଟର ହୋମ୍ ବେଆଇନ ଥିଲା: ମନ୍ତ୍ରୀ

ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ଶିଶୁ ଗୃହରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଛି। ଏହି ଘଟଣା ପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉକ୍ତ ଶେଲ୍‌ଟର ହୋମ୍‌କୁ ତୁରନ୍ତ ବନ୍ଦ କରିବା ସହ ୬୨ ଅନ୍ତେବାସୀଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ବିନା ଅନୁମତିରେ ଶେଲ୍‌ଟର ହୋମ ଚାଲିଥିଲା। ଜୁଭେନାଇଲ ଜଷ୍ଟିସ (କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ)(ଜେ.ଜେ.) ଆକ୍ଟ ଅନୁଯାୟୀ ଶେଲ୍‌ଟର ହୋମ୍‌କୁ ପଞ୍ଜୀକରଣ କରିବାକୁ ବହୁବାର କୁହାଯାଇଥିଲା। ମାତ୍ର ସଂସ୍ଥାର ପରିଚାଳକ ତାହା କଲେ ନାହିଁ। ତୁରନ୍ତ ପଞ୍ଜୀକରଣ ନ କଲେ ସଂସ୍ଥାର ଅନୁମତିକୁ ରଦ୍ଦ କରିବାକୁ ମଧ୍ୟ ଚେତାବନୀ ଦିଆଯାଇଥିଲା। ଏହା ସତ୍ତ୍ୱେ ସେମାନେ ଆଇନ ଉଲ୍ଲଂଘନ କରିଛନ୍ତି। ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟର ବିଭିନ୍ନ ସ୍ଥାନରେ ସଂସ୍ଥା ପକ୍ଷରୁ ଖୋଲାଯାଇଥିବା ୨୦ଟି ଶାଖାକୁ ତୁରନ୍ତ ବନ୍ଦ କରିବାକୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

■ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ

# ସ୍ୱାବଲମ୍ବୀ ହେବେ ମହିଳା

ବ୍ରହ୍ମପୁର ଅଫିସ/ଗୋପାଳପୁର,୧।୧୨

ରାଜ୍ୟରେ ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇବା ସରକାରଙ୍କ ମୂଳ ଲକ୍ଷ୍ୟ। ତେଣୁ ସବୁ କ୍ଷେତ୍ରରେ ସେମାନଙ୍କୁ ଗୁରୁତ୍ୱ ଦିଆଯାଉଛି। ମହିଳା ସଶକ୍ତୀକରଣକୁ ବ୍ୟାପକ କରିବା ଉପରେ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶନିବାର ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ୧୧୪ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ଯୋଜନାର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଆୟୋଜିତ ସମାବେଶରେ ସେ କହିଥିଲେ, ମହିଳାମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା ଦେଖାଉଛନ୍ତି। ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲା ଗସ୍ତରେ ଆସି ପ୍ରଥମେ ଗୋପାଳପୁର ନିର୍ବାଚନମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକର ପାଲୁରୁ ହିଲ ନିକଟରେ ୪୫ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ବିଲଡିଂକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୋପାଳପୁରରେ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବୃଦ୍ଧାଶ୍ରମର ଶିଳାନ୍ୟାସ ପାଲୁରୁ ହିଲରେ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ କୋଠା, ଲାଇବ୍ରେରୀ ବିଲଡିଂର ସମ୍ପ୍ରସାରଣ, ନୂଆ ଏକାଡେମିକ ବ୍ଲକ ଉଦ୍‌ଘାଟନ ସହ ଗୋପାଳପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ ଯୋଜନାର ଶିଳାନ୍ୟାସ କରିଥିଲେ। ଗୋପାଳପୁରର ମତ୍ସ୍ୟ ଅବତରଣ କେନ୍ଦ୍ର ଉଦ୍‌ଘାଟନ, ଏନ୍‌ଏସିର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରିଥିଲେ। ଆଦର୍ଶ ବିଦ୍ୟାଳୟରେ ହୋଇଥିବା ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଶିଳ୍ପ ବିକାଶରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଓଡ଼ିଶା ହକି ବିଶ୍ୱକପ ପାଇଁ ରାଜ୍ୟରେ କ୍ରୀଡ଼ାର ଉଲ୍ଲେଖନୀୟ ବିକାଶ ଘଟିଥିବା ପ୍ରମାଣିତ ହେବା ସହ ଦେଶର ଅନ୍ୟ ରାଜ୍ୟ ପାଇଁ ଓଡ଼ିଶା ମଡେଲ ହୋଇଛି। ବିଭାଗୀୟ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ବ୍ରହ୍ମପୁର ସମାବେଶରେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଏମ୍‌ପି ମହାପାତ୍ର ଓ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଭାଷଣ ଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଉଷା ଦେବୀ ଉପସ୍ଥିତ ଥିଲେ। ବିଧାୟକ ପ୍ରଦୀପ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରିୟାଂଶୁ ପ୍ରଧାନ, ଦେବରାଜ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଖୋଡ଼ାସିଙ୍ଗି ନିକଟ ଗୋପାଳପୁର ରେଲୱେ ଓଭରବ୍ରିଜକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। ବ୍ରହ୍ମପୁର ମେଡିକାଲ ପୋଲିସ ଫାଣ୍ଡି ନୂଆ କୋଠା, ମହିଳା ଥାନାର ନବନିର୍ମିତ ବିଲଡିଂ ଓ ପର୍ଯ୍ୟଟନ ବିଭାଗର ଜିଲା କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀ ଗୋଟିଏ ସ୍ଥାନରେ ଡିଜିଟାଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ।




ବ୍ରହ୍ମପୁର ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

### ବ୍ରହ୍ମପୁର-ଗୋପାଳପୁରରେ ବିଭିନ୍ନ ଯୋଜନାର ଉଦ୍‌ଘାଟନ, ଶିଳାନ୍ୟାସ

# ପୁରୀ ଶାଖାରେ ଚଢ଼ାଉ

ପୁରୀ ଅଫିସ, ୧।୧୨

### ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଶିଶୁଗୃହ

■ ରହୁଛନ୍ତି ୮୦ ନାବାଳିକା

■ ୨୦୧୭ରେ ବନ୍ଦ କରିଥିଲା ପ୍ରଶାସନ




ଢେଙ୍କାନାଳ ଜିଲା ବେଲଟିକିରି ସ୍ଥିତ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ ସେଣ୍ଟର (ଶିଶୁ ଗୃହ)ରେ ରହୁଥିବା ନାବାଳିକାଙ୍କୁ ଯୌନଶୋଷଣ ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଉକ୍ତ ସଂସ୍ଥାର ଏକ ଶାଖା ପୁରୀର ପେଣ୍ଠକଟା ଅଞ୍ଚଳରେ ଥିବା ଜଣାପଡିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଏବଂ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ର ୪ଜଣିଆ ଟିମ୍ ଶନିବାର ସେଠାରେ ଚଡାଉ କରିଛି। ଏହି ଟିମ୍ ଜିଲାପାଳଙ୍କୁ ରିପୋର୍ଟ ଦେଇ ସାରିଥିବା କୁହାଯାଉଛି। ରିପୋର୍ଟକୁ ଅନୁଧ୍ୟାନ କରି ଖୁବଶୀଘ୍ର ଜିଲାପାଳ ଏ ଦିଗରେ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି।

ଗୁଡ୍ ନ୍ୟୁଜ୍ ଇଣ୍ଡିଆ ପକ୍ଷରୁ ୨୦୦୭ ମସିହାରୁ ପେଣ୍ଠକଟା ଅଞ୍ଚଳରେ ଏକ ଶିଶୁ ଗୃହ ଚାଲିଥିଲା। ୨୦୧୨-୧୪ ମସିହାରେ ଜିଲାସ୍ତରରେ ଶିଶୁ ସୁରକ୍ଷା ୟୁନିଟ ଗଠନ ହେବା ପରେ ଏହି ଅନୁଷ୍ଠାନ ପ୍ରଶାସନ ସ୍କାନରକୁ ଆସିଥିଲା। ଉକ୍ତ ଶିଶୁ ଗୃହ ପଞ୍ଜୀକୃତ ମଧ୍ୟ ହୋଇଥିଲା। ୨୦୧୭ ମସିହାରେ ସେଠାରେ ସ୍ୱଚ୍ଛଳ ପରିବାରର ନାବାଳିକାମାନେ ରହୁଥିବା ଜଣାପଡିଥିଲା। ଏହାସହିତ କିଛି ଅନିୟମିତତା ଥିବା ଜଣାପଡିବା ପରେ ୨୦୧୭ ଅଗଷ୍ଟ ୧୯ରେ ଉକ୍ତ ଶିଶୁଗୃହ ତଥା ଶିଶୁ ଯତ୍ନ ଅନୁଷ୍ଠାନକୁ ଜିଲା ପ୍ରଶାସନ ବନ୍ଦ କରିଥିଲା। ସେଥିରେ ରହୁଥିବା ୭୬ ନାବାଳିକାଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ପୁଣି ଉକ୍ତ ସଂସ୍ଥା ପେଣ୍ଠକଟାରେ ପ୍ରଶାସନର ଅଗୋଚରରେ ଏକ ଶାଖା ଚଳାଉଛି। ଉକ୍ତ ଅନୁଷ୍ଠାନର ନାମ ରହିଛି ଗୁଡ୍ ନ୍ୟୁଜ୍ ଇଣ୍ଡିଆ ପୁରୀ ଶାଖା। ଢେଙ୍କାନାଳରେ ଉକ୍ତ ଘଟଣା ଘଟିବା ପରେ ପୁରୀ ଜିଲା ପ୍ରଶାସନର ନିଦ ଭାଙ୍ଗିଛି। ସିଡବ୍ଲୁସିର ସଦସ୍ୟ ରମାଶଙ୍କର ପାତ୍ର ଓ ଶକ୍ତିପଦ ମିଶ୍ର, ଡିସିପିୟୁର ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଏବଂ ରୋଜାଲିନ ପାତ୍ର ପେଣ୍ଠକଟାସ୍ଥିତ ଉକ୍ତ ଶିଶୁଗୃହକୁ ଯାଇ ତଦନ୍ତ କରିଛନ୍ତି। ବର୍ତ୍ତମାନ ସେଠାରେ ୮୧ ନାବାଳିକା ରହୁଥିବା ଜଣାପଡିଛି। ଜିଲା ପ୍ରଶାସନର ଏହି ୪ଜଣିଆ ଟିମ୍ ଉକ୍ତ ସଂସ୍ଥାରେ ରହୁଥିବା ନାବାଳିକାଙ୍କୁ ପଚରାଉଚୁରା କରିବା ସହିତ କାଗଜପତ୍ର ମଧ୍ୟ ଯାଞ୍ଚ କରିଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଶିଶୁଗୃହକୁ ୨୦୧୭ରେ ବନ୍ଦ କରାଯାଇଥିଲା। ବର୍ତ୍ତମାନ ଯାହା ଚାଲିଛି ତାହା ଶିଶୁଗୃହ ନୁହେଁ। ସେମାନେ ଫି ନେଇ ହଷ୍ଟେଲ ଚଳାଉଥିବା କହୁଛନ୍ତି। ସ୍ୱଚ୍ଛଳ ବର୍ଗର ପିତାମାତାଠାରୁ ଅର୍ଥ ନେଇ ସେମାନଙ୍କ ପିଲାମାନଙ୍କୁ ରଖି ପାଠ ପଢାଉଛନ୍ତି, କିନ୍ତୁ ସେଠାରେ ନାବାଳିକା ଅଛନ୍ତି। ଉକ୍ତ ସଂସ୍ଥାର ଶିଶୁ ଯତ୍ନ ଅନୁଷ୍ଠାନ ବନ୍ଦ କରିବା ବେଳେ ଆମେ ପୋଲିସକୁ ଅବଗତ କରାଇଥିଲୁ। ଉକ୍ତ ଥାନା ଇଲାକାରେ ବେଆଇନ ଭାବେ କୌଣସି ଶିଶୁ ଯତ୍ନ ଅନୁଷ୍ଠାନ ଖୋଲିଲେ ସେ ଦିଗରେ ପଦକ୍ଷେପ ନେବାକୁ ଚିଠି ଲେଖିଥିଲୁ। ବର୍ତ୍ତମାନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ସଂସ୍ଥାକୁ ଏକ ଟିମ୍ ଯାଇ ଅନୁଧ୍ୟାନ କରିଛି।

# ଜନଶୁଣାଣି କରିବାକୁ କେନ୍ଦ୍ର ଅକ୍ଷମ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

### ପୋଲାଭରମ ମାମଲା



ପୋଲାଭରମ ପ୍ରକଳ୍ପ ମାମଲାରେ ଓଡିଶା ଏବଂ ଛତିଶଗଡରେ ଜନଶୁଣାଣି କରିବାକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଅକ୍ଷମତା ପ୍ରକାଶ କରିଛି। ଏଥିସହିତ ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ଉକ୍ତ ଦୁଇ ରାଜ୍ୟରେ ଜନଶୁଣାଣି କରିବା ନିଷ୍ପତ୍ତିରୁ ମଧ୍ୟ ନିଜକୁ ଦୂରେଇ ଦେଇଛି। ଶନିବାର କେନ୍ଦ୍ର ସରକାର ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଏହା ଅବଗତ କରାଇଛନ୍ତି। ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ବିଜ୍ଞପ୍ତି ୨୦୦୬ ଅନୁଯାୟୀ ରାଜ୍ୟ ସରକାର ଜନଶୁଣାଣି କରିବା ଉଚିତ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜିଲାପାଳଙ୍କ ସହ ଆଲୋଚନା କରି ଜନଶୁଣାଣି କାର୍ଯ୍ୟକ୍ରମ ଶେଷ କରିବା କଥା। କେନ୍ଦ୍ର ସରକାରଙ୍କ ଓକିଲ ୨ ରାଜ୍ୟରେ ଜଣଶୁଣାଣି କରିବାକୁ ନଭେମ୍ବର ୨୯ରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ଏହାକୁ ଆଧାର କରି ଜନଶୁଣାଣି ନେଇ ଏକ ସ୍ୱାଧୀନ ସଂସ୍ଥାକୁ ନିଯୁକ୍ତି ଦେବା ସହ ଜନଶୁଣାଣି ପାଇଁ ଟର୍ମସ ଆଣ୍ଡ କଣ୍ଡିଶନ୍ସ ଜଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ସୋମବାର ଏହାର ପରବର୍ତ୍ତୀ ଶୁଣାଣି ହେବ।





୩୦୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ନୌସେନା ଓ ସ୍ଥଳସେନାର ସାମର୍ଥ୍ୟ ବୃଦ୍ଧି ଲାଗି ରୁଷିଆରୁ ଏହି ପ୍ରତିରକ୍ଷା ସାମଗ୍ରୀ କିଣାଯିବ। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ଅଧ୍ୟକ୍ଷତାରେ ଡିଏସି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାଜଲକ୍ଷ୍ମୀ
ପରିବାରବର୍ଗ


ଲିପୁନ୍
ପରିବାରବର୍ଗ


ଲିମା
ପରିବାରବର୍ଗ


ବାପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତିହେଲେ ଅଭିଜିତ୍

ଭୁବନେଶ୍ୱର, ୧।୧୨ (ବ୍ୟୁରୋ) – ଶ୍ରୀମନ୍ଦିର, ସୂର୍ଯ୍ୟ ମନ୍ଦିର ତଥା ଓଡ଼ିଶାର କଳା ସଂସ୍କୃତିକୁ ନେଇ ଅରୁଚିକର ମନ୍ତବ୍ୟ ଦେଇ ଗିରଫ ହୋଇଥିବା ଅଭିଜିତ୍ ଆୟର ମିତ୍ର ଅସୁସ୍ଥ ହୋଇପଡିବାରୁ ଶୁକ୍ରବାର ତାଙ୍କୁ ଝାରପଡ଼ା ଜେଲ୍‌ରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାନସିକ ବିଭାଗ ଆଉଟ୍‌ଡୋର୍‌ରେ ଚିକିତ୍ସା ପରେ ତାଙ୍କୁ ଜେଲ୍‌କୁ ନିଆଯାଇଥିଲା। ହେଲେ ଶନିବାର ପୁଣି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ରାତିରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଜରୀ ୱାର୍ଡରେ ତାଙ୍କର ଚିକିତ୍ସା ଚାଲିଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି।

# ଭାଜପା କାର୍ଯ୍ୟାଳୟରେ ଅପରାଜିତାଙ୍କୁ ସ୍ୱାଗତ

## ରାଜ୍ୟରେ ସରକାରୀ ପ୍ରୋତ୍ସାହିତ ଦୁର୍ନୀତି ଚାଲିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟରେ ସରକାରୀ ପ୍ରୋତ୍ସାହିତ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ୨୦୧୫ରେ ଓଡିଶାର ପିଡବ୍ଲ୍ୟୁଡି କୋଡ୍‌କୁ ପରିବର୍ତ୍ତନ କରାଯାଇ ୫୦ ହଜାର ବଦଳରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟ ପାଇଁ ଟେଣ୍ଡରର ଆବଶ୍ୟକତା ନାହିଁ ବୋଲି ବିଜେଡି ସରକାର ନିୟମ ପ୍ରଣୟନ କଲେ। ବିଭିନ୍ନ ବିଭାଗରେ ବିନା ଟେଣ୍ଡରରେ ପିସି ନେବା ପାଇଁ ବାଟ ଖୋଲି ଦିଆଯାଇଛି। ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ପୂର୍ବତନ ଆଇଏଏସ ଅଫିସର ଅପରାଜିତା ଷଡଙ୍ଗୀଙ୍କ ସ୍ୱାଗତ ସଭାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ରାଜ୍ୟରେ ଅଣ ଯୋଜନା ବଜେଟରେ ବାର୍ଷିକ ୧୦ ହଜାର କୋଟି ଟଙ୍କାର କାମ ବିନା ଟେଣ୍ଡରରେ ଦଳୀୟ କର୍ମୀମାନଙ୍କୁ ଦିଆଯାଉଛି। ଢେଙ୍କାନାଳ ଜିଲାରେ ବିୟର ଫ୍ୟାକ୍ଟ୍ରି ପାଇଁ ଅନୁମତି ଦିଆଗଲା। ମାଆ ଭଉଣୀଙ୍କ ବିରୋଧ ସତ୍ତ୍ୱେ ରାତିଅଧିଆ ହଜାର ହଜାର ଗଛ କାଟି ଦିଆଗଲା। ଲୋକମାନେ ଛି ଛି କହିବା ପରେ ମୁଖ୍ୟମନ୍ତ୍ରୀ ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଲେ। ଏହା କଟାଘା'ରେ ଚୂନ ବୋଲି ଧର୍ମେନ୍ଦ୍ର କହିଛନ୍ତି। ରାଜ୍ୟ ସରକାର ଲୋକମାନଙ୍କୁ ପାଇଖାନା ଯୋଗାଇ ଦେଇ ପାରୁ ନ ଥିବା ବେଳେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ୭୦ ଲକ୍ଷ ମୋବାଇଲ ଫୋନ ଦେବାକୁ କହିଛନ୍ତି। ପାଇଖାନା ନିର୍ମାଣ କ୍ଷେତ୍ରରେ ଓଡିଶା ସବା ତଳେ ରହିଛି। ଅପରାଜିତା ଷଡଙ୍ଗୀ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଆବେଦନ ୨୪ ଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ପହଞ୍ଚିଲା। ୨ ମାସ ପର୍ଯ୍ୟନ୍ତ କେଉଁ ଡରରେ ଅଟକାଇଥିଲେ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଆସନ୍ତା ୨୦୧୯ରେ ନିର୍ବାଚନ ହେବ। ପୁଣିଥରେ ମୋଦି ପ୍ରଧାନମନ୍ତ୍ରୀ ହେବେ, ଏଥିରେ କାହାର ତିଳେମାତ୍ର ସନ୍ଦେହ ନାହିଁ। ଓଡିଶାରେ ପରିବର୍ତ୍ତନ ପାଇଁ କଠୋର ପରିଶ୍ରମ କରିବାକୁ ଧର୍ମେନ୍ଦ୍ର କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି।



ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟ ବାହାରେ ଅପରାଜିତା ଷଡଙ୍ଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

### ଧର୍ମେନ୍ଦ୍ରଙ୍କ ଅଭିଯୋଗ ଭିତ୍ତିହୀନ: ବିଜେଡି

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ସ୍ୱେଚ୍ଛାକୃତ ଅବସର ଯୋଜନାରେ ପୂର୍ବତନ ଆଇଏଏସ୍ ଅଫିସର ଅପରାଜିତା ଷଡଙ୍ଗୀ ସରକାରୀ ଚାକିରିରୁ ଅବସର ନେବାକୁ ଯେଉଁ ଆବେଦନ କରିଥିଲେ ରାଜ୍ୟ ସରକାର ସେଥିରେ ୨ ମାସ ବିଳମ୍ବ କରିଥିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଭିତ୍ତିହୀନ ଓ ଅସତ୍ୟ ବୋଲି ବିଜେଡି ମୁଖପାତ୍ର ସୁଲୋଚନା ଦାଶ କହିଛନ୍ତି। ସୁଲୋଚନା ଶନିବାର କହିଛନ୍ତି, ଷଡଙ୍ଗୀ ରାଜନୀତିରେ ପାଦ ରଖୁ ରଖୁ ମିଛ କହିବା ଆରମ୍ଭ କଲେଣି। ସେ ଏକ ବିଦେଶୀ ଏନଜିଓରେ ଯୋଗଦେବେ ବୋଲି ଅବସର କାରଣ ଭାବେ ଦର୍ଶାଇଥିଲେ। ଏବେ ତାଙ୍କର ମିଥ୍ୟା ଧରାପଡିଲା।

ପ୍ରଥମ ପୃଷ୍ଠାରୁ...

## ଘୋଷଣାକୁ...

କରନ୍ତୁ ବୋଲି ମତ ରଖିଛନ୍ତି। ହେଲେ କୌଣସି ଅଫିସରଙ୍କ ସହ ଆଲୋଚନା କରି ବିଜୟ ବିଜେଡି ଯିବେ ନାହିଁ ବୋଲି ତାଙ୍କର ଜଣେ ସମର୍ଥକ କହିଛନ୍ତି। ଭିତିରି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ୨୦୦୪ ଓ ୨୦୦୯ରେ ବିଜୟଙ୍କୁ ହରାଇବା ପାଇଁ ଯେଉଁ କେତେଜଣ ସରକାରୀ ଅଫିସର କାର୍ଯ୍ୟ କରିଥିଲେ, ସେମାନେ ଏବେ ବିଜୟଙ୍କୁ ବିଜେଡିକୁ ପାଛୋଟି ଆଣିବା ପାଇଁ ମସୁଧା ଚଳାଇଛନ୍ତି। ଏଥିରେ ଶକ୍ତି ବିଭାଗର ଜଣେ ଅଧିକାରୀ ପ୍ରମୁଖ ଭୂମିକା ନେଉଥିବା ରାଜଧାନୀରେ ଚର୍ଚ୍ଚା ହେଉଛି। ହେଲେ ଏହି ଯୋଜନାକୁ ଦଳର ନେତୃତ୍ୱ 'ଓକେ' କରୁଛନ୍ତି ନା ନାହିଁ, ତାହା ଉପରେ ରାଜନୈତିକ ମହଲର ନଜର ରହିବ। ଦୁଇଦିନ ତଳେ ଏହି ବାସ୍ତବତାଠାରୁ ଦୃଷ୍ଟି ହଟାଇବା ପାଇଁ ସୋସିଆଲ ମିଡିଆର ସାହାଯ୍ୟ ଲୋଡାଯାଇଥିଲା। ସଚିବାଳୟରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଏକ ସଙ୍ଗେ ଗୁଜବ ସୃଷ୍ଟି କରାଇ ଦିଆଗଲା ଯେ, ୩ ଜଣ ବିଜେଡି ଏମ୍‌ପି, (୨ ଜଣ ରାଜ୍ୟ ସଭା ଓ ଜଣେ ଲୋକ ସଭାର) ମିଳିତ ଭାବେ ବିଜୟ ମହାପାତ୍ରଙ୍କ ସାଙ୍ଗେ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। କିନ୍ତୁ ମିଳିଥିବା ଖବର ଅନୁଯାୟୀ ଏହା ସତ୍ୟ ନୁହେଁ। ହେଲେ କେନ୍ଦ୍ରାପଡା ଜିଲାରେ ଦଳର ସ୍ଥିତିକୁ ମଜଭୁତ କରିବା ପାଇଁ ବିଜୟଙ୍କୁ ଭଲ ରାଜନୈତିକ ଅସ୍ତ୍ର ବୋଲି ବିଜେଡିର କେତେଜଣ ନେତା ବିଚାର କରୁଛନ୍ତି। ପୁଣି କେନ୍ଦ୍ରାପଡା ମୂଳ ନିବାସୀ ଦିଲୀପ ରାୟ ଉକ୍ତ ଜିଲାରୁ ପ୍ରତିନିଧିତ୍ୱ କରିବା ନେଇ ମଧ୍ୟ ଆଲୋଚନା ହେଉଛି। ୨୦୧୯ରେ ସେ ଆଉ ରାଉରକେଲାରୁ ଲଢିବେ ନାହିଁ ବୋଲି ଘୋଷଣା କରିଛନ୍ତି, ଯାହା ଏହି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ପୂର୍ବରୁ ଏମ୍‌ପି ଓ କେନ୍ଦ୍ରମନ୍ତ୍ରୀ ହୋଇଥିବା ଦିଲୀପ ବିଜେଡିକୁ ଆସିଲେ ଲୋକ ସଭା କି ରାଜ୍ୟ ସଭା ଲଢିପାରନ୍ତି ବୋଲି ଆଲୋଚନା ହେଉଛି। ହେଲେ ନବେ ଦଶକରେ ସୁପର୍ ସିଏମ୍ ବୋଲାଉଥିବା ବିଜୟ ବିଧାନସଭା ଛାଡି ଲୋକ ସଭା ନିର୍ବାଚନ ଲଢିବେ ଏକଥା କେତେକ ସମୀକ୍ଷକ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ତେଣୁ ୧୫ ଦିନ ପରେ ଉଭୟ ବିଜୟ ଓ ଦିଲୀପ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

## ବୁଶ୍‌ଙ୍କ...

ଏବଂ ଏହି ଯୁଦ୍ଧର ଅନ୍ତ ଘଟାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ସର୍ବଶ୍ରେଷ୍ଠ ବାପା ଥିଲେ ବୋଲି ଜର୍ଜ ବୁଶ୍ ଜୁନିୟର କହିଛନ୍ତି। ଶୀତଳ ଯୁଦ୍ଧ ସମୟରେ ଏଚ.ଡବ୍ଲ୍ୟୁ. ବୁଶ୍‌ଙ୍କ ଅବିଚଳିତ ନେତୃତ୍ୱକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଚ୍ଚ ପ୍ରଶଂସା କରିଛନ୍ତି। ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ବିଚକ୍ଷଣ ବୁଦ୍ଧିମତ୍ତା ଏବଂ ଆସ୍ଥା ପ୍ରତି ଦୃଢ଼ ପ୍ରତିବଦ୍ଧତା ଆମେରିକାର ପରବର୍ତ୍ତୀ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଟ୍ରମ୍ପ୍ କହିଛନ୍ତି।

ବୁଶ୍ ଦୀର୍ଘଦିନ ହେବ ପାର୍କିନ୍‌ସନ ରୋଗରେ ପୀଡିତ ଥିଲେ। କିଛିବର୍ଷ ହେଲା ସେ ହ୍ୱିଲ୍ ଚେୟାର ବ୍ୟବହାର କରିଆସୁଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଯୋଗୁ କିଛିଦିନ ହେଲା ସେ ବାରମ୍ବାର ହସ୍ପିଟାଲ ଯାଉଥିଲେ। ଗତ ଏପ୍ରିଲ୍ ମାସରେ ସ୍ତ୍ରୀ ବାର୍ବରାଙ୍କ ପରଲୋକ ବେଳେ ସେ ମଧ୍ୟ ରକ୍ତ ସଂକ୍ରମଣରେ ଗୁରୁତର ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଶ୍‌ଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ବୁଶ୍ ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ଼ କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ ବୋଲି ମୋଦି କହିଛନ୍ତି।

## ଗହୀରକୁ...

ପ୍ରତିବାଦ କରିଥିଲେ। ଏପରି ସମ୍ବେଦନଶୀଳ ଘଟଣା ପ୍ରଘଟ ପରେ ସବୁଆଡ୍ରୁ ନିନ୍ଦିତ ହୋଇଥିବା ପ୍ରଶାସନ ଅପାରଗତା ଘୋଡ଼ାଇବାକୁ ଖୋଳତାଡ଼ ଆରମ୍ଭ କରିଛି। ଶନିବାର ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ଛାନଭିନ୍ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।



ଅନୁଷ୍ଠାନ ସମ୍ମୁଖରେ ପ୍ରତିବାଦ କରୁଛନ୍ତି ବେଲଟିକିରି ଗ୍ରାମବାସୀ।

ଅପରପକ୍ଷେ ଅଭିଯୁକ୍ତ ସୀମାଞ୍ଚଳଙ୍କ ସ୍ତ୍ରୀ ଅନୁଷ୍ଠାନର ମୁଖ୍ୟ ଡ. ଫୟାଜ ରେହମାନଙ୍କ ବିରୋଧରେ ଆଣିଛନ୍ତି ସଙ୍ଗିନ ଅଭିଯୋଗ। ସେ କହିଛନ୍ତି, ଅନୁଷ୍ଠାନ ପରିଦର୍ଶନ କରିବାକୁ ଆସୁଥିବାବେଳେ ଫୟାଜ୍ ନାବାଳିକାଙ୍କୁ କିସ୍ ଏବଂ ହଗ୍ କରିବାକୁ ବାଧ କରୁଥିଲେ। ଏହାକୁ ବିରୋଧ କରିବାରୁ ତାଙ୍କ ସ୍ୱାମୀଙ୍କୁ ଫସାଇ ଦିଆଯାଇଛି। ଏପରି ଅଭିଯୋଗକୁ ଅଧିକ ରୋଚକ କରିଛି ରୋଷେୟା ପୀତବାସ ଦିଗଲଙ୍କ ମତ। ପୀତବାସ କହିଛନ୍ତି, ଫୟାଜ ରେହମାନ ମାସେ ଦୁଇମାସରେ ଥରେ ଏଠାକୁ ଆସନ୍ତି। ତାଙ୍କୁ ଆଲିଙ୍ଗନ କରିବା, ଚୁମା ଦେବାକୁ ପ୍ରବର୍ତ୍ତାଯାଉଥିଲା। ସୀମାଞ୍ଚଳ ନାୟକଙ୍କ ବିଷୟରେ ଆସିଥିବା ଅଭିଯୋଗ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି। ଅନ୍ୟ କେତେଜଣ ଛାତ୍ରୀ ସୀମାଞ୍ଚଳଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି, ଯାହା ସମସ୍ତ ଘଟଣାକୁ ରହସ୍ୟାବୃତ କରିଛି।

ଏ ନେଇ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ପୋକ୍‌ସୋ ଆକ୍ଟରେ କୌଣସି ତଥ୍ୟ ଦେବାର ଅଧିକାର ପୋଲିସକୁ ଦିଆଯାଇନାହିଁ। ଜିଲାପାଳ କୁହନ୍ତି, ପିଲାଙ୍କ ସୁରକ୍ଷା ଏବଂ ପାଠପଢ଼ା ପ୍ରଥମ ଦାୟିତ୍ୱ। ସେମାନଙ୍କୁ ପୋଲିସ ସୁରକ୍ଷା ବଳୟରେ ରଖାଯାଇଛି। 'ଡ୍ରିମ୍ ସେଣ୍ଟର' ଶେଲ୍‌ଟର ଗୃହ ନୁହେଁ। ଅନୁଷ୍ଠାନ ପକ୍ଷରୁ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁମତି ଲାଗି ପ୍ରଶାସନ ନିକଟରେ ଆବେଦନ କରାଯାଇଥିଲା। ଏହାକୁ ଅଗ୍ରାହ୍ୟ କରି ଦିଆଯିବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ମାମଲା ବିଚାରାଧୀନ ରହିଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣାକୁ ନେଇ ବେଲଟିକିରି ଗ୍ରାମରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ଶିକ୍ଷାବିତ୍ ସୁଶାନ୍ତ ମିଶ୍ର, ବଳଭଦ୍ର ସାମଲ, ସତ୍ୟାନନ୍ଦ ମଲ୍ଲିକ ଏହାକୁ ଜଘନ୍ୟ ଘଟଣା ବୋଲି କହିବା ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ପ୍ରଶାସନିକ ଅବହେଳାରୁ କେଳେଙ୍କାରୀ

୨୦୧୫ରେ ଢେଙ୍କାନାଳ ସହର କାଲ୍‌ଟାକ୍ସରେ ରହିଥିଲା 'ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଶିଶୁଗୃହ। ଏହି ସମୟରେ ମଧ୍ୟ ସଂସ୍ଥା ବିରୋଧରେ ଆସିଥିଲା ଅନେକ ଅଭିଯୋଗ। ରାଜ୍ୟ ସରକାରଙ୍କ ସୋସାଇଟି ଆକ୍ଟ, ଟ୍ରଷ୍ଟ ଆକ୍ଟ ଏବଂ କମ୍ପାନୀ ଆକ୍ଟରେ ପଞ୍ଜୀକୃତ ହୋଇ ନ ଥିଲା ଅନୁଷ୍ଠାନ। ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟକୁ ଅଣଦେଖା କରି ଏହା ଚାଲିଥିଲା। ଏସବୁ ଜଣାପଡ଼ିବା ପରେ ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁ ଏହାକୁ ବନ୍ଦ କରିବାକୁ ୨୦୧୫ ଏପ୍ରିଲ ୨୭, ଚିଠି ନଂ. ୧୩୪/ଡିସିପିଓ/ଡିକେଏଲ୍‌ରେ ନିର୍ଦ୍ଦେଶ ଦେଇଥିଲେ। ଏହାର ନକଲ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶକଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ୩୦ଦିନ ମଧ୍ୟରେ ବନ୍ଦ କରା ନ ଗଲେ ଅନୁଷ୍ଠାନକୁ ବେଆଇନ ଦର୍ଶାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶେଲ୍‌ଟର ହୋମ୍ ସମ୍ପାଦକଙ୍କୁ ତାଗିଦ୍ କରାଯାଇଥିଲା।

ହେଲେ ପରବର୍ତ୍ତୀ ସମୟରେ ଏଥିପ୍ରତି ଆଖି ବୁଜିଦେଇଥିଲା ପ୍ରଶାସନ। ସଂସ୍ଥା କିପରି ଚାଲିଛି, ଅନ୍ତେବାସୀ କେମିତି ରହୁଛନ୍ତି ସେସବୁ ପ୍ରତି ବିଭାଗୀୟ ଅଧିକାରୀ ନଜର ଦେଇ ନ ଥିଲେ। ଫଳରେ ଅନ୍ତେବାସୀଙ୍କୁ ପୁଣିଥରେ ନିର୍ଯାତନା ଭୋଗିବାକୁ ପଡ଼ିଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

# ମୁଣ୍ଡ ନୁଆଁଇଛି ପୋଲିସ

- କଙ୍ଗାରୁ କୋର୍ଟ କରି ଦେଲେ ଦଣ୍ଡ
- ଘର ଆଗରେ ପକାଯାଇଛି କଣ୍ଟାଡାଳ
- ୨ ପରିବାରକୁ ୨ଲକ୍ଷ ଲେଖାଏ ଜରିମାନା

ନୟାଗଡ଼ ଅଫିସ,୧।୧୨

ଲୋକଙ୍କ ସୁରକ୍ଷା ପାଇଁ ରହିଥିବା ପୋଲିସ ଶେଷରେ ଗ୍ରାମବାସୀଙ୍କ ଆଗରେ ମୁଣ୍ଡ ନୁଆଁଇଛି। ଏଭଳି ଘଟଣା ନୟାଗଡ଼ ଜିଲା ସଦର ଥାନା ଗୁଡୁପାଙ୍ଗୀ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମବାସୀ କଙ୍ଗାରୁ କୋର୍ଟ କରି ୨ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଟଙ୍କା ଦେବାରେ ଅମଙ୍ଗ ହେବାରୁ ଗୋଟିଏ ପରିବାରର ଘର ଆଗରେ ଦୁଇଦିନ ହେଲା କଣ୍ଟାବାଡ଼ ପକାଇ ସେମାନଙ୍କୁ ଅଟକାଇ ରଖାଯାଇଛି। ସେହିପରି ଆଉ ଏକ ପରିବାର ନିର୍ଯାତନାର ଶିକାର ହୋଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏପରିସ୍ଥଳେ ସଦର ପୋଲିସ ପୀଡ଼ିତମାନଙ୍କୁ ନ୍ୟାୟ ଦେବ କ'ଣ ଓଲଟି ଗ୍ରାମବାସୀଙ୍କ ଭୟରେ ଗ୍ରାମରେ ପାଦ ମଧ୍ୟ ପକାଉନାହିଁ।

ଗୁଡୁପାଙ୍ଗୀ ଗ୍ରାମର ଜଣେ ବିବାହିତା ମହିଳା ଜଣେ ଅବିବାହିତ ଯୁବକଙ୍କ ସହିତ ୪ ମାସ ତଳେ ଫେରାର ହୋଇଯାଇଥିଲେ। ମହିଳାଙ୍କ ସ୍ୱାମୀ ତାଙ୍କ ସନ୍ଧାନ ପାଇବା ପରେ ଥାନାରେ ଏହାର ଆପୋସ ସମାଧାନ ହୋଇଥିଲା। ସେପଟେ ଅବିବାହିତ ଯୁବକ ଜଣକ ଫେରି ଗ୍ରାମରେ ରହିଆସୁଥିଲେ। ୩ଦିନ ତଳେ ଏ ନେଇ ଗ୍ରାମରେ ସଭା କରାଯାଇଥିଲା। ମହିଳାଙ୍କୁ ସାଙ୍ଗରେ ନେଇ ଫେରାର ହୋଇଯାଇଥିବାରୁ ଅବିବାହିତ ଯୁବକଙ୍କୁ ୨ଲକ୍ଷ ଟଙ୍କା ଜରିମାନା ଦେବାକୁ ଗ୍ରାମ କମିଟି କଙ୍ଗାରୁ କୋର୍ଟ ମାଧ୍ୟମରେ ନିଷ୍ପତ୍ତି ନେଇଥିଲା। ହେଲେ ଯୁବକଙ୍କ ପରିବାର ଏଥିରେ ରାଜିହୋଇ ନ ଥିଲେ। ଫଳରେ ଗ୍ରାମବାସୀ ଦୁଇଦିନ ହେଲା ତାଙ୍କ ଘର ଆଗରେ କଣ୍ଟାଡାଳ ପକାଇ ରଖିଛନ୍ତି। ସେହିଭଳି ଉକ୍ତ ଗ୍ରାମର ସନ୍ତୋଷ ପରିଡା ଗ୍ରାମବାସୀଙ୍କ କଥା ଶୁଣନ୍ତି ନାହିଁ। ଫଳରେ ଗ୍ରାମରେ ରହୁଥିବା ୧୬୦ ପରିବାର ତାଙ୍କ ପରିବାରକୁ ଏକଘରିଆ ରଖିଥିଲେ। ସେ ଗ୍ରାମରେ ମିଶିବାକୁ ଚାହିଁବାରୁ ୨ଲକ୍ଷ ଟଙ୍କା ଜରିମାନା ଦେଲେ ତାଙ୍କ ଉପରେ ଥିବା କଟକଣା ଉଠିଯିବ ବୋଲି ଗ୍ରାମର ମୁଖିଆମାନେ କହିଥିଲେ। ହେଲେ ସନ୍ତୋଷ ଏଥିରେ ରାଜି ହେଲେ ନାହିଁ। ଏ ନେଇ ସନ୍ତୋଷ ଜିଲାପାଳ, ଏସ୍‌ପି ଓ ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଟଙ୍କାଦେଇ ନ ଥିବାରୁ ଗ୍ରାମବାସୀ ଶନିବାର ସନ୍ତୋଷଙ୍କ ବିଲର ସମସ୍ତ ଧାନ କାଟି ଦେଇଛନ୍ତି।

# ୬ ଖଣିର ଲିଜ୍ ବାତିଲ

ଯୋଡ଼ା, ୧।୧୨(ଡି.ଏନ.ଏ.)

ଖଣି ମହାଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜରିମାନା ଖିଲାପୀ କରିଥିବା ଯୋଡ଼ା ଖଣି ମଣ୍ଡଳର ୬ ଖଣିର ଲିଜ୍ ବାତିଲ ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଖିଲାପି ଖଣିଗୁଡିକର ଲିଜ ବାତିଲ କରାଯାଇଥିବା ଗୁରୁବାର ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି। ଯୋଡା ଖଣି ମଣ୍ଡଳର ଅର୍ଜୁନ ଲୋଧା ବାଲାଗୋଡ଼ା ଆଇରନ ଓ ମାଙ୍ଗାନିଜ ମାଇନ୍ସ ଲିଜ୍ ଅଞ୍ଚଳ ୩୨୬.୦୫ ହେକ୍ଟର ଥିବା ବେଳେ ୬୩ କୋଟି ୪୨ ଲକ୍ଷ ୭୦ ହଜାର ୮୬୦ ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ସେହିପରି ବି.ଡି. ପଟ୍ଟନାୟକର କଳାପର୍ବତ ଆଇରନ ମାଇନ୍ସ ଲିଜ୍ ଅଞ୍ଚଳ ୨୫.୬୩୩ ହେକ୍ଟର, ଜରିମାନା ଅର୍ଥ ୮ କୋଟି ୩୫ ଲକ୍ଷ ୫୮ ହଜାର ୧୬୫ ଟଙ୍କା, ଭଞ୍ଜ ମିନେରାଲ୍ସ ଲିମିଟେଡ୍‌ର ଇଙ୍ଗାଣିଝରଣ ଆଇରନ ଆଣ୍ଡ ମାଙ୍ଗାନିଜ ମାଇନ୍ସ ଲିଜ ଅଞ୍ଚଳ ୨୪୬.୩୧୩ ହେକ୍ଟର ଓ ଜରିମାନା ଅର୍ଥ ୭୩ କୋଟି ୯ ଲକ୍ଷ ୪୯ ହଜାର ୪୯୧ ଟଙ୍କା, ଏଚ୍‌ଜି ପାଣ୍ଡ୍ୟା ଜଜାଙ୍ଗ ଆଇରନ ଏଣ୍ଡ ମାଙ୍ଗାନିଜ ମାଇନ୍ସର ଲିଜ୍ ଅଞ୍ଚଳ ୧୦୦.୧୭୩ ହେକ୍ଟର, ଜରିମାନା ଅର୍ଥ ୮୬ କୋଟି ୪୧ ଲକ୍ଷ ୨୦ ହଜାର ୬୯୮ ଟଙ୍କା, ଏମ୍.ଆର. ଦାସ ଦେଓଝରର ଆଇରନ ମାଇନ୍ସର ଲିଜ୍ ଅଞ୍ଚଳ ୧୧.୫୩୭ ହେକ୍ଟର ଓ ଜରିମାନା ଅର୍ଥ ୨ କୋଟି ୯୦ ଲକ୍ଷ ୪୫ ହଜାର ୭୭୨ ଟଙ୍କା, ମିନେରାଲ ଟ୍ରେଡିଂ ସିଣ୍ଡିକେଟ ଭୋଲବେଡା ମାଇନ୍ସର ଲିଜ୍ ଅଞ୍ଚଳ ୬୨.୩୨୨ ହେକ୍ଟର ଓ ଜରିମାନା ଅର୍ଥ ୫ କୋଟି ୯୭ ଲକ୍ଷ ୧୫ ହଜାର ୮୯୧ ଟଙ୍କା ଜରିମାନା କରାଯାଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ଉକ୍ତ ଖଣିଗୁଡିକର ଲିଜ୍ ବ୍ୟାଜାପ୍ତି ପାଇଁ ଗତ ଜୁଲାଇଠାରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## 'ଧରିତ୍ରୀ'...

ହେଉଥିବା ଅବ୍ୟବସ୍ଥା ସମ୍ପର୍କରେ ଖବର ପ୍ରକାଶନ ପରେ ଏହାକୁ ଚାପି ଦେବାକୁ ଯଥାସାଧ୍ୟ ଉଦ୍ୟମ କରିଥିଲେ ଅନୁଷ୍ଠାନ କର୍ତ୍ତୃପକ୍ଷ। ଅନ୍ୟ ଶାଖାଗୁଡ଼ିକୁ ତୁରନ୍ତ ଏ ନେଇ ସତର୍କ କରାଇ ଦିଆଯାଇଥିଲା। ଏପରି କି ଅନୁଷ୍ଠାନର କାର୍ଯ୍ୟାବଳୀ ସମ୍ପର୍କରେ କୌଣସି ତଥ୍ୟ ପ୍ରଘଟ ନ କରିବାକୁ ତାଗିଦ୍ ମଧ୍ୟ କରାଯାଇଥିଲା।

ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବାକୁ ପ୍ରମୋଦ ରାଉଳ ନାମକ ଜଣେ ଅଧିକାରୀ ଇମେଲ୍ ଯୋଗେ ସେପ୍ଟେମ୍ବର ୨୪ରେ ଅନୁଷ୍ଠାନଗୁଡ଼ିକୁ ଜଣାଇଥିଲେ। ଏହି ଚିଠି ବେଲଟିକିରି ସେଣ୍ଟରର କେୟାରଟେକର ସୀମାଞ୍ଚଳ ନାୟକଙ୍କ ପାଖକୁ ମଧ୍ୟ ଆସିଥିଲା, ଯେଉଁଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି, 'ଧରିତ୍ରୀ' ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ସାବଧାନ ରୁହ। କେବଳ ଏତିକି ନୁହେଁ, ଅନୁଷ୍ଠାନ ମୁଖ୍ୟଙ୍କ ପରିଦର୍ଶନବେଳେ ପିଲାମାନେ କିସ୍, ହଗ୍ କରୁଥିବା ସମ୍ପର୍କରେ କାହାରିକୁ ନ କହିବାକୁ ମଧ୍ୟ ଏଥିରେ ପରାମର୍ଶ ମଧ୍ୟ ଦିଆଯାଇଛି। ଏଥିସହ ଫୟାଜଙ୍କୁ ପିଲାମାନେ 'ଡାଡି' ଡାକୁଛନ୍ତି ବୋଲି କହିବା ପାଇଁ ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା। ଏହି ଚିଠି ପଦାକୁ ଆସିବା ପରେ ପୁଣିଥରେ ପର୍ଦ୍ଦାଫାଶ ହୋଇଛି ଅନୁଷ୍ଠାନର କଳାକାରନାମା।

## ଶିଶୁ ସଦନରେ...

ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ)କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ସିସିଆଇର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ପୀଡିତ ନାବାଳକଙ୍କୁ କଣାସସ୍ଥିତ ନୀଳାଚଳ ସେବା ପରିଷଦ(ଏନ୍‌ଏସ୍‌ପି)କୁ ସ୍ଥାନାନ୍ତର କରାଯାଇଛି। ସତ୍ୟବାଦୀସ୍ଥିତ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିର ନିକଟରେ ରହିଛି ଆଚାର୍ଯ୍ୟ ହରିହର ଶିଶୁ ସଦନ। ଏହା ଜିଲା ପ୍ରଶାସନ ଦ୍ୱାରା ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଦ୍ୱାରା ପଞ୍ଜୀକୃତ। ଦୁଇ ନାବାଳକ (ଦୁଇ ଭାଇ) କିଛିଦିନ ତଳେ ଚାଇଲ୍ଡ ଲାଇନ୍ ଦ୍ୱାରା ଉଦ୍ଧାର ହୋଇଥିଲେ। ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)ର ନିର୍ଦ୍ଦେଶକ୍ରମେ ଦୁଇଭାଇଙ୍କୁ ଉକ୍ତ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ୫ ଦିନ ତଳେ ଶିଶୁ ସଦନର ତତ୍ତ୍ୱାବଧାରକ କୌଣସି କାରଣକୁ ନେଇ ଦୁଇ ନାବାଳକଙ୍କ ଉପରେ ବିଗିଡିବା ସହିତ ସାନଭାଇ (୧୧)ଙ୍କ ବେକ ଓ ପିଠିରେ ଚେଙ୍କ ଦେଇଥିଲେ। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ନିକଟକୁ ଏକ ଅଭିଯୋଗ ଆସିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡିସିପିୟୁ, ସିଡବ୍ଲ୍ୟୁସି ଏବଂ ସତ୍ୟବାଦୀ ଥାନା ପୋଲିସ ଘଟଣାର ତଦନ୍ତ ଲାଗି ଉକ୍ତ ଶିଶୁ ଯତ୍ନ ଅନୁଷ୍ଠାନକୁ ଯାଇଥିଲେ। ଉକ୍ତ ନାବାଳକଙ୍କୁ ଡାକି କାଉନ୍‌ସେଲିଂ କରିଥିଲେ। ତାଙ୍କଠାରୁ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଡିସିପିୟୁର ରିପୋର୍ଟକୁ ଭିତ୍ତିକରି ଉକ୍ତ ନାବାଳକଙ୍କୁ କଣାସ ଏନ୍‌ଏସ୍‌ପିରେ ରଖିବା ସହ ସିସିଆଇର ତତ୍ତ୍ୱାବଧାରକଙ୍କୁ କାର୍ଯ୍ୟରୁ ଅନ୍ତର କରିବା ଲାଗି ସିଡବ୍ଲ୍ୟୁସି ନିର୍ଦ୍ଦେଶ ଦେଇଥିଲା। ଏ ସମ୍ପର୍କରେ ସିଡବ୍ଲ୍ୟୁସିର ଅଧ୍ୟକ୍ଷ ରୁଦ୍ର ନାରାୟଣ ସାହୁ କହିଛନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ କରାଯାଇ ଅନୁଷ୍ଠାନର ତତ୍ତ୍ୱାବଧାରକଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ତାଙ୍କ ସ୍ଥାନରେ ଅନ୍ୟଜଣଙ୍କୁ ସାମୟିକ ଭାବେ ଦାୟିତ୍ୱ ଦିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହ ଅନୁରୂପ ମନ୍ତବ୍ୟ ରଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଷଷ୍ଠସ୍ଥ ଚନ୍ଦ୍ରଙ୍କ ସମ୍ମୁଖ ଭାଗରେ ଶୁକ୍ର ଆପଣଙ୍କ ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବ। ସାମାନ୍ୟ ଅଣ୍ଡାଜନିତ ପୀଡ଼ା ଅନୁଭବ ସାଙ୍ଗକୁ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ।

**ବୃଷ** – ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ବନ୍ଧୁଙ୍କ ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇ ପାରନ୍ତି। କଥାକୁ ଠିକ୍ ଭାବରେ ନ ବୁଝି କିମ୍ବା ମଉଜିଆ କଥାକୁ ନେଇ କଳହ ଲାଗିପାରେ। ଅଫିସରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରି କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ଭଲରେ ଚାଲିବ।

**ମିଥୁନ** – ଭାଗ୍ୟସ୍ଥାନରେ ଲାଭାଧିପତି ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ସାଙ୍ଗକୁ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ କରାଇବ। ବିଭିନ୍ନ ଯୋଜନା, ସାଂଗଠନିକ କାର୍ଯ୍ୟରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଧାରଣ କଥାକୁ ନେଇ ଅପରାହ୍ନରେ ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ।

**କର୍କଟ** – ରାହୁ ସହ ମଙ୍ଗଳଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଏବଂ ପରିଜନଙ୍କ ସହ କୌଣସି ଯାତ୍ରା ଓ ନୂତନ କର୍ମାରମ୍ଭ ଆଲୋଚନା ଫଳପ୍ରଦ ହେବ।

**ସିଂହ** – ଧନସ୍ଥାନରେ ଚନ୍ଦ୍ର ଆଶାଜନକ ଅର୍ଥ ପ୍ରଦାନର ସୁଯୋଗ ନ ଦେଲେ ମଧ୍ୟ ବନ୍ଧୁଙ୍କ ସୁନ୍ଦର ବ୍ୟବହାରରେ ଖୁସି ରହିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବା ସହ ସଭାସମିତିରେ ସମ୍ମାନଜନକ ସ୍ଥିତି ହାସଲ କରିବେ। କୌଣସି କ୍ଷେତ୍ରରେ ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା** – ଏକାଦଶସ୍ଥ ରାହୁ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ। ସନ୍ତାନଙ୍କ ସମସ୍ୟା ଆପଣଙ୍କୁ ବ୍ୟସ୍ତବିବ୍ରତ କରାଇବାର ଆଶଙ୍କା ରହିଛି। ଚନ୍ଦ୍ରଙ୍କ ପ୍ରତି ଶନି ଦୃଷ୍ଟିଜନିତ ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଟଙ୍କା ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ।

**ତୁଳା** – ଆକସ୍ମିକ ଦୂରସ୍ଥାନକୁ ଯାତ୍ରା କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ, କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ରହିବ ନାହିଁ।

**ବିଛା** – ଅନୁରାଧା ନକ୍ଷତ୍ର ସକାଶେ ମାନସିକ ଉଦାସୀନତା ଅନ୍ୟମାନଙ୍କ ନିକଟରେ ସନ୍ଦେହାଚ୍ଛନ୍ନ କରି ରଖିପାରେ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଭା ସମିତିରେ ଉତ୍ସାହିତ ହୋଇପାରନ୍ତି। ଅପରାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ** – ବହୁତ ଦିନରୁ ଚିନ୍ତା କରିଥିବା ଯୋଜନାକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଅନ୍ୟମାନଙ୍କ ବିନା ସାହାଯ୍ୟରେ ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିରୋଧୀ ହେବେ।

**ମକର** – ନିକଟସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହୋଇପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡିକ ପାଇଁ ଯୋଜନା ବନେଇ ପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରୁ ବିଶେଷ ଲାଭ ପାଇବେ।

**କୁମ୍ଭ** – ଦିନଟିରେ କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ବହୁତ ଭଲ କାମ କରିବେ। ଆଶା ଓ ଅଭିଳାଷ ପୂରଣ ହେବା ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ମୀନ** – କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବାକି ରହିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ମାତ୍ର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ଯାତ୍ରା ସଫଳ ହେବ।

ଆଜି ମାର୍ଗଶିର କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ରବିବାର, ଡିସେମ୍ବର ୨ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ଦିବା ଘ୭।୩ମି. ଗତେ, ଘ୮।୫୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୩ମି. ଗତେ ଘ୧୦।୧୪ମି. ମଧ୍ୟେ, ଘ୧୨।୫୭ମି. ଗତେ ଘ୨।୧୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୪୧ମି. ଗତେ ଘ୫।୦୩ମି. ମଧ୍ୟେ ରାହୁକାଳ।

# ଆରମ୍ଭ ହେଲା ଡଟ୍ ଫେଷ୍ଟ




**ଭୁବନେଶ୍ୱର, ୧।୧୨(ବ୍ୟୁରୋ)**

ହକି ବିଶ୍ୱକପ୍‌ର ହୋଷ୍ଟ ପାର୍ଟନର ଓଡ଼ିଶା ପର୍ଯ୍ୟଟନ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ମିଳିତ ଆନୁକୂଲ୍ୟରେ ଶନିବାର ଆରମ୍ଭ ହୋଇଛି ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ'। ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଏହି ଫେଷ୍ଟକୁ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ଏହି ଉତ୍ସବ ପ୍ରତିବର୍ଷ କରିବା ଯୋଜନା ରହିଛି। ଏହା ଭୁବନେଶ୍ୱରର ସୌନ୍ଦର୍ଯ୍ୟତାକୁ ବୃଦ୍ଧି କରିବ। ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ, ହକି ବିଶ୍ୱକପ୍ ପାଇଁ ସହର ବର୍ତ୍ତମାନ ସଜେଇ ହୋଇଛି। ସହରର ରୂପ ସମସ୍ତଙ୍କୁ ଆକର୍ଷଣ କରୁଛି। ତେଣୁ ଏହି ଉତ୍ସବ ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରିଛୁ।

ଏହି ଅବସରରେ ସକାଳ ଉଦୟଗିରି ପାଖରୁ 'ଜୈନ ୱାକ୍', ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଖରୁ 'ନନ୍ଦନକାନନ ନେଚର ୱାକ୍', କେଦାରଗୌରୀ କମ୍ପ୍ଲେକ୍ସ ନିକଟସ୍ଥ ଗୁଆଝର ପାଖରୁ 'ଭୁବନେଶ୍ୱର ଆର୍ଟ ଟ୍ରେଲ', ପୁରୁଣା ଭୁବନେଶ୍ୱରରେ 'ଷ୍ଟ୍ରିଟ୍‌ସ ଅଫ୍ ଏକାମ୍ର' ଅନୁଷ୍ଠିତ ହୋଇଥିଲା।

ହକି ବିଶ୍ୱକପ୍ ଲାଗି ସମଗ୍ର ବିଶ୍ୱରୁ ଆସିଥିବା କ୍ରୀଡ଼ାପ୍ରେମୀ ଓ ଦର୍ଶକମାନଙ୍କୁ ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟ ବିଷୟରେ ପରିଚିତ କରାଇବା ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟପେୟର ମଜା ଯୋଗାଇଦେଉଛି ଏହି ଫେଷ୍ଟ। ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ହେବ। ଗୋଟିଏ ସ୍ଥାନରେ ଦେଶୀ ବିଦେଶୀ ଖାଦ୍ୟ ସହ ଜବରଦସ୍ତ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ ହେଉଛି।

### ବୈଷୟିକ ତ୍ରୁଟି: ଅସନ୍ତୋଷ

ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭରେ ବିଶାଲ-ଶେଖରଙ୍କ ଭିଡିଓ ପ୍ରଦର୍ଶନୀ କରାଯାଇଥିଲା। ମାତ୍ର ଅଳ୍ପ ସମୟ ପରେ ସାଉଣ୍ଡ ଆସିଥିଲା, କିନ୍ତୁ ଭିଜୁଆଲ କଟିଯାଇଥିଲା। କିଛି ସମୟ ପରେ ପୁଣି ତାହା ପ୍ରଦର୍ଶନ କରାଯାଇଥିଲା ଏବଂ ମଞ୍ଚକୁ ବିଶାଲଙ୍କ ଏଣ୍ଟ୍ରି ହୋଇଥିଲା। କିନ୍ତୁ ବୈଷୟିକ ତ୍ରୁଟି ଯୋଗୁ ବିଶାଲଙ୍କ କଣ୍ଠସ୍ୱର ଶ୍ରୋତାଙ୍କୁ ଶୁଭି ନ ଥିଲା। ଏକ ଘଣ୍ଟା ଧରି ଏଭଳି ସମସ୍ୟା ହେବାରୁ ଶ୍ରୋତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପୋଲିସ ସମ୍ଭାଳି ପାରି ନ ଥିଲା। କିନ୍ତୁ ବିଶାଲ ଶ୍ରୋତାଙ୍କ ନିକଟକୁ ଆସି ପରିସ୍ଥିତିରେ ସୁଧାର ଆଣିଥିଲେ।

### ଅସୁସ୍ଥ ସତ୍ତ୍ୱେ ଗୀତ ଗାଇଲେ ଶେଖର

ଶେଖର ଅସୁସ୍ଥ ହୋଇଥିଲେ ମଧ୍ୟ ସେ ଗୀତ ଗାଇବାକୁ ଫେଷ୍ଟକୁ ଆସିଥିଲେ। କିଛି ଦିନ ତଳେ ଶେଖରଙ୍କ ଗୋଡ଼ରେ ଆଘାତ ହୋଇଥିଲା। ଡାକ୍ତର ବିଶ୍ରାମ ନେବା ପାଇଁ କହିଥିଲେ। ମାତ୍ର ଶ୍ରୋତାଙ୍କ ଭଲପାଇବା ତାଙ୍କୁ ଭୁବନେଶ୍ୱରକୁ ଟାଣିଆଣିଛି ବୋଲି ସେ କହିଥିଲେ।

## ବିଶାଲ-ଶେଖରଙ୍କ ରକିଂ ପର୍‌ଫର୍‌ମାନ୍ସ

ପ୍ରଥମ ଦିନରେ ବଲିଉଡ୍ ମ୍ୟୁଜିକ୍ କମ୍ପୋଜର ବିଶାଲ-ଶେଖରଙ୍କ ରକିଂ ପର୍‌ଫର୍‌ମାନ୍ସ ଦର୍ଶକଙ୍କୁ ମତୁଆଲା କରିଥିଲା। ପ୍ରଥମେ ଦୁଇଜଣଙ୍କର ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହାପରେ ବିଶାଲ ମଞ୍ଚକୁ ତାଙ୍କର ସ୍ୱତନ୍ତ୍ର ଅନ୍ଦାଜ୍‌ରେ ପ୍ରବେଶ କରିଥିଲେ। ପ୍ରଥମେ 'ଓମ୍ ଶାନ୍ତି ଓମ୍' ପରିବେଷଣ କରି ଶ୍ରୋତାଙ୍କ ମନ ଜିଣିଥିଲେ। ପରେ ପରେ 'ସୁନ୍‌ଲେ ଜରା', 'ତୁନେ ମାରି ଏଣ୍ଟ୍ରି ୟ୍ୟାର', 'ଧୂମ୍ ମଚାଲେ', 'ଚଲ୍ ବେଟା ସେଲ୍‌ଫି ଲୈ ଲୈ ରେ', 'ଗୁଲାବୋ ଜରା ଇତ୍ନା ଗିରାଦୋ', 'ବଲମ ପିଚକାରୀ' ଭଳି ସୁପରହିଟ୍ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ମଞ୍ଚକୁ ଶେଖର ଆସିଥିଲେ। ବିଶାଲଙ୍କ ଧୂଆଁଧାର ଗୀତ ଦେଖିବା ପରେ ଶେଖରଙ୍କ ରୋମାଣ୍ଟିକ୍ ଗୀତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। 'ଜେହନସିବ', 'ଜୋ ଭେଜି ଥି ଦୁଆ', 'ଆଖୋଁ ମେଁ ତେରୀ ଅଜବସୀ ଅଜବସୀ ଆଦୋଯେଁ ହୈ' ଭଳି ହୃଦୟଛୁଆଁ ଗୀତ ପରିବେଷଣ କରିଥିଲେ।



ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ଡଟ୍ ଫେଷ୍ଟ'ର ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଥିବା ଦର୍ଶକ।



## ୨୩ ହୋଟେଲ, କ୍ୟାଫେର ଖାଦ୍ୟ ସମ୍ଭାର



'ଡଟ୍ ଫେଷ୍ଟ'ରେ ବିଭିନ୍ନ ରାଜ୍ୟର ଖାଦ୍ୟସହ ବିଶ୍ୱକପ୍‌ରେ ଭାଗନେବାକୁ ଆସିଥିବା ୧୬ଟି ରାଷ୍ଟ୍ରର ପାରମ୍ପରିକ ଓ ପ୍ରସିଦ୍ଧ ଖାଦ୍ୟ ମିଳୁଛି। ପ୍ରତିଦିନ କ୍ରମାନ୍ୱୟରେ ମେକ୍ସିକାନ୍, ଇଟାଲିଆନ୍, ମଙ୍ଗୋଲିଆନ୍, ଚାଇନିଜ୍ ଫୁଡ୍ ଆଦି ମିଳିବ। ଏହାସହ ଓଟିଡିସି ପକ୍ଷରୁ ମଣ୍ଡାପିଠା, ଚାଉଳ ବରା, ଆରିସା ପିଠା, ଖିରଗଜା, ଛେନାପୋଡ଼ ଆଦିସହ 'ଡାଲ୍‌ମା' ପକ୍ଷରୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ଏଠାରେ ମିଳୁଛି। ଓଡ଼ିଶାର ୨୩ଟି ତାରକା ହୋଟେଲ ଓ କ୍ୟାଫେ ସମେତ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଓଟିଡିସି ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି। ଯଦିଓ ପୂର୍ବରୁ ଅନେକ ଫୁଡ୍ ଫେଷ୍ଟିଭାଲ ପଡ଼ିଛି ତେବେ ଏହି ଫେଷ୍ଟିଭାଲ ସ୍ୱତନ୍ତ୍ର ରହିଛି। ଗୋଟିଏ ଜାଗାରେ ବିଭିନ୍ନ ରାଷ୍ଟ୍ରର ଖାଦ୍ୟ ଖାଇବାର ମଜା ନେଇ ହେଉଛି। ପ୍ରଥମ ଦିନରୁ ହିଁ ଏଠାରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି।













'ଡଟ୍ ଫେଷ୍ଟ'ରେ ଆକର୍ଷଣୀୟ ସାଜସଜ୍ଜା।





'ଡଟ୍ ଫେଷ୍ଟ'ର ଏକ ଖାଦ୍ୟ ଷ୍ଟଲ ଆଗରେ ଲୋକଙ୍କ ଭିଡ଼।

## ଆଜିର ମୁଖ୍ୟ ଆକର୍ଷଣ

ଡଟ୍ ଫେଷ୍ଟର ଦ୍ୱିତୀୟ ଦିବସର ମୁଖ୍ୟ ଆକର୍ଷଣ ହେବ ଇଂଲିଶ ସଙ୍ଗୀତ ପ୍ରତିଭା ଶୋ' 'ଦି ଷ୍ଟେଜ-୩' ବିଜେତା ସିଦ୍ଧାନ୍ତ ଶର୍ମା ଆଣ୍ଡ୍ ରକ୍ ବ୍ୟାଣ୍ଡର ରୋମାଞ୍ଚକ ପ୍ରଦର୍ଶନ। ରକ୍ ଏନ୍ ରୋଲ୍ ଗୀତ ଗାଇବା ପାଇଁ ଜଣାଶୁଣା ଥିବା ଏହି ବ୍ୟାଣ୍ଡ୍ ଫେଷ୍ଟିଭାଲ୍‌ରେ ଶକ୍ତି ଓ କୌତୁକର ଭାବ ଫୁଟାଇବ।



'ଡଟ୍ ଫେଷ୍ଟ' ଉପଲକ୍ଷେ ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତାରେ ହୋଇଥିବା ସାଜସଜ୍ଜା।

ରିପୋର୍ଟ: ଅସମାପିକା ସାହୁ (ଫଟୋ: ମନୋରଞ୍ଜନ ମିଶ୍ର, ମୌସମ ନନ୍ଦ)

ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ



# ନିରର୍ଥକ ପ୍ରସ୍ତାବ



ଆକାର ପଟେଲ

ପଳାତକ ଅର୍ଥନୈତିକ ଅପରାଧୀମାନଙ୍କ ସହ ମୁକାବିଲା ଲାଗି ସହଯୋଗ କରିବା ନିମନ୍ତେ ଭାରତ ଜି–୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଏକ ୯–ସୂତ୍ରୀ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବଗୁଡ଼ିକ ଭିତରେ ଅଛି: ଆଇନଗତ ପ୍ରକ୍ରିୟାରେ ସହାୟତା କରିବା ଓ ଅପରାଧୀଙ୍କୁ ଯଥାସତ୍ୱର ସ୍ୱଦେଶକୁ ଫେରାଇଦେବା ଇତ୍ୟାଦି। କୌଣସି ଅର୍ଥନୈତିକ ଅପରାଧୀ ଅନ୍ୟ ଦେଶରୁ ପଳାୟନ କରି ଭାରତରେ ଆସି ରହିଥିବା କଥା ମୋତେ ଜଣାନାହିଁ। ତେଣୁ ଭାରତ ଏହି ପ୍ରସ୍ତାବ ଦେବା ମୂଳରେ ଅଛି ଭାରତରୁ ଯେଉଁ ଅର୍ଥନୈତିକ ଅପରାଧୀ ସେସବୁ ଦେଶରେ ଯାଇ ରହୁଛନ୍ତି, ସେମାନଙ୍କୁ ଭାରତକୁ ଫେରାଇ ଆଣିବା। ଜି–୨୦ ଦେଶଗୁଡ଼ିକ ହେଉଛି: ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡ଼ା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲି, ଜାପାନ, କୋରିଆ, ମେକ୍ସିକୋ, ରୁଷିଆ, ସୌଦୀ ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଇଂଲଣ୍ଡ, ଆମେରିକା ଓ ୟୁରୋପୀୟ ସଂଘ।

ପୁନଶ୍ଚ ଭାରତର କୌଣସି ପଳାତକ ଅପରାଧୀ ଯାଇ ରୁଷିଆ, ସୌଦୀ ଆରବ, ତୁର୍କୀ, ଜାପାନ, କୋରିଆ, ମେକ୍ସିକୋ ଓ ଇଣ୍ଡୋନେସିଆ ଭଳି ଦେଶରେ ଯାଇ ରହିଥିବା ମୋତେ ଜଣାନାହିଁ। ସେମାନଙ୍କ ପସନ୍ଦର ସ୍ଥାନ ହେଉଛି ଇଂଲଣ୍ଡ। ତା'ହେଲେ ଆମେ କାହିଁକି ଆମ ନାଗରିକମାନଙ୍କୁ ଫେରାଇଦେବା ଲାଗି ଇଂଲଣ୍ଡକୁ ବାଧ କରିପାରୁ ନାହୁଁ? ବୁକି ସଞ୍ଜୀବ କୁମାର ଚାୱଲା ଏବଂ ଏକ ଦମ୍ପତି ଯତିନ୍ଦର ଓ ଆଶାରାଣୀ ଅଙ୍ଗୁରାଲାଙ୍କୁ ଭାରତକୁ ହସ୍ତାନ୍ତର କରିବା ଲାଗି ଭାରତ ଆବେଦନ କରିଥିବା ବେଳେ ଗତ ନଭେମ୍ବର ମାସରେ ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ବିଚାରପତି ରେବେକା କ୍ରେନ୍ କହିଲେ ଯେ, ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଭାରତରେ ଫେବୃଆରୀ–ମାର୍ଚ୍ଚ ୨୦୦୦ରେ ହୋଇଥିବା କ୍ରିକେଟ୍ ଖେଳରେ ଚାୱଲା ଫିକ୍ସିଂରେ ଜଡ଼ିତ ଥିବା ନେଇ ସ୍ପଷ୍ଟ ପ୍ରମାଣ ରହିଛି ବୋଲି ସେ ଅନୁଭବ କରନ୍ତି। ତଥାପି ସେ ଚାୱଲାଙ୍କୁ ଭାରତ ହାତରେ ସମର୍ପଣ କରିଦେଇ ପାରିବେ ନାହିଁ କାରଣ ତାଙ୍କୁ ତିହାର ଜେଲରେ ରଖାଯାଇ ତାଙ୍କର ମାନବିକ ଅଧିକାରର ଉଲ୍ଲଂଘନ କରାଯିବାର ଆଶଙ୍କା ରହିଛି। ତିହାର ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି, ସେଠାରେ ଡାକ୍ତରୀ ଚିକିତ୍ସାର ଯଥେଷ୍ଟ ସୁବିଧା ନାହିଁ ଏବଂ ସେଠାରେ କଏଦୀଙ୍କୁ ଜେଲ କର୍ମଚାରୀ ବା ଅନ୍ୟ କଏଦୀଙ୍କ ଦ୍ୱାରା ନିର୍ଯାତନା ମିଳିବାର ଆଶଙ୍କା ରହିଛି। ଅନ୍ୟ ମାମଲାଟିରେ ବିଚାରପତି ଏମ୍ମା ଆର୍ବଥ୍‌ନଟ୍ କହିଲେ ଯେ, ଅପରାଧୀ ଦମ୍ପତିଙ୍କୁ ଭାରତକୁ ହସ୍ତାନ୍ତର କରିବା ଅନ୍ୟାୟ ହେବ, କାରଣ ସିବିଆଇ ବହୁ ବିଳମ୍ବ କରିଦେଇଛି।

ଅନେକ ସମୟରେ ଭାରତ ପଳାତକ ଅପରାଧୀମାନଙ୍କୁ ନିଜ ଦେଶକୁ ଫେରାଇ ଆଣିବାରେ ଅସଫଳ ହେବାର କେତେକ କାରଣ ବିଷୟରେ ଏଠାରେ ଆଲୋଚନା କରିବା ଯୁକ୍ତିସଙ୍ଗତ ହେବ। ପ୍ରଥମ ପ୍ରସଙ୍ଗଟି ହେଉଛି ଆମ ତଦନ୍ତର ମାନ। ଭାରତ ଯେଉଁ ପ୍ରମାଣ ଦିଏ, ତାହା ସିବିଆଇ ତଦନ୍ତ କରି ସଂଗ୍ରହ କରିଥାଏ। ବର୍ତ୍ତମାନ ସରକାରଙ୍କ ଅମଳରେ ଏହି ତଦନ୍ତକାରୀ ସଂସ୍ଥା ତା'ର ବିଶ୍ୱସନୀୟତା ହରାଇଛି। ଏହାର ଦୁଇ ତୁଙ୍ଗ ଅଧିକାରୀ ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ଭାରତ ନିଜେ ଯେତେବେଳେ ସିବିଆଇ ଉପରେ ଭରସା କରୁନାହିଁ, ବାହାର ଦେଶ କାହିଁକି କରିବ? ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ଆମ ଜେଲଗୁଡ଼ିକର ଅବସ୍ଥା। ୨୦୧୩ ମାର୍ଚ୍ଚମାସରେ ନିର୍ଭୟା ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅପରାଧୀ ରାମ ସିଂ ତିହାର ଜେଲର ଏକ ଛୋଟ କୋଠରିରେ ଦଉଡ଼ି ଦେଇ ଆତ୍ମହତ୍ୟା କରିବା ଦେଖାଯାଇଥିଲା। ତିହାର ଲ ଅଫିସର ଓ ମୁଖପାତ୍ର କହିଲେ ଯେ, ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ଜାଣିହେଉ ନାହିଁ। ୨୦୦୯ ମସିହାରେ ଏକ ଦୁର୍ଘଟଣାରେ ସିଂଙ୍କ ଦୁଇ ହାତ ଭାଙ୍ଗିଯାଇଥିଲା ଏବଂ ତାଙ୍କ ଡାହାଣ ହାତରେ ରଡ୍ ଦିଆଯାଇ ଅପରେଶନ କରାଯାଇଥିଲା। ସେ ହାତ ମୁଠା କରିପାରୁ ନ ଥିଲେ କି ବଙ୍କା କରିପାରୁ ନ ଥିଲେ। ଏପରି ଅବସ୍ଥାରେ ସେ ସିଲିଂରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କଲେ ଓ ସେହି ଏକା ପ୍ରକୋଷ୍ଠରେ ରହୁଥିବା ଅନ୍ୟ ତିନିଜଣ ସାଥୀ କିଛି ଜାଣିପାରିଲେ ନାହିଁ କିପରି?

୧୯୯୫ ମସିହାରେ ସରକାର ଇକବାଲ ମିର୍ଚ୍ଚିଙ୍କୁ ଭାରତ ଫେରାଇ ଆଣିବା ଲାଗି ସିବିଆଇକୁ ପଠାଇଥିଲା। ସେତେବେଳେ ମୁଁ ମୁମ୍ବାଇର ଏକ ଦୈନିକ କୋର୍ଟର ରିପୋର୍ଟର ଥିଲି। ମିର୍ଚ୍ଚିଙ୍କ ଓକିଲ ଶ୍ୟାମ କେଶ୍‌ୱାନି ମୋତେ ଏକ ଦଲିଲ ଦେଇଥିଲେ ଯାହାକୁ ଭାରତ ସରକାର ବ୍ରିଟିଶ ମାଜିଷ୍ଟ୍ରେଟ୍‌ଙ୍କୁ ଦେଇଥିଲେ। ଏହା ହେଉଛି ୨୦୦ ପୃଷ୍ଠାର ଏକ ଅଭିଯୋଗ ଫର୍ଦ୍ଦ। ଏହାର ପ୍ରଥମ ୧୯୯ ପୃଷ୍ଠା ଭିତରେ ଅଭିଯୁକ୍ତଙ୍କ ବିଷୟରେ କିଛି ଲେଖା ନ ଥିଲା। କେବଳ ଶେଷ ପୃଷ୍ଠାରେ ଲେଖା ଥିଲା ''Also wanted in the case, one Iqbal Memon alias Mirchi.'' ତେଣୁ ବ୍ରିଟିଶ ବିଚାରପତିମାନେ ଏ ମାମଲାକୁ ଖାରଜ କରିଦେବା ସ୍ୱାଭାବିକ।

ପ୍ରଧାନମନ୍ତ୍ରୀ ମୋଦି ଜି–୨୦ ଦେଶଗୁଡ଼ିକୁ କହିଛନ୍ତି ଯେ, ଦେଶ ଦେଶ ଭିତରେ ହେଉଥିବା ସଂଗଠିତ ଅପରାଧର ମୁକାବିଲା କରିବା ଲାଗି ସେମାନେ ଅନ୍ତର୍ଜାତୀୟ ନୀତିନିୟମ ପାଳନ କରିବା ସହ ପରସ୍ପରକୁ ସକ୍ରିୟ ସହଯୋଗ କରିବା ଆବଶ୍ୟକ। ତେବେ ଅନ୍ୟ ଦେଶରେ ନ୍ୟାୟପାଳିକା ସ୍ୱାଧୀନ। ସେମାନେ ପଳାତକ ଅପରାଧୀର ଯୁକ୍ତି ଶୁଣିବା ପରେ ନିଷ୍ପତ୍ତି ନିଅନ୍ତି। କିନ୍ତୁ ଆମ ଦେଶରେ ଗୋଇନ୍ଦା ସଂସ୍ଥା, ନ୍ୟାୟପାଳିକା ଓ ଜେଲ ବ୍ୟବସ୍ଥାରେ ଅନେକ ବ୍ୟତିକ୍ରମ ରହିଛି। ଅନ୍ୟ ଦେଶ କ'ଣ କରିବା ଉଚିତ ତାହା ଉପରେ ଗୁରୁତ୍ୱ ନ ଦେଇ ଆମେ ନିଜର ଦୋଷତ୍ରୁଟି ସୁଧାରିବା ଆବଶ୍ୟକ। ଏହି ଦୃଷ୍ଟିରୁ ଜି–୨୦ ଦେଶଗୁଡ଼ିକ ଆଗରେ ମୋଦି ଯେଉଁ ପ୍ରସ୍ତାବ ରଖିଛନ୍ତି ତାହା ନିରର୍ଥକ। ଆମେ ନିଜ ଦେଶର ଆଇନକାନୁନ ଯେପରି ଠିକ୍ ଭାବରେ ପାଳନ ହୁଏ, ତାହା ଉପରେ ଗୁରୁତ୍ୱ ଦେଲେ ଅନ୍ୟ ଦେଶଗୁଡ଼ିକ ଆମକୁ ସମ୍ମାନ ଦେବେ। କିନ୍ତୁ ଆମେ ବର୍ତ୍ତମାନ ସେହି ସମ୍ମାନ ପାଇବାକୁ ହକ୍‌ଦାର ହୋଇ ନ ପାରିବା ଆମ ପାଇଁ ଲଜ୍ଜାଜନକ ବିଷୟ।

Email: aakar.patel@gmail.com

# ଦୁଃଖୀ ଅରକ୍ଷିତ ସେବା କାରଣେ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ସନ୍ଧ୍ୟାବେଳେ ଠାକୁରଘରେ ଧୂପ ଦେଇ ବାରବର୍ଷର ପିଲାଟିଏ ଚକାମାଡି ବସି ଯାଉଥିଲା ଓ ମା'ଙ୍କ ନିର୍ଦ୍ଦେଶରେ ଯେଉଁ ପ୍ରାର୍ଥନାଟି ତନ୍ମୟ ଚିତ୍ତରେ ବୋଲୁଥିଲା, ତା' ମଧ୍ୟରେ ପଦଟିଏ ଥିଲା ଏହିପରି– 'ଦୁଃଖୀ ଅରକ୍ଷିତ ସେବା କାରଣେ, ବଳ ଦିଅ ମୋର କର ଚରଣେ।' ଏମିତି ସବୁଦିନ ବୋଲୁ ବୋଲୁ ପ୍ରାର୍ଥନାର ଉଚ୍ଚାରଣଟି କେତେବେଳେ ତା' ମଧ୍ୟରେ ଆଚରଣରେ ରୂପାନ୍ତରିତ ହୋଇସାରିଥିଲା, ସେ ନିଜେ ଜାଣି ନ ଥିଲା। ଦିନେ ଖେଳଛୁଟିରେ ସେ ତା' ଟିଫିନ ବାକ୍ସରୁ ମା' ଦେଇଥିବା ଟିଫିନ ଖାଇବାକୁ ଯାଉଛି, ଦେଖିଲା ରାସ୍ତା ଉପରେ ଥାଇ ତା' ଆଡ଼କୁ ଅନାଥ ପିଲାଟିଏ ଆତୁର ଆଖିରେ ଚାହିଁ ରହିଛି। ତା'ର ଦାରିଦ୍ର୍ୟ ଅନୁଭବ କରି ପିଲାଟିର କରଚରଣରେ ସଞ୍ଚରିତ ହେଲା ଏକ ଅଦ୍ଭୁତ ଶକ୍ତିର ପ୍ରଭାବ। ସେ ତା'ର ଟିଫିନତକ ସେଇ ଦରିଦ୍ର ପିଲାଟି ହାତରେ ଟେକିଦେଇ ନିଜକୁ ତୃପ୍ତ ମନେକଲା।

ଘରକୁ ଫେରି ମା' ପାଖେ ତା'ର ଏମନ୍ତ ସହୃଦୟତା ପାଇଁ ସାବାସି ପାଇବାକୁ ଅପେକ୍ଷା କରୁଥିଲା ବେଳେ ମା' କିନ୍ତୁ କ୍ରୋଧରେ ଗର୍ଜି ଉଠିଲେ। କହିଲେ, ସେଭଳି ଭିକାରିଙ୍କ ସହ ତୋର କି ସମ୍ପର୍କ? ଖବରଦାର! ଏଣିକି ଏମିତି ଦାନୀ କର୍ଣ୍ଣ ବୋଲାଇଲେ ତୋ ଟିଫିନ ପୂରା ବନ୍ଦ କରିଦେବି। ପିଲାଟି ବୁଝିପାରୁ ନ ଥିଲା। ଦୁଃଖୀଜନଙ୍କର ସେବା ପାଇଁ ଶିକ୍ଷା ଦେଉଥିବା ସେଇ ପ୍ରାର୍ଥନାଟି ସବୁଦିନ ସନ୍ଧ୍ୟାରେ ବୋଲିବା ପାଇଁ ତାଗିଦ କରୁଥିବା ମା'ଙ୍କର ଭିନ୍ନ ଏକ ଚେହେରା ଦେଖି ସେ ଚକିତ ହେଉଥିଲା। ବଡ଼ମାନଙ୍କ ଆଦର୍ଶ ଓ ଆଚରଣ ଭିତରେ ଭୟଙ୍କର ଭିନ୍ନତା ଦେଖି ସେ କିଛି କୈଫିୟତ ମାଗିପାରୁ ନ ଥିଲା ନିଜ ମା'ଙ୍କଠାରୁ। ମାତ୍ର ସତ୍ୟ ଅସତ୍ୟ, ନୀତି ଅନୀତି ଓ ଆଚାର ଅନାଚାରର ଦ୍ୱନ୍ଦ୍ୱ ମଧ୍ୟରେ ପରିପୁଷ୍ଟ ହୋଇଥିବା ଶୈଶବର ସଂସ୍କାରକୁ ନେଇ ସେ ଯେତେବେଳେ ବଡ଼ ହେଲା, ଦେଖିଲା ଉଚ୍ଚାରଣ ଓ ଆଚରଣ ମଧ୍ୟରେ ଥିବା ବୈଷମ୍ୟକୁ ଆପଣେଇ ନେଇ ସଭିଏଁ ମାଡ଼ିଚାଲିଛନ୍ତି ନିଜ ନିଜର ସମୃଦ୍ଧି ପଥରେ। ସୁତରାଂ ସେ ମଧ୍ୟ ସ୍ୱାର୍ଥସେବାର ଗଣଦୌଡ଼ରେ ଅନ୍ୟ ସଭିଙ୍କୁ ପଛରେ ପକାଇ ଆଗକୁ ବଢ଼ିବା ପାଇଁ ତତ୍ପର ହୋଇ ଉଠିଲା। ଭୁଲିଗଲା ଦୁଃସ୍ଥ ଦୁର୍ଗତଙ୍କ ସେବା ପାଇଁ ପ୍ରେରିତ କରିଥିବା ସେଇ ବାଲ୍ୟକାଳର ପ୍ରାର୍ଥନା।

ଏମିତି ଜଣେ ମଣିଷର ସାଙ୍କେତିକ ଚିତ୍ର ମଧ୍ୟରେ ପ୍ରତିବିମ୍ବିତ ହୁଏ କୋଟି କୋଟି ସାଧାରଣ ମଣିଷଙ୍କ ଚରିତ୍ର ସାଧନର କଥା, ପ୍ରକଟିତ ହୁଏ ସେମାନଙ୍କ ସ୍ୱଭାବସିଦ୍ଧ ସ୍ୱାର୍ଥପରତା। ସ୍ୱାର୍ଥର ସଡ଼କରେ ବାଟ ଚାଲି ଚାଲି ତଥାପି ଥକିପଡ଼ି ନ ଥିବା ବଳଶାଳୀ ପାଦ ଦିଓଟିର ବ୍ୟଥା। ଏହି କୋଟି କୋଟି ସାଧାରଣ ଲୋକଙ୍କ ମଧ୍ୟରେ କଦବା କେଉଁଠି ଜଣେ ଜଣେ ଅସାଧାରଣ ଲୋକ ଦୃଷ୍ଟିରେ ପଡ଼ନ୍ତି, ଯେଉଁମାନେ ଏକ ନିଆରା ଜୀବନ ଜିଇବାରେ ଆନନ୍ଦ ପାଆନ୍ତି। ଦୁଃଖୀର ଦୁଃଖ ଲାଘବ କରି ନ ପାରିଲେ ନିଜକୁ ଅସମ୍ପୂର୍ଣ୍ଣ ମନେକରନ୍ତି। ଅନ୍ୟର ସୁଖରେ ଏମାନେ ହସନ୍ତି ଯେମିତି, ଦୁଃଖରେ ବି କାନ୍ଦନ୍ତି ସେମିତି। ଦୁଃଖୀ ଜନଙ୍କର ସେବା ପାଇଁ କରଚରଣରେ ବଳ ଭରିଦେବାକୁ ଶୈଶବରେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିବାର ବହୁଦିନ ପରେ ବି ଉତ୍ତାଳ ଯୌବନର ସକଳ ଉଦ୍ଦାମତା ସତ୍ତ୍ୱେ ତଥାପି ପାସୋରି ଯାଉ ନ ଥିବା ଏଇ କତିପୟ ବ୍ୟତିକ୍ରମମାନେ ପ୍ରକୃତରେ ଅନନ୍ୟ, ଅସାଧାରଣ।

ସେ ଜଣେ ବ୍ୟାଙ୍କ ମ୍ୟାନେଜର। ମାସକୁ ପ୍ରାୟ ଅଶୀହଜାର ଟଙ୍କା ଉପାର୍ଜନ କରିପାରୁଥିବା ଭଳି ସାମର୍ଥ୍ୟ ନେଇ ବିପୁଳ ଐଶ୍ୱର୍ଯ୍ୟ ମଧ୍ୟରେ ସେ ବୁଡ଼ି ରହିପାରନ୍ତେ। ନିଜ ଚାରିପାଖର ଦୁନିଆରେ ଦାରୁଣ ଦୁଃଖ ମଧ୍ୟରେ ଆତଯାତ ହେଉଥିବା ଆର୍ତ୍ତଜନମାନଙ୍କୁ ଆଡ଼ଆଖିରେ ନ ଚାହିଁ ନିଜ ସୁଖରେ ନିଜେ ବଞ୍ଚି ରହିପାରନ୍ତେ। ମାତ୍ର ସେ ଏମିତି ଜୀବନଟିଏ ଜିଇପାରନ୍ତି ନାହିଁ। ପ୍ରାଚୁର୍ଯ୍ୟର ଔଜ୍ଜ୍ୱଲ୍ୟ ପ୍ରତି ନିୟତ ତାଙ୍କୁ ଉଦ୍ଭାସିତ କରୁଥିଲେ ମଧ୍ୟ ନିଜ ଆଖି ଆଗରେ ଅସହାୟତାର ଅନ୍ଧାର ମଧ୍ୟରେ ବୁଡି ରହିଥିବା ଲୋକମାନଙ୍କୁ ଦେଖି ସେ ନିଜକୁ ଦୀପ୍ତିହୀନ ମନେକରନ୍ତି। କେଉଁଠି ଅଭାବୀ ବାପାର ପୁଅ କେହି ଅଧାରୁ ପାଠପଢ଼ା ଛାଡିଦେଲେ ଅବା ଅନ୍ୟ କେଉଁଠି ବିନା ଚିକିତ୍ସାରେ କେହି ଗରିବ ରୋଗୀ ମରିବାକୁ ଯାଉଥିଲେ ନିଜର ସମ୍ବଳ ସହ ସେ ଆଗେଇ ଆସନ୍ତି ଓ ଲଢ଼ିବାକୁ ଅଣ୍ଟା ଭିଡ଼ନ୍ତି ସେଇ ଚିହ୍ନା ଅଚିହ୍ନା ଲୋକମାନଙ୍କ ଦୁର୍ଭାଗ୍ୟ ସହ। ପ୍ରତିମାସ ନିଜ ଦରମାରୁ ସେ ଖର୍ଚ୍ଚ କରନ୍ତି ପ୍ରାୟ ଦଶହଜାର ଟଙ୍କା, କେଉଁଠି ମରିବାକୁ ଯାଉଥିବା ଲୋକଟି ପାଇଁ ନିଃଶ୍ୱାସ କିଣିବାରେ ତ ଅନ୍ୟ କେଉଁଠି ଭବିଷ୍ୟତର ଆଶା ହରାଇ ବସିଥିବା ପିଲାଟି ପାଇଁ ବିଶ୍ୱାସ କିଣିବାରେ।

ଅନାଥ ପିଲାଟିକୁ ଟିଫିନ ଦେଇଦେବାରୁ ପୁଅ ଉପରେ ବିରକ୍ତ ହୋଇଥିବା ମା' ଜଣଙ୍କ ପରି ମ୍ୟାନେଜର ବାବୁଙ୍କ ମା' ମଧ୍ୟ ପୁଅ ଉପରେ ବିରକ୍ତ ହୁଅନ୍ତି। କହନ୍ତି, କାହିଁକି ପର ପାଇଁ ପଇସା ପାଣିଭଳି ଖର୍ଚ୍ଚ କରୁଛୁ ତୁ? ମା'ଙ୍କ ଆକଟରେ ପୁଅ ହସନ୍ତି ଓ କହନ୍ତି, ତୁ ଲଗାଇଥିବା ଗଛର ଫଳ ଖାଇବାର ଅଧିକାର ତୋର ଅଛି ନିଶ୍ଚୟ। ମାତ୍ର ତୋ ପେଟ ପୂରିଗଲା ପରେ ବଳକା ଫଳଗୁଡ଼ିକୁ ଭୋକିଲା ଲୋକଙ୍କୁ ବାଣ୍ଟିଦେଲେ ତୁ ଆପତ୍ତି କରୁଛୁ କାହିଁକି? ତୋର ତ ବରଂ ଖୁସି ହେବା କଥା ଯେ ତୋ ଗଛର ଫଳ ଅନ୍ୟମାନେ ଖାଇ ନିଜ ନିଜର ଭୋକ ମେଣ୍ଟାଉଛନ୍ତି। ଏମିତି ଏକ ଫଳନ୍ତି ବୃକ୍ଷର ଜନନୀ ହେବା ଯେ କେତେ ତପସ୍ୟାର ଫଳ ସତେ!

ବହୁବର୍ଷ ତଳେ ଦିଲ୍ଲୀର ଉପହାର ସିନେମା ହଲ୍‌ରେ ନିଆଁ ଲାଗି ଯେତେବେଳେ ଷାଠିଏରୁ ଉର୍ଦ୍ଧ୍ୱ ଲୋକ ଅକାଳରେ ଜଳି ଯାଉଥିଲେ, ସେତେବେଳେ ଯୁବକଟିଏ ବାରମ୍ବାର ପ୍ରେକ୍ଷାଳୟର ଅଗ୍ନିବଳୟ ମଧ୍ୟକୁ ପଶିଯାଉଥିଲା ଓ ଜଣକ ପରେ ଜଣକୁ ଉଦ୍ଧାର କରି ବାହାରକୁ ନେଇ ଆସୁଥିଲା। ଏମିତି ଚାରିଜଣଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇ ସାରିଲା ବେଳକୁ ସେ ମଧ୍ୟ ଅଗ୍ନିଶ୍ୱାସରେ ଶିଝିଯାଇଥିଲା। ମାତ୍ର ସେଥିକୁ ଖାତିର ନ କରି ସେ ପଞ୍ଚମ ଲୋକକୁ ଉଦ୍ଧାର କରିବା ପାଇଁ ଆଉଥରେ ନିଆଁଘେରକୁ ପଶିଲା ବେଳକୁ ଜଣେ କେହି ତାଙ୍କୁ ଅଟକାଇ ଦେଲେ ଓ ପଚାରିଲେ, ତୁମର ଆଉ କେହି ସମ୍ପର୍କୀୟ କ'ଣ ହଲ୍ ଭିତରେ ରହିଯାଇଛନ୍ତି? ଯୁବକଟି ସାମାନ୍ୟ ହସି ଉତ୍ତର ଦେଲା, ଏମାନେ କେହି ମୋର ପରିଚିତ ବି ନୁହନ୍ତି, ସମ୍ପର୍କୀୟ ତ ଦୂରର କଥା। ତେବେ ସଙ୍କଟରେ ପଡ଼ିଥିବା ସମସ୍ତେ ମୋତେ ଜଣେ ଜଣେ ସମ୍ପର୍କୀୟ ଭଳି ଲାଗନ୍ତି। ପୁଣି ଆଉ କାହାକୁ ନିଆଁଘେରରୁ ଉଦ୍ଧାର କରିବାକୁ ଭିତରକୁ ପଶି ଯାଇଥିଲା ସେ। ସଂକଟଗ୍ରସ୍ତ ଲୋକଙ୍କୁ ନିଜ ସମ୍ପର୍କୀୟ ବିଚାରି ସେମାନଙ୍କ ଉଦ୍ଧାର ପାଇଁ ମରଣ ମୁହଁକୁ ଡେଇଁ ପଡୁଥିବା ମହାନ୍ ମଣିଷମାନଙ୍କ ଜୀବନ କିନ୍ତୁ ସବୁବେଳେ ନିରାପଦ ନୁହେଁ। ଅନ୍ୟର ଉଦ୍ଧାର ପାଇଁ ନିଜକୁ ସମର୍ପିତ କରୁ କରୁ ସେମାନେ ଏମିତି ବିପନ୍ନ ହୋଇପଡ଼ନ୍ତି ଯେ, ସେମାନଙ୍କୁ ଉଦ୍ଧାର କରିବା ଆଦୌ ସହଜ ହୁଏନା। ଆଗକୁ ବହୁ ଅସହାୟ ଲୋକେ ଏଭଳି ପରାର୍ଥପ୍ରାଣମାନଙ୍କୁ ଆକୁଳ ଅପେକ୍ଷା କରୁଥିଲା ବେଳେ ଏମାନେ କିନ୍ତୁ ହଜିଯାଇଥାନ୍ତି ମହାକାଳର ନିଷ୍ଠୁର ନିର୍ଣ୍ଣୟ ମଧ୍ୟରେ। ଏ ଦୁନିଆରେ ନିଜ ପାଇଁ ନିଜେ ବଞ୍ଚୁଥିବା କୋଟି କୋଟି ସ୍ୱାର୍ଥପର ଲୋକଙ୍କ ମେଳରେ ଯେଉଁ ଅଳ୍ପ କେଇଜଣ ନିଃସ୍ୱାର୍ଥପର ସେବକ କଦବା କେମିତି ଆବିର୍ଭୂତ ହୁଅନ୍ତି, ସେମାନଙ୍କୁ ଏ ଅବିଚାରୀ ଈଶ୍ୱର ଏତେ ଶୀଘ୍ର ଛଡ଼ାଇ ନିଅନ୍ତି କାହିଁକି କେଜାଣି।

ନଦିଆର ଏକ ନୌକା ଦୁର୍ଘଟଣାରେ ପାଣିରେ ବୁଡ଼ିଯାଉଥିବା ପଚାଶ ଜଣ ଲୋକଙ୍କ ମଧ୍ୟରୁ ଜଣ ଜଣ କରି ସାତ ଜଣଙ୍କୁ ଉଦ୍ଧାର କଲାପରେ ଉଦ୍ଧାରକାରୀ ଯୁବକର ହସ୍ତପଦ ଶକ୍ତିହୀନ ହୋଇପଡିଥିଲା। ନଦୀର ଅତଳ ଗର୍ଭରେ ଅକାଳରେ ସଲିଳ ସମାଧି ନେଇଥିବା ସେଇ ଆତ୍ମତ୍ୟାଗୀ ଯୁବକଙ୍କ କରଚରଣରେ ଈଶ୍ୱର ଅଲୌକିକ ଶକ୍ତି ଭରିଦେଇ ନ ଥାନ୍ତେ!

କେଇଦିନ ତଳେ ଏମିତି ଏକ ଅଭାବିତ ଦୃଶ୍ୟ ଆଖିରେ ପଡ଼ି ଦେହ, ମନ ଓ ହୃଦୟରେ ଶିହରଣ ସୃଷ୍ଟି କରିଥିଲା। ଏକ ଖବରଭିତ୍ତିକ ଟିଭି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ଏହି ଦୃଶ୍ୟଟିକୁ ଦେଖି ଜନ୍ମ ମୃତ୍ୟୁର ନିୟନ୍ତ୍ରକ ବିଶ୍ୱ ବିଧାତାଙ୍କୁ ମନଭରି ଗାଳିଦେବାକୁ ଇଚ୍ଛା ହେଉଥିଲା। ବିଦେଶର କୌଣସି ଏକ ସହରରେ ନିଜ କାରରୁ ଓହ୍ଲାଇ ବ୍ୟାଙ୍କ ଭିତରକୁ ପ୍ରବେଶ କରୁଥିବା ଜଣେ ମହିଳାଙ୍କ ହାତରୁ ଟଙ୍କା ବ୍ୟାଗ୍ ଛଡ଼ାଇ ଚୋର ଦୌଡ଼ି ପଳାଉଥିବା ବେଳେ ତାକୁ କାବୁ କରିନେଲେ ଜଣେ ସାହସୀ ଯୁବକ। ତାକୁ ଛାଡ଼ିଦେବା ପାଇଁ ଚୋରର କଠୋର ଧମକ ସତ୍ତ୍ୱେ ଯୁବକଙ୍କ ଶକ୍ତ ବନ୍ଧନ ଶିଥିଳ ହେଲାନାହିଁ। ଧରାପଡ଼ିଯିବାର ନିଶ୍ଚିତ ସମ୍ଭାବନାରେ ଆତଙ୍କିତ ହୋଇ ଦୁର୍ଦ୍ଦାନ୍ତ ଚୋର ଯୁବକଙ୍କୁ ଗୁଳି କରିଦେଲା। ସମବେତ ଭିଡ଼କୁ ପ୍ରତିହତ କରି ଖସିଯିବାରେ ସେ ବ୍ୟର୍ଥ ହେଲା ସତ, ମାତ୍ର ଅକାଳରେ ଅବସାନ ଘଟିଲା ଏକ ମହାର୍ଘ ଜୀବନର। ଅଙ୍ଗୁଳିରେ ଗଣି ହେଉଥିବା ପରାର୍ଥପ୍ରାଣଙ୍କ ସଂଖ୍ୟାରୁ ଗୋଟିଏ ସଂଖ୍ୟା ଊଣା ହୋଇଗଲା।

ନିଜର ଓ ନିଜ ସଂସାରର ସୁଖ ସମୃଦ୍ଧି ପାଇଁ ହାତପାଦରେ ଶକ୍ତି ଭରିଦେବାକୁ ଅହରହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ସ୍ୱାର୍ଥାନ୍ୱେଷୀ ଲୋକଙ୍କ ଦୁନିଆରେ ଆମେ ସଭିଏଁ ଜଣେ ଜଣେ ବାଧ୍ୟବାସିନ୍ଦା। ଅନ୍ୟ କାହା ଦୁଃଖରେ ଆହା କହି ସାହା ହେବାକୁ ଆମ ହୃଦୟର ଆହ୍ୱାନ ଅଛି ନା ହାତରେ ସମୟ ଅଛି। ଆଦୌ ଶେଷ ହେବାକୁ ନ ଥିବା ସ୍ୱାର୍ଥର ସଡ଼କରେ ସଭିଙ୍କର ଏକ ଅନନ୍ତ ଯାତ୍ରା। ଜଣଙ୍କ ହାତଧରି ତାଙ୍କୁ ଅଟକାଇ ଦେଇ ଆଗକୁ ମାଡ଼ିଯିବାର ଏକ ପାଗଳ ପ୍ରତିଯୋଗିତା। ତହିଁରେ ଅନ୍ୟର ସେବା ପାଇଁ ନିଜକୁ ସମର୍ପଣ କରୁଥିବା ଉଦାର, ଉପକାରୀ ଓ ହୃଦୟବାନ୍ ସହଯାତ୍ରୀଟିଏ କାହୁଁ ବା ମିଳନ୍ତେ! ତଥାପି ଦୁର୍ଲଭ ଦେବତାଙ୍କ ପରି ଯେଉଁ ଅଳ୍ପ କେଇଜଣ ଏ ସଂସାର ସଡ଼କରେ ଆତଯାତ ହେଉଛନ୍ତି, ସେମାନଙ୍କୁ ଆୟୁଷ୍ମାନ୍‌ର ବରଦାନ ଦେଇ ତାଙ୍କ କରଚରଣରେ ଅକ୍ଷୟ ଶକ୍ତି ଭରିଦିଅ ପ୍ରଭୁ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ–୮୮୯୫୬୭୨୪୧୦୫

# ନିର୍ବାଚନ ପରିଚାଳକ

ବ୍ୟକ୍ତିତ୍ୱ



ସୁନୀଲ ଆରୋରା

ସାଧାରଣ ନିର୍ବାଚନ ୨୦୧୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଜମ୍ମୁ–କଶ୍ମୀର, ଓଡ଼ିଶା, ମହାରାଷ୍ଟ୍ର, ହରିୟାଣା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଏବଂ ସିକ୍କିମ୍ ଭଳି ରାଜ୍ୟର ବିଧାନସଭା ଲାଗି ଭୋଟଗ୍ରହଣ ମଧ୍ୟ ଆସନ୍ତାବର୍ଷରେ ହେବାର ସମୟ ନିର୍ଦ୍ଧାରଣ କରାଯାଉଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନିର୍ବାଚନ କମିଶନ (ଇସି)ଙ୍କ ଦାୟିତ୍ୱ ହୋଇଥିବାରୁ ଏହି ସାମ୍ବିଧାନିକ ସଂସ୍ଥା ଉପରେ ଦେଶବାସୀଙ୍କ ନଜର ରହିଛି। ବର୍ତ୍ତମାନ ୫ଟି ରାଜ୍ୟର ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ଡିସେମ୍ବର ୧୧ରେ ଏଗୁଡ଼ିକର ଫଳାଫଳ ପ୍ରକାଶ ପାଇବ। ଇତିମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଥିବା ଓ.ପି. ରାୱତ୍‌ଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଫଳରେ କେନ୍ଦ୍ର ସରକାର ଇସି ମଧ୍ୟରେ ଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁନୀଲ ଆରୋରାଙ୍କୁ ସିଇସି ନିଯୁକ୍ତ କରିଛନ୍ତି। ସେ ଡିସେମ୍ବର ୨ରୁ ଦାୟିତ୍ୱ ଗ୍ରହଣ କରୁଛନ୍ତି। ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜରିଆରେ ସୁନୀଲଙ୍କ ନାମ ପ୍ରକାଶ ପାଇବା ପରେ ତାଙ୍କ ବ୍ୟକ୍ତିଗତ ଜୀବନ ଓ କାର୍ଯ୍ୟଦକ୍ଷତା ବିଷୟରେ ଜାଣିବା ଲାଗି ଆଗ୍ରହ ରହିବା ସ୍ୱାଭାବିକ।

ସୁନୀଲ ପଞ୍ଜାବର ହୋସିଆରପୁରରେ ୧୯୫୬ ଏପ୍ରିଲ ୧୩ରେ ଜନ୍ମଗ୍ରହଣ କରିଥିଲେ। ଭାରତୀୟ ରେଳପଥର ଅବସରପ୍ରାପ୍ତ ଆକାଉଣ୍ଟସ୍ ଅଫିସରଙ୍କ ପୁଅ ହେଉଛନ୍ତି ସୁନୀଲ। ତାଙ୍କ ଅନ୍ୟ ଦୁଇ ଭାଇଙ୍କ ମଧ୍ୟରେ ଜଣେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଥିବା ବେଳେ ଅନ୍ୟ ଜଣେ ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଧିକାରୀ ଭାବେ ଜଣାଶୁଣା। ଏକ ଉଚ୍ଚଶିକ୍ଷିତ ଓ ସମ୍ଭ୍ରାନ୍ତ ପରିବାରରୁ ଆସିଥିବା ସୁନୀଲ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଇଂଲିଶ୍ ସାହିତ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ୧୯୮୦ରେ ସେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ଯୋଗ ଦେଇଥିଲେ। ରାଜସ୍ଥାନ କ୍ୟାଡରର ଏହି ଅଧିକାରୀ ଏହା ପୂର୍ବରୁ ଜଳନ୍ଧରସ୍ଥିତ ଡିଏଭି କଲେଜରେ ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ତେବେ ସିଭିଲ୍ ସର୍ଭିସ୍‌ରେ ଯୋଗଦେବା ପରେ ସେ ରାଜସ୍ଥାନର ଯୋଧପୁର, ନାଗାଉର, ଅଲ୍‌ୱାର ଓ ଧୋଲପୁରରେ ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। ନିଜର ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ସେ ୧୯୯୩ରୁ ୧୯୯୮ ଯାଏ ମୁଖ୍ୟମନ୍ତ୍ରୀଙ୍କ ସଚିବ ଏବଂ ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ପରେ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ସଚିବ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ସହ ଅର୍ଥ, ବୟନ ଏବଂ ଯୋଜନା କମିଶନ ଆଦି ସଂସ୍ଥାର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେ ଅବସ୍ଥାପିତ ହୋଇଥିଲେ। ଇଣ୍ଡିଆନ୍ ଏୟାରଲାଇନ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରହିଥିବା ସୁନୀଲ ୨୦୧୬ ଏପ୍ରିଲ ୩୦ରେ ଚାକିରିରୁ ଅବସର ନେଇଥିଲେ। ପରେ ୨୦୧୭ ସେପ୍ଟେମ୍ବରରେ ତାଙ୍କୁ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଥିଲା। ଓ.ପି. ରାୱତ୍‌ଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ୨୦୧୮ ନଭେମ୍ବର ୨୬ରେ ତାଙ୍କୁ ସିଇସି ପଦବୀରେ ନିଯୁକ୍ତି ଦିଆଯିବା ବିଷୟ ଘୋଷଣା କରାଯାଇଥିଲା। ୨୦୧୯ରେ ସାଧାରଣ ନିର୍ବାଚନ ସହ କେତେକ ବିଧାନସଭା ସକାଶେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ତାଙ୍କ ଆଗରେ ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଲାଣି। ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ପ୍ରଚଳନ ନେଇ ବିରୋଧୀମାନେ ଅନେକ ସମୟରେ ପ୍ରଶ୍ନ ଉଠାଉଛନ୍ତି। ସେହିପରି ପ୍ରାର୍ଥୀଙ୍କ ଖର୍ଚ୍ଚ, ସେମାନେ ଉଲ୍ଲଂଘନ କରୁଥିବା ପ୍ରତ୍ୟେକ ନିୟମ ଏବଂ ପେଡ୍ ନ୍ୟୁଜ୍ ଭଳି ବିଭିନ୍ନ ପ୍ରସଙ୍ଗରେ ସିଇସିଙ୍କ ହସ୍ତକ୍ଷେପ ଓ ମତ ଗୁରୁତ୍ୱପୂର୍ଣ୍ଣ ରହୁଥିବାରୁ ସୁନୀଲଙ୍କୁ ଅତି ସତର୍କତାର ସହ ନିର୍ବାଚନ ପରିଚାଳନା କରିବାକୁ ପଡ଼ିବ।

–ଜିତେନ୍ଦ୍ର

## ଏଇ ଭାରତରେ

କେବଳ ମଣିଷ ନୁହନ୍ତି ପ୍ରତ୍ୟେକ ଜୀବ ହୃଦୟରେ ସ୍ନେହ ମମତା ଭରି ରହିଛି। ମା'ର ଅକାଳ ମୃତ୍ୟୁରେ ଗୋଟିଏ ହାତୀଛୁଆ ତାକୁ ଜଗି ରହିବା ଏବଂ ବିକଟାଳ ରଡି ଛାଡି ତାକୁ ଚିରନିଦ୍ରାରୁ ଉଠାଇବାକୁ ଉଦ୍ୟମ କରିବା ଘଟଣା କଠିନ ହୃଦୟକୁ ମଧ୍ୟ ତରଳାଇ ଦେଇଛି। ଏପରି ଏକ ଘଟଣା ଘଟିଛି କର୍ନାଟକର ହାସନ୍ ଜିଲାର କାଡାଗାରଭାଲି ଅଞ୍ଚଳରେ। ଏକ ମାଈ ହାତୀର ଗୋଡ଼ ଭାଙ୍ଗିଯିବାରୁ ସେ ଗୋଟିଏ ସ୍ଥାନରେ ପଡିରହି ଶେଷରେ ମୃତ୍ୟୁବରଣ କରିଥିଲା। ଅଣ୍ଡିରା ଛୁଆଟି ଏହାର ପାଖ ଛାଡୁ ନ ଥିଲା। ଶୁକ୍ରବାର ବନ ବିଭାଗ ଅଫିସରଙ୍କ ସହିତ ସ୍ଥାନୀୟ ଲୋକେ ବହୁ କଷ୍ଟସ୍ୱୀକାର କରି ମା'ଠାରୁ ହାତୀଛୁଆକୁ ପୃଥକ୍ କରିଛନ୍ତି। ଛୁଆ ହାତୀଟି ମା' ଚାରିପାଖରେ ବୁଲି ବୁଲି ଏହାକୁ ଜଗି ରହିଥିଲା ଏବଂ ଏହାକୁ ଜୋର୍‌ରେ ରଡି କରି ଉଠାଇବାକୁ ଚେଷ୍ଟା କରୁଥିଲା। ଏପରି କି ବନ ଅଧିକାରୀମାନେ ବ୍ୟବଚ୍ଛେଦ କରିବା ନିମନ୍ତେ ମୃତଦେହ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଛୁଆଟି ଆଦୌ ସୁଯୋଗ ଦେଇ ନ ଥିଲା। ଏଥିପାଇଁ ଦୁଇଟି ହାତୀକୁ ଘଟଣାସ୍ଥଳକୁ ଅଣାଯାଇ ଛୁଆକୁ ମା'ଠାରୁ ପୃଥକ୍ କରାଯାଇଥିଲା। ଏହି ସମୟରେ ଉପସ୍ଥିତ ଅଫିସର ଓ ସାଧାରଣ ଲୋକେ ଭାବପ୍ରବଣ ହୋଇପଡିଥିଲେ। ସେମାନଙ୍କ ଆଖିରୁ ଲୁହ ଝରିଯାଇଥିଲା। ମୃତ ହାତୀର ବୟସ ୩୦ବର୍ଷ ହୋଇଥିବା ବେଳେ ଛୁଆର ବୟସ ୬ମାସ। ହାତୀଛୁଆକୁ ଶିବମୋଗାସ୍ଥିତ ସାକ୍ରେବାଲି ହାତୀକ୍ୟାମ୍ପକୁ ନିଆଯାଇ ସେଠାରେ ଏହାର ଯତ୍ନ ନିଆଯାଉଛି। ଛୁଆ ହାତୀଟି ବର୍ତ୍ତମାନ ଘାସ ଖାଉଛି। ହାତୀଛୁଆ ସାଧାରଣତଃ ଦୁଇବର୍ଷ ପର୍ଯ୍ୟନ୍ତ ମା'ର ପିଛା ଛାଡନ୍ତି ନାହିଁ। ଏପରି ଏକ ଭାବପ୍ରବଣତାପୂର୍ଣ୍ଣ ଦୃଶ୍ୟ କେବେ ଦେଖି ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

### ଚିରନ୍ତନୀ

ପରାଣ–ରସାଳସେ ରୂପର ମୋହବଶେ
ହୋଇଲା ଉଦେ ଯେଉଁ ପୀରତି
ଭାବର ଭାଷା–ଜାଲେ ଲୁଚାଇ ସେ ଆବେଗ
ରଚିଲି କବିତାର କୀରତି।

(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୯୩

- ଦିଲ୍ଲୀ ବିଧାନସଭାର ଭାଜପା ବିଧାୟକ ଦଳ ନେତା ମଦନଲାଲ ଖୁରାନା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି।
- କାର୍ତ୍ତିକ ପୂର୍ଣ୍ଣିମା ପାଳନ ଅବସରରେ ଉତ୍ତରପ୍ରଦେଶର ଶୁକ୍ଲାଗଞ୍ଜରୁ ଯାତ୍ରୀମାନଙ୍କୁ ନେଇ ଫେରୁଥିବା ଏକ ନୌକା ଗଙ୍ଗାନଦୀରେ ବୁଡିଯିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯନ୍ତ୍ରାଧୀନ ମଣିଷ

ମହାଶୟ,

ମଣିଷ ଯେଉଁସବୁ କାମ ନିଜେ କରୁଥିଲା ତାହା ଆଜି ଯନ୍ତ୍ର କରୁଛି। ବ୍ୟାଙ୍କ ଆଜି ପେପରଲେସ୍ କିନ୍ତୁ ଲିଙ୍କ୍ ଫେଲ୍ ସମସ୍ୟା ଗୁରୁତର। ଦିନ ଦିନ ଧରି ବ୍ୟାଙ୍କ ବନ୍ଦ। ବିଭିନ୍ନ କାରବାରରେ ଯନ୍ତ୍ରର ଦାସ ହୋଇ ମଣିଷ ଏକପ୍ରକାର ନିର୍ଯାତିତ ହେଉଛି। ଶାରୀରିକ ପରିଶ୍ରମ କମିଯିବା ଫଳରେ ମଣିଷ ରୋଗଗ୍ରସ୍ତ ହୋଇପଡୁଛି। ବୋଧହୁଏ ଏମିତି ଦିନ ଆସୁଛି ସବୁକାମ ଯନ୍ତ୍ରମଣିଷ ହିଁ କରିବ ଓ ଯନ୍ତ୍ରର ନିର୍ଦ୍ଦେଶରେ ଉଠ୍‌ବସ୍ ହେବ।

ମହେନ୍ଦ୍ର କୁମାର ତ୍ରିପାଠୀ, ତ୍ରିଲୋଚନପୁର, ତେଲାଙ୍ଗ, ପୁରୀ

### ଲାଞ୍ଚୁଆ ଭାରତ

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଦ୍ୱାରା ପ୍ରକାଶିତ 'ଇଣ୍ଡିଆ କରପ୍‌ଶନ ସର୍ଭେ ୨୦୧୮' ରିପୋର୍ଟ ଅନୁସାରେ ୨୦୧୭ ମସିହାରେ ଭାରତରେ ୪୫ ଶତାଂଶ ଲୋକ ଲାଞ୍ଚ ଦେଇଥିବା ସ୍ୱୀକାର କରିଥିବା ବେଳେ ୨୦୧୮ରେ ଏହି ସଂଖ୍ୟା ୫୬ ପ୍ରତିଶତରେ ପହଞ୍ଚିଛି। ଏହି ରିପୋର୍ଟ ଅନୁସାରେ ଜମିଜମା ପଞ୍ଜୀକରଣ ପାଇଁ ୩୦ ପ୍ରତିଶତ, ପୋଲିସ ବିଭାଗରେ ୨୫ ପ୍ରତିଶତ, ପୌର କାର୍ଯ୍ୟାଳୟରେ କାମ ପାଇଁ ୧୮ ପ୍ରତିଶତ ଲୋକ ଲାଞ୍ଚ ଦେଇଥାନ୍ତି। କେନ୍ଦ୍ର ସରକାର ଗତ ୪ ବର୍ଷ ମଧ୍ୟରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ପ୍ରଶାସନ ଦେଇଥିବା ସମ୍ପର୍କରେ ଦୃଢ଼ୋକ୍ତି କରୁଛନ୍ତି। ମାତ୍ର ଓଡ଼ିଶା ସମେତ ସମଗ୍ର ଦେଶରେ ଦୁର୍ନୀତି ଓ ଲାଞ୍ଚ କାରବାର ବୃଦ୍ଧି ପାଇବାରେ ଲାଗିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଚିନ୍ତା କରନାହିଁ।

- ମାର୍କ ଟ୍ୱେନ



# ସୂର୍ଯ୍ୟମନ୍ଦିର ପାଦଦେଶରେ ଶୁଭିଲା କୋଣାର୍କ ମାହାତ୍ମ୍ୟ

କୋଣାର୍କ, (ଡି.ଏନ.ଏ.)/
ପୁରୀ ଅଫିସ, ୧।୧୨

ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟ ମନ୍ଦିର ପାଦଦେଶ ମୁକ୍ତାକାଶ ରଙ୍ଗମଞ୍ଚରେ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ୨୯ତମ କୋଣାର୍କ ଉତ୍ସବ। ପ୍ରଥମେ ମହାପ୍ରଭୁଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଏହି ୫ ଦିନିଆ ଉତ୍ସବକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପଣ୍ଡା କହିଥିଲେ ଯେ, ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ବିଶ୍ୱବିଦିତ। କୋଣାର୍କ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଆଜି ବିଶ୍ୱବାସୀଙ୍କୁ ଚକିତ କରିଛି। ଏହି ବିଶ୍ୱପ୍ରସିଦ୍ଧ ମନ୍ଦିର ପାଦଦେଶରେ ଏଭଳି ଉତ୍ସବ ଆୟୋଜନ ହେବା ନିଶ୍ଚିତ ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ହକି ବିଶ୍ୱକପ ସମୟରେ କୋଣାର୍କ ଉତ୍ସବ ଆୟୋଜନ ଦ୍ୱାରା ବିଦେଶୀ ପର୍ଯ୍ୟଟକମାନେ ଅଧିକ ଆକୃଷ୍ଟ ହୋଇପାରିବେ। ଉଦ୍‌ଘାଟନୀ ଉତ୍ସବ ଅବସରରେ ବିଧାୟକ ସଞ୍ଜୟ ଦାସବର୍ମା, ସମୀର ରଞ୍ଜନ ଦାଶ, ସୁରେନ୍ଦ୍ର ସେଠୀ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପୂର୍ବତନ ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଉଦ୍‌ଘାଟନୀ ପର୍ବ ପରେ ଆରମ୍ଭ ହୋଇଥିଲା ନୃତ୍ୟ ପରିବେଷଣ। ଶାସ୍ତ୍ରୀୟ ନୃତ୍ୟର ପାରମ୍ପରିକ ମଞ୍ଚରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କ ନୃତ୍ୟ ରଚନାରେ ଭୁବନେଶ୍ୱରର ନୃତ୍ୟାୟନ ଅନୁଷ୍ଠାନର ଶିଳ୍ପୀମାନେ ପ୍ରସ୍ତୁତ କରିଥିଲେ ଆଦି ଶଙ୍କରାଚାର୍ଯ୍ୟକୃତ ନିର୍ବାଣ ଷଟକମ୍ ଅନ୍ତର୍ଗତ ଶିବୋହଂ ଶିବୋହଂର ନୃତ୍ୟାର୍ଘ୍ୟ। କାରଣ ବ୍ରହ୍ମ ଓ କାର୍ଯ୍ୟ ବ୍ରହ୍ମକୁ ନେଇ ସୃଷ୍ଟ ଜଗତ ଓ ଜୀବନର ସୁନ୍ଦର ପରିକଳ୍ପନାକୁ ଗୁରୁ ରାମହରି ଦାସଙ୍କ ସଙ୍ଗୀତ, ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ତାଳବାଦ୍ୟ ସଂଯୋଜନାରେ ମଞ୍ଚସ୍ଥ କରିଥିଲେ ଅନୁଷ୍ଠାନର ଶିଳ୍ପୀମାନେ। ପରେ ନୃତ୍ୟାଚାର୍ଯ୍ୟ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନୃତ୍ୟ ସଂଯୋଜନାରେ ରାଗ କିରବାଣୀ ଓ ତାଳ ଏକତାଳିକୁ ନେଇ ପ୍ରସ୍ତୁତ ହୋଇଥିଲା ଶୁଦ୍ଧ ନୃତ୍ୟ ପଲ୍ଲବୀ। ଓଡ଼ିଶୀ ନୃତ୍ୟର ଅନ୍ତିମ ଉପସ୍ଥାପନାରେ ପରିବେଶିତ ହୋଇଥିଲା କୋଣାର୍କ ମାହାତ୍ମ୍ୟ। ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ପ୍ରସ୍ତୁତ ଆଲେଖ୍ୟ ଆଧାରରେ କୃଷ୍ଣଙ୍କ ପୁତ୍ର ଶାମ୍ବଙ୍କୁ ଅଭିଶାପ ଓ ସୂର୍ଯ୍ୟ ଉପାସନାକୁ ନେଇ ଶାପମୁକ୍ତି ହେବାର ପ୍ରସଙ୍ଗ ଅତି ନିଖୁଣ ଭାବେ ପରିବେଶିତ ହୋଇଥିଲା। କୋଣାର୍କ ପାଦଦେଶରେ ଓଡ଼ିଶୀ ମାହାତ୍ମ୍ୟ ମନ୍ତ୍ରମୁଗ୍ଧ କରିଥିଲା ଦର୍ଶକଙ୍କୁ।

## ମନ ମୋହିଲା ଭାରତନାଟ୍ୟମ୍

ଦ୍ୱିତୀୟ ଚରଣରେ ସ୍ୱନାମଧନ୍ୟ ଭାରତନାଟ୍ୟମ୍ ଶିଳ୍ପୀ ରମା ବୈଦ୍ୟନାଥନ ଓ ସାଥୀ ପରିବେଷଣ କରିଥିଲେ ଦେବୀ ସ୍ତୁତି। ଦେବୀ ମାହାତ୍ମ୍ୟ ଆଧାରରେ ଦେବୀଙ୍କ ବହୁବିଧ ଗରିମାକୁ ମଞ୍ଚସ୍ଥ କରିଥିଲେ ଶିଳ୍ପୀଗଣ। ଭାରତନାଟ୍ୟମ୍‌ର ଦ୍ୱିତୀୟ ପ୍ରସ୍ତୁତିରେ ଥିଲା କାଶୀ। ବାରାଣସୀ ଦେବନଗରୀରେ ସ୍ୱାତୀ ତିରୁନାଲଙ୍କ କୀର୍ତ୍ତନମ ଆଧାରରେ ଏହା ପରିବେଶିତ ହୋଇଥିଲା। ଅନ୍ତିମ ଉପସ୍ଥାପନାରେ ଥିଲା ତିଲ୍ଲାନା, ଯାହା ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ମୃତ୍ୟୁଞ୍ଜୟ ରଥ ଓ ସାଧନା ଶ୍ରୀବାସ୍ତବ।

■ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆରମ୍ଭ

# ବାଲୁକା କଳାରେ ହକି ବିଶ୍ୱକପ୍‌ର ଝଲକ

କୋଣାର୍କ(ଡି.ଏନ.ଏ.)/
ପୁରୀ ଅଫିସ, ୧।୧୨

କୋଣାର୍କ ଉତ୍ସବ ଅବସରରେ ଚନ୍ଦ୍ରଭାଗା ବେଳାଭୂମିରେ ଶନିବାର ଆରମ୍ଭ ହୋଇଛି ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ। ଚନ୍ଦ୍ରଭାଗାର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଆୟୋଜିତ ଏହି ମହୋତ୍ସବକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବା ପୁରୁଷ ହକି ବିଶ୍ୱକପକୁ ବାଲୁକା କଳାରେ ପ୍ରଦର୍ଶିତ କରିଛନ୍ତି ଦେଶ ବିଦେଶର ବାଲୁକା ଶିଳ୍ପୀ। କେହି କଳିଙ୍ଗ ଷ୍ଟାଡିୟମରେ ହକି ଖେଳର ଦୃଶ୍ୟକୁ ଜୀବନ୍ତ କରିଛନ୍ତି ତ ପୁଣି କେହି ୧୯୭୫ ବିଶ୍ୱକପ ଭାରତୀୟ ଦଳକୁ ବାଲୁକା କଳାରେ ସଜାଇଛନ୍ତି। ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇ ଚକ୍ ଦେ ଇଣ୍ଡିଆର ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ଅଧିକାଂଶ ଷ୍ଟଲରେ ମାଇଁ ହାର୍ଟ ବିଟ୍ ଫର ହକି ବାଲୁକା କଳା ପ୍ରଦର୍ଶିତ ହେଉଛି। ପୁରୀର ସୋନାଲୀ ମୁଦୁଲି, ସୁମିତ୍ରା ଶିଖା, ସସ୍ମିତା ନାୟକ, ଡଳିରାଣୀ ସାହୁ, ଓମ୍‌ପ୍ରୀତ ସାହୁ ମାଇଁ ହାର୍ଟ ବିଟ୍ ଫର ହକିର ଏକ ବୃହତ ବାଲୁକା କଳା ତିଆରି କରିଛନ୍ତି। ୪୨ଟି ଷ୍ଟଲରେ ୧୦୧ ବାଲୁକା ଶିଳ୍ପୀ ଏଥିରେ ଭାଗ ନେଇଛନ୍ତି। ଏମାନଙ୍କ ମଧ୍ୟରେ ବିଦେଶର ୬ ଜଣ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଆମେରିକାର ଡ୍ୟାନ ଡବଲଡେ, ଇଟାଲୀର ଲିଓନାର୍ଡୋ ଉଗୋଲିନ୍, ନେଦରଲାଣ୍ଡର ମ୍ୟାରିଏଲ ହେସେଲ୍‌ସ, ଜାପାନର କାସୁହିକୋ ଚାଏନ, ସ୍ପେନର ଓସ୍କାର ରୋଡିଗ୍ରେଜ୍ ଭିଲା ଏବଂ ଶ୍ରୀଲଙ୍କାର ଶ୍ରୀମାଲି ଚନ୍ଦ୍ରସେନା ଭାଗ ନେଇଛନ୍ତି।

ହକି ବିଶ୍ୱକପକୁ ନେଇ ବାଲୁକା କଳା ମହୋତ୍ସବର ବ୍ରାଣ୍ଡ ଆମ୍ବାସାଡର ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ପ୍ରମୁଖ ଆକର୍ଷଣ ସାଜିଛି। ଏଥିରେ ହକିବିଶ୍ୱକପରେ ଭାଗ ନେଇଥିବା ୧୬ଟି ଦେଶର ଜାତୀୟ ପତାକା ସହିତ ମାସ୍କଟ ଓଲି ଏବଂ ହକି ବିଶ୍ୱକପ, ହକି ଷ୍ଟିକ୍‌କୁ ଅତି ସୁନ୍ଦର ଭାବେ ସେ ପ୍ରସ୍ତୁତ କରିଛନ୍ତି। ଉଦ୍‌ଘାଟନ ପରେ ଅତିଥିମାନେ ଷ୍ଟଲଗୁଡ଼ିକୁ ବୁଲି ଦେଖିଥିଲେ।






ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ସ୍ୟାଣ୍ଡ ଆର୍ଟ ଫେଷ୍ଟିଭାଲରେ ତିଆରି ହୋଇଥିବା ବାଲୁକାକଳା।

# ବାଲିଯାତ୍ରା ପଡ଼ିଆରେ ଡଗ୍ ଶୋ


ପିଟ୍‌ବୁଲ୍

**କଟକ ଅଫିସ,୧।୧୨:** ବାଲିଯାତ୍ରା ପଡ଼ିଆରେ ଶନିବାର ଅପରାହ୍ନରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଏକ ଡଗ୍ ଶୋ ଅନୁଷ୍ଠିତ ହୋଇଥିଲା। କଟକ ସମେତ ଭୁବନେଶ୍ୱର ଓ ଜଗତ୍‌ସିଂହପୁରରୁ ୮୮ଟି କୁକୁର ଏଥିରେ ଭାଗ ନେଇଥିଲେ। ତେବେ ସୁମିତ ଦାସଙ୍କ ସେଣ୍ଟ ବର୍ନାଡ ପ୍ରଜାତିର କୁକୁର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଶାକ୍ୟାଂଶ ମହାନ୍ତିଙ୍କ ଜର୍ମାନ୍ ସେଫର୍ଡ ଦ୍ୱିତୀୟ ଓ ଅମ୍ବିକା ମହାନ୍ତିଙ୍କ ଲାବ୍ରାଡର୍ ୩ୟ ସ୍ଥାନ ହାସଲ କରିଥିଲା। ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ଅତିଥି ଭାବେ ଯୋଗଦେଇଥିଲେ। ଶୋ'ରେ ପିଟ୍‌ବୁଲ, ସି ଜୁ, ସେଣ୍ଟ ବର୍ନାଡ, ପଗ୍, ପୋମେରାନିଆନ୍, ଲାବ୍ରାଡର୍, ଜର୍ମାନ ସେଫର୍ଡ, ଗୋଲ୍ଡେନ ରେଟ୍ରିଭର, ଗ୍ରେଟ୍ ଡେନ୍, ଗ୍ରେଟ୍ ଡେନ୍ ହାର୍ଲେକୁଇନ୍, ଇଂଲିଶ୍ ମାଷ୍ଟିଫ୍, ଡାଲ୍‌ମାସିଆନ୍, ରଟ୍‌ୱିଲର, ବିଗେଲ୍, ଆକିତା ପ୍ରଭୃତି ପ୍ରଜାତିର କୁକୁର ଦେଖିବାକୁ ମିଳିଥିଲେ। କ୍ରାଇମବ୍ରାଞ୍ଚର କାନାଇନ ଏକ୍ସପର୍ଟ ହିମାଦ୍ରି ଭୂଷଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଭାଗ ନେଲେ ବିଭିନ୍ନ ପ୍ରଜାତିର ୮୮ କୁକୁର


ବିଗଲ


ଜର୍ମାନ ଶେଫର୍ଡ


ପୋମେରିଆନ


ସେଣ୍ଟ ବର୍ନାଡ



ଗ୍ରେଟ୍ ଡେନ୍


ପଗ୍











**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack-753014**
Form No. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R.P. No.: 171/2018/CTC** **Next Date: 04.01.2019**
**(Arising out of O.A. No. 301 of 2014)**
**Andhra Bank, Khandagiri Branch,** At/P.O.: Khandagiri, Bhubaneswar, Dist.: Khurda .....**Certificate Holder Bank**
**Vs.**
**M/s Chandan Car Care & others** .....**Certificate Debtors**
**To,**
1. **M/s Chandan Car Care,** At: Plot No. 194, Cuttack Road, Bomikhal, Bhubaneswar, Dist.: Khurda, PIN-751006, (Infront of New Kalika South Indian Hotel) (Represented through its Managing Director, **Sri Chandrakanta Pattnaik**).
2. **Shri Chandrakanta Pattnaik,** S/o: Late Narendranath Pattanaik, Flat No. 406, Sibani Enclave, Canal Road, Bomikhal, Bhubaneswar, Dist.: Khurda, PIN-751010.
3. **Shri Parsuram Jena,** S/o: Late Dhuleswar Jena, At: Plot No. 1267/2794, Canal Road, Bomikhal, Bhubaneswar, Dist.: Khurda, PIN-751006.

Take notice that Certificate arising out of **O.A. No. 301 of 2014** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.76,99,435.00 (Rupees Seventy Six Lacs Ninety Nine Thousand Four Hundred Thirty Five Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs.76,99,435.00 |
| 2. Cost allowed | (+) | : Rs. 1,13,555.00 |
| | | : **Rs.78,12,990.00** |

**(Rupees Seventy Eight Lacs Twelve Thousand Nine Hundred Ninety Only)** along with interest @ 15.50% p.a with quarterly rests from 25.04.2014 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through a legally authorised representative before the undersigned on **04.01.2019** and report the details of payment made by you.

Given under my hand & seal at Cuttack on this **19th day of November, 2018.**

**Sd/- (S. R. Parida)**
**Recovery Officer**



ମନୁଷ୍ୟର ସବୁଠାରୁ ବଡ଼ ଦୋଷ ହେଉଛି–ଯେତେବେଳେ ସେ ଧରିନିଏ ଯେ ତା'ର କୌଣସି ଦୋଷ ନାହିଁ।
–ଟମାସ କାର୍ଲାଇଲ



# ତ୍ରିକୋଣୀୟ ପ୍ରେମରୁ ଖଣ୍ଡାଚୋଟ

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ତ୍ରିକୋଣୀୟ ପ୍ରେମର କରୁଣ ପରିଣତି ଶନିବାର ରାଜଧାନୀରେ ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କୁ ପ୍ରେମ କରୁଥିବା ଦୁଇଜଣ ଯୁବକଙ୍କ ମଧ୍ୟରେ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବତୀଙ୍କର ପ୍ରଥମ ପ୍ରେମିକ ଓ ତାଙ୍କ ସାଙ୍ଗଙ୍କୁ ଦ୍ୱିତୀୟ ପ୍ରେମିକ ସହଯୋଗୀଙ୍କ ସହାୟତାରେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଛନ୍ତି। ଶହୀଦନଗର ଥାନା ଭିଏସ୍ଏସ୍‌ନଗରରେ ଘଟିଛି ଏହି ଅଭାବନୀୟ ଘଟଣା। ଖଣ୍ଡା ଚୋଟରେ ରାଇରଙ୍ଗପୁରର ସୁଶାନ୍ତ ବିଶ୍ରା ଓ ସାଙ୍ଗ କେନ୍ଦୁଝରର ବିକ୍ରମ ନାୟକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି। ଘଟଣା ଘଟିଥିବା ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ପୋଲିସ ଯାଞ୍ଚ କରୁଛି।



ଭିଏସ୍ଏସ୍‌ନଗରରେ ଆକ୍ରମଣ ଘଟଣାକୁ ନେଇ ଉତ୍ତେଜନା ସମୟର ଦୃଶ୍ୟ।

- ଦୁଇ ଯୁବକ ଗୁରୁତର
- କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

ସୂଚନା ଅନୁଯାୟୀ, ଭିଏସ୍ଏସ୍ ନଗରରେ ଥିବା ଏକ ବାଳିକା ହଷ୍ଟେଲରେ ଝାରସୁଗୁଡାର ଜଣେ ଯୁବତୀ ରହି ବି.ଟେକ୍ ପାଠ ପଢୁଛନ୍ତି। ତାଙ୍କୁ ପୂର୍ବରୁ ସୁଶାନ୍ତ ଭଲ ପାଉଥିଲେ। ଯୁବତୀ ଜଣକ ଭୁବନେଶ୍ୱର ଆସି ରହିବା ପରେ ଆଉଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ପ୍ରଥମ ପ୍ରେମିକ ସୁଶାନ୍ତଙ୍କ ସହ ସମ୍ପର୍କ ରଖିଥିଲେ। ସୁଶାନ୍ତ ପରୀକ୍ଷା ଦେବା ପାଇଁ ୪ଦିନ ତଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଆସି ଭୁବନେଶ୍ୱରରେ ରହିଥିଲେ। ଶନିବାର ସେ ତା'ର ସାଙ୍ଗ ବିକ୍ରମଙ୍କ ସହ ଉକ୍ତ ଯୁବତୀଙ୍କୁ ଦେଖା କରିବାକୁ ଭିଏସ୍ଏସ୍‌ନଗରସ୍ଥିତ ହଷ୍ଟେଲକୁ ଯାଇଥିଲେ। ସୁଶାନ୍ତ ହଷ୍ଟେଲ ନିକଟରେ ଥିବା ଏକ ଷ୍ଟ୍ରିଟ୍ ଲାଇଟ୍ ତଳେ ବସି ସେଠାକୁ ଆସିବାକୁ ହ୍ୱାଟ୍ସଆପ୍‌ରେ ଯୁବତୀଙ୍କୁ ମେସେଜ କରିଥିଲେ। କିନ୍ତୁ ଯୁବତୀ ଜଣକ ତାଙ୍କୁ ଦେଖା କରିବାକୁ ଚାହିଁ ନ ଥିଲେ। ତେଣୁ ସେ ତାଙ୍କ ଦ୍ୱିତୀୟ ପ୍ରେମିକଙ୍କୁ ଏକଥା ଜଣାଇଥିଲେ। ରାତି ପ୍ରାୟ ୯ଟାରେ ଦ୍ୱିତୀୟ ପ୍ରେମିକ ୪ଜଣ ସାଙ୍ଗଙ୍କ ସହ ଦୁଇଟି ବାଇକ୍‌ରେ ଖଣ୍ଡା ଓ ଲୁହା ପାଇପ ଧରି ସୁଶାନ୍ତ ବସିଥିବା ସ୍ଥାନରେ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ। ସୁଶାନ୍ତ ଜୀବନ ବିକଳରେ ଘଟଣାସ୍ଥଳରୁ ଖସି ଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ତାଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିବା ସହ ଲୁହା ପାଇପ୍‌ରେ ନିସ୍ତୁକ ପିଟିଥିଲେ। ଏଥିସହ ତାଙ୍କ ସାଙ୍ଗ ବିକ୍ରମଙ୍କୁ ବାନ୍ଧି ଲୁହା ପାଇପରେ ପିଟିବା ସହ ଖଣ୍ଡାରେ ମଧ୍ୟ ହାଣିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚିବା ଦେଖି ଅଭିଯୁକ୍ତମାନେ ଖସି ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବା ସୁଶାନ୍ତ ଓ ବିକ୍ରମଙ୍କୁ ପୋଲିସ ଉଦ୍ଧାର କରି ହସ୍ପିଟାଲ ନେଇଥିଲା।

## ସଂକ୍ଷେପରେ

### ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ

**କଣ୍ଟାପଡା, ୧।୧୨(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ତାଙ୍କର ନାବାଳକ ବନ୍ଧୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଗତ ୨୭ରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା(ନଂ.୧୧୩/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ଶନିବାର ସମ୍ପୃକ୍ତା ଯୁବତୀଙ୍କ ବୟାନ ରେକର୍ଡ କରି ଡାକ୍ତରୀ ମାଇନା କରାଇଛି। ଅଭିଯୋଗ ଅନୁଯାୟୀ, ଗତମାସ ୨୦ ତାରିଖରେ ବାଲିଅନ୍ତା ଥାନା ଅଞ୍ଚଳର ୨ଜଣ ଯୁବତୀ ଓ କଟକ ସଦର ଥାନା ଅଞ୍ଚଳର ଜଣେ ନାବାଳକ ବନ୍ଧୁ ପୀଡିତାଙ୍କୁ ସାଙ୍ଗରେ ନେଇ ଏକ ଜନ୍ମଦିନ ପାର୍ଟି ମନାଇବା ପାଇଁ ଖଣ୍ଡଗିରି ଥାନା ଜାଗମରାକୁ ଯାଇଥିଲେ। ଏକ ଭଡାଘରେ ଜନ୍ମଦିନ ପାଳନ ସମୟରେ ପୀଡିତା ଯୁବତୀ ଥଣ୍ଡା ପାନୀୟ ପିଇବା ପରେ ଅଚେତ ହୋଇ ପରଦିନ ସେ ଘରକୁ ଫେରିଥିଲେ। କିନ୍ତୁ ୨୨ ତାରିଖରେ ସମ୍ପୃକ୍ତ ନାବାଳକଙ୍କ ସହ ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ମାମଲା ଓଲଟପୁର ଥାନାଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଥାନା ଆଇଆଇସି ତପନ କୁମାର ରାଉତ କହିଛନ୍ତି। ଶନିବାର ସକାଳେ ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, ସମ୍ପାଦକ ପ୍ରଣବ ବିଶ୍ୱାଳ ଓ ଓଡିଶା ନାରୀ ସୁରକ୍ଷା ମଞ୍ଚର ଉପସଭାପତି ସଞ୍ଜିତ ମହାନ୍ତି ଗୋବିନ୍ଦପୁର ଥାନାରେ ପହଞ୍ଚି ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ଥାନାଧିକାରୀ ଶରତ ସେଠୀଙ୍କ ସହ ଆଲୋଚନା କରିଥିଲେ।

### ମନି ସାମନ୍ତରାୟଙ୍କ ସ୍ମୃତିସଭା

**ଭୁବନେଶ୍ୱର, ୧।୧୨(ବ୍ୟୁରୋ):** ସ୍ୱର୍ଗତ ସାମାଜିକ କର୍ମୀ ମନି ସାମନ୍ତରାୟଙ୍କ ୨ୟ ରାଜ୍ୟସ୍ତରୀୟ ସ୍ମୃତିସଭା ଅଶୋକ ନଗରସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଦାତାରାମ ଅଶୋକ ମଙ୍ଗରାଜତ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗ ଦେଇ ସ୍ୱର୍ଗତ ସାମନ୍ତରାୟ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତି ପାଇଁ ଭାବଗ୍ରାହୀ ସାହୁଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ପଣ୍ଡା, ସତ୍ୟବାଦୀ ବଳିଆରସିଂ, ସୁପ୍ରିମକୋର୍ଟ ଆଇନଜୀବୀ ପ୍ରଶାନ୍ତ ବର୍ମା, ସୁରେଶ ରଥ, ସୁଶୀଲ ଛୁଆଳସିଂହ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଶେଷରେ ଆଇନଜୀବୀ ଶୁଭେନ୍ଦୁ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଜ ଜାଲରେ ଫସିଲା ସ୍ପେଶାଲ ସ୍କ୍ୱାଡ୍

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

- ବନ୍ଧୁକ ବେପାରୀଙ୍କୁ ଧରିବା ଯୋଜନା ଭଣ୍ଡୁର
- ପୋଲିସଠାରୁ ୩୦ ହଜାର ନେଇ ମଉଜମସ୍ତିରେ ଉଡ଼ାଇଦେଲେ ଦଲାଲ

ବନ୍ଧୁକ ବେପାରିଙ୍କୁ ଧରିବାକୁ ବିଛାଇଥିବା ଜାଲରେ ନିଜେ ଫଶିଯାଇଛି ସ୍ପେଶାଲ ସ୍କ୍ୱାଡ୍। ପୋଲିସର ସମସ୍ତ ଯୋଜନାକୁ ଦଲାଲ ଭଣ୍ଡୁର କରିଦେଇଛନ୍ତି। ଯୋଜନା ମୁତାବକ ପୋଲିସ ପାଖାପାଖି ୩୦ ହଜାର ଟଙ୍କା ଉକ୍ତ ଦଲାଲଙ୍କୁ ଦେଇଥିବାବେଳେ ସେ ତାହାକୁ ମଉଜମସ୍ତିରେ ଉଡ଼ାଇ ଦେଇଛନ୍ତି। ଶେଷରେ ସ୍ପେଶାଲ ସ୍କ୍ୱାଡ୍ ଉକ୍ତ ଦଲାଲଙ୍କୁ ଉଠାଇ ଆଣି ଅଟକ ରଖିଛି।

ସୂଚନା ମୁତାବକ, ସାଲିଆସାହିର ଜଣେ ଯୁବକ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ବିହାରୀ ବନ୍ଧୁକ ବେପାରିଙ୍କ ସହ ତାଙ୍କର ଭଲ ଲିଙ୍କ୍ ଥିବା ସ୍ପେଶାଲ ସ୍କ୍ୱାଡ୍ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ତେଣୁ ସ୍ପେଶାଲ ସ୍କ୍ୱାଡ୍ ପୋଲିସ ବନ୍ଧୁକ ବେପାରିଙ୍କୁ ଧରିବା ପାଇଁ ଉକ୍ତ ଯୁବକଙ୍କୁ ମୋହରା କରି ଜାଲ ବିଛାଇଥିଲା। ୭ ଦିନ ତଳେ ସ୍ପେଶାଲ ସ୍କ୍ୱାଡ୍ ଟିମ୍‌ର ଜଣେ କର୍ମଚାରୀ ସାଦା ପୋଷାକରେ ସାଲିଆସାହିର ଉକ୍ତ ଯୁବକଙ୍କ ଘରେ ପହଞ୍ଚିଥିଲେ। ରାତି ପ୍ରାୟ ୯ଟାରେ ତାଙ୍କୁ ଭେଟି ନିଜକୁ କାଳିଆ ଭାଇ ଗ୍ୟାଙ୍ଗ୍‌ର ବୋଲି ପରିଚୟ ଦେଇଥିଲେ। ତାଙ୍କର ଗୋଟିଏ ବନ୍ଧୁକ ଖୁବ୍‌ଶୀଘ୍ର ଦରକାର ବୋଲି କହିଥିଲେ। ଏଥିପାଇଁ ୩୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି ସମ୍ପୃକ୍ତ ଯୁବକ ତାଙ୍କୁ କହିଥିଲେ। ତାଙ୍କ କଥାରେ ସ୍ପେଶାଲ ସ୍କ୍ୱାଡ୍‌ର ଉକ୍ତ କର୍ମଚାରୀ ରାଜି ହୋଇ ସଙ୍ଗେ ସଙ୍ଗେ ୩୦ହଜାର ଟଙ୍କା ତାଙ୍କୁ ଦେଇଥିଲେ। ଯୁବକ ଜଣକ ଟଙ୍କାକୁ ମଉଜମସ୍ତି କରି ଖର୍ଚ୍ଚ କରିଦେଇଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ଦେଇଥିବା ବ୍ୟକ୍ତି ଜଣେ ପୋଲିସ ଅଫିସର ବୋଲି ଉକ୍ତ ଯୁବକ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ତେଣୁ ସେ ଆଉ ବିହାରୀ ବେପାରିଙ୍କଠାରୁ ବନ୍ଧୁକ ଆଣି ନ ଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ବନ୍ଧୁକ ନ ଦେବାରୁ ସ୍ପେଶାଲ ସ୍କ୍ୱାଡ୍ ସମ୍ପୃକ୍ତ ଯୁବକଙ୍କୁ ଶୁକ୍ରବାର ରାତିରେ ଉଠାଇ ଆଣିଛି ବୋଲି ତାଙ୍କ ସ୍ତ୍ରୀ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଟଙ୍କା ନ ଦେଲେ ପୋଲିସ ତାଙ୍କୁ ଛାଡ଼ିବ ନାହିଁ ବୋଲି କହୁଥିବା ତାଙ୍କ ସ୍ତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ସ୍ପେଶାଲ ସ୍କ୍ୱାଡ୍ ମୁଖ୍ୟ ସଞ୍ଜୀବ ଶତପଥୀଙ୍କୁ ପଚାରିବାରେ ଏଭଳି କିଛି ଘଟଣା ସମ୍ପର୍କରେ ସେ ଅବଗତ ନ ଥିବା କହିଥିଲେ। ଆମେ କ'ଣ ପାଇଁ କାହାକୁ ଟଙ୍କା ଦେବୁ ବୋଲି ସେ କହିଥିଲେ।

## ରାଜଧାନୀରେ ମାତିଲେ ଲୁଟେରା

# ବୈଜ୍ଞାନିକ, ଯୁବତୀଙ୍କଠାରୁ ଲୁଟ୍

ଭୁବନେଶ୍ୱର, ୧।୧୨ (ବ୍ୟୁରୋ)

କିଛି ଦିନର ନୀରବତା ପରେ ରାଜଧାନୀରେ ମାତିଛନ୍ତି ଲୁଟେରା। ଗୋଟିଏ ଦିନରେ ଦୁଇଟି ସ୍ଥାନରେ ଲୁଟ୍ କରିଛନ୍ତି। ଶନିବାର ସକାଳୁ ନୟାପଲ୍ଲୀ ଥାନା ସିବିଆଇ ଅଫିସ ସମ୍ମୁଖରୁ ଜଣେ ମହିଳା ବୈଜ୍ଞାନିକଙ୍କ ଠାରୁ ଲୁଟ ହୋଇଛି। ଲୁଟର ଶିକାର ହୋଇଥିବା ମହିଳା ବୈଜ୍ଞାନିକ ହେଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଡା. ମଞ୍ଜୁଶ୍ରୀ ଧଳ। ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ସକାଳ ପ୍ରାୟ ୧୦ଟା ସମୟରେ ମଞ୍ଜୁଶ୍ରୀ ଚାଲି ଚାଲି ସିଆରପି ଛକ ଅଭିମୁଖେ ଆସୁଥିଲେ। ସେ ସିବିଆଇ ଅଫିସ ସମ୍ମୁଖରେ ହୋଇଥିବା ବେଳେ ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ ନେଇ ଚମ୍ପଟ ମାରିଥିଲେ। ସେହିଭଳି ଶହୀଦନଗର ଥାନା ରମାଦେବୀ କଲେଜ ସମ୍ମୁଖରୁ ମୋନାଲିସା ମଲ୍ଲିକ ନାମ୍ନୀ ଯୁବତୀଙ୍କ ଠାରୁ ଜଣେ ଲୁଟେରା ମୋବାଇଲ୍ ଓ ପର୍ସ ଝାମ୍ପି ନେଇ ଚମ୍ପଟ ମାରିଛନ୍ତି।

# କୁଆଖାଇକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୧।୧୨ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୁଆଖାଇ ନଦୀ ଏବେ ଆତ୍ମହତ୍ୟା ଜୋନ୍ ପାଲଟିଛି। ଶନିବାର ଜଣେ ଯୁବତୀ କୁଆଖାଇ ପୋଲ ଉପରୁ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ନଦୀର ଉକ୍ତ ସ୍ଥାନରେ କମ୍ ପାଣି ଥିବାରୁ ବାଲି ମାଡ଼ରେ ଯୁବତୀଙ୍କ ଗୋଡ, ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେ କିଛି କହିପାରୁ ନାହାନ୍ତି। ସାମାନ୍ୟ ସୁସ୍ଥ ହେବାପରେ ତାଙ୍କ ବୟାନ ରେକର୍ଡ କରାଯିବ। ପରିଚୟ ମିଳିଲେ ପରିବାର ଲୋକଙ୍କୁ ଖବର ଦିଆଯିବ ବୋଲି ମଞ୍ଚେଶ୍ୱର ଥାନା ପୋଲିସ ସୂଚନା ଦେଇଛି। ତେବେ ପ୍ରେମ ଜନିତ କାରଣକୁ ନେଇ ଏହି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ କୁଆଖାଇ ପୋଲ ଉପରେ ଗାଡ଼ିମୋଟର ଜାମ୍ ରହିଥିଲା। ଏହି ସମୟରେ ଜଣେ ୨୪ ବର୍ଷିୟା ଯୁବତୀ ହଂସପାଳ ପଟୁ ପୋଲ ଉପରେ ଚାଲି ଚାଲି ଭୁବନେଶ୍ୱର ଆଡକୁ ଆସୁଥିଲେ। ସେ କାନ୍ଦୁଥିବାରୁ ତାଙ୍କ ଉପରେ ଲୋକଙ୍କ ନଜର ପଡ଼ିଥିଲା। କିଛିବାଟ ଚାଲିଆସିବା ପରେ ହଠାତ୍ ଯୁବତୀ ଜଣକ ପୋଲର ବାମପାର୍ଶ୍ୱ ବାଡା ଉପରକୁ ଚଢି ନଦୀକୁ ଡେଇଁ ପଡିଥିଲେ। ଏହାଦେଖି କେତେଜଣ ସ୍ଥାନୀୟ ଲୋକେ ନଦୀ ଭିତରକୁ ଯାଇ ସମ୍ପୃକ୍ତ ଯୁବତୀଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାପୂର୍ବରୁ କିଛିମାସ ତଳେ ପାରିବାରିକ କଳହରୁ ନୟାପଲ୍ଲୀର ସୁମିତ୍ରା କୁମାରୀ ଦାଶ ଉକ୍ତ ପୋଲ ଉପରୁ ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ପ୍ରବାହିତ ବନ୍ୟାଜଳରେ ସେ ବହୁ ଦୂରକୁ ଭାସିଯାଇଥିଲେ। ଦୀର୍ଘ ସମୟ ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ସେହିଭଳି ଜଣେ ମହିଳା ହୋମଗାର୍ଡ ପୋଲରୁ କୁଆଖାଇ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ତାଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଶାଳୀ ସଙ୍ଗେ ଟାପରା**
**କରିଲୁ ଯଦି ସହେ**
**କାଲି ସଉଦା ଭାରି ଭଲ**
**ମାଗିଲେ ଯଦି ଦିଏ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥାଏ। ଭିଣୋଇର ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଯାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଦୋକାନୀର ଯଦି କୌଣସି ଆପତ୍ତି କି ଅଭିଯୋଗ ନ ଥାଏ ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସତ କହିବି ନା ମିଛ କହିବି?**
**ନା ଯାହା ଅଙ୍ଗେ ନିଭେଇଛି ତାହା କହିବି ?**

କେତେକ କଥା କାହାକୁ ସତ ଲାଗିପାରେ ନତୁବା ମିଛ। ପରନ୍ତୁ ଅଙ୍ଗେନିଭା କଥା ହିଁ ସତ, ଏଥିରେ କାହାରି ଦ୍ୱିମତ ହେବାର ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଏଏସ୍‌ବିଏମ୍‌ରେ ଜାତୀୟ ଫାଇନାନ୍ସ ସିମ୍ପୋଜିୟମ୍




ଭୁବନେଶ୍ୱର, ୧।୧୨

ଏସିଆନ୍ ସ୍କୁଲ୍ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍)ରେ ୭ମ ଜାତୀୟ ଫାଇନାନ୍ସ ସିମ୍ପୋଜିୟମ–୨୦୧୮ ଅନୁଷ୍ଠିତ ହୋଇଯାଇଛି। ମନୋଭାବ ପରିବର୍ତ୍ତନ କରିବାର ସାମର୍ଥ୍ୟ ଏବଂ ନୀତି ଶାସ୍ତ୍ର ଉପରେ ପୂର୍ବତଟ ରେଳପଥର ଅର୍ଥନୈତିକ ପରାମର୍ଶଦାତା ରାଜକୁମାର ମିନୋଚା ଏଥିରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ସମ୍ବେଦନଶୀଳ କ୍ରମୋନ୍ନତି ଏବଂ ସୂଚିତ ସୀମା ଉପରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପୂର୍ବତନ ପ୍ରଫେସର ଡ.ରଞ୍ଜନ କୁମାର ବଳ ମତ ରଖିଥିଲେ। କାର୍ଯ୍ୟ ନିର୍ବାହରେ ନ୍ୟାୟ ପରାୟଣତା ,ସାଧୁତା ଏବଂ ଆର୍ଥିକ ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ ସୂଚନା ଦେଇଥିଲେ। ସମ୍ପୋଜିୟମର ଶୀର୍ଷକ ଉପରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିଭିନ୍ନ ପ୍ଲିନାରୀ ସେସନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାୟ, ଡ. ପଦ୍ମନାଭ ମହାପାତ୍ର, ଡ. ବରଦା ପି. ମହାପାତ୍ର, ଏଲ୍ଆଇସିର ସିନିୟର ଡିଭିଜନାଲ ମ୍ୟାନେଜର ଏ.କେ. ରାଉତରାୟ, କାନାରା ବ୍ୟାଙ୍କ ଡିଜିଏମ୍ ଶ୍ରୀକାନ୍ତ ମହାପାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ ବିଜନେସ ଆଡମିନିଷ୍ଟ୍ରେଶନ ବିଭାଗ ପ୍ରଫେସର ଡ. କିଶୋର କୁମାର ଦାସ, ୟୁଏସ୍ କନସାସ ବିଶ୍ୱ ବିଦ୍ୟାଳୟ ପ୍ରଫେସର ଡ.ରାଜେନ୍ଦ୍ର ପି.ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରାୟ ଅର୍ଦ୍ଧେକରୁ ଅଧିକ ଅଟୋ କମ୍ପାନୀର ମୁଖ୍ୟ ପଦ ଖାଲି ପଡିଥିବା ବେଳେ ଏହାକୁ ପୂରଣ କରିବା ଆରମ୍ଭ ହୋଇଛି। ଏହାରି ଭିତରେ ହ୍ୟୁଣ୍ଡାଇ, ଟୟୋଟା ଓ ବିଏମ୍‌ଡବ୍ଲ୍ୟୁ ପାଇଁ ଦେଶର ନୂଆ ମୁଖ୍ୟ ପାଇବାକୁ ଯାଉଥିବା ବେଳେ ମର୍ସିଡିଜ ବେଞ୍ଜ, ଫକ୍ସୱାଗନ ଓ ହାର୍ଲେ ଡାଭିଡଶନ ନୂଆ ମୁଖ୍ୟ ପାଇଛନ୍ତି। ଶୀର୍ଷ ନେତୃତ୍ୱରେ ନୂଆ ମୁହଁଙ୍କ ପ୍ରବେଶ କମ୍ପାନୀର ରଣନୀତିରେ ପରିବର୍ତ୍ତନ ଆଣିବ। ଭାରତୀୟ କାର୍ ଉଦ୍ୟୋଗରେ ସବୁଠାରୁ ଅଭିଜ୍ଞତାସମ୍ପନ୍ନ ଅଟୋ ମୁଖ୍ୟ ଭାବେ ପରିଚୟ ହାସଲ କରିଥିବା ୱାଇ.କେ.କୁ ତାଙ୍କର ଦ୍ୱିତୀୟ ପାଳି ସାରି କୋରିଆ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ୨୦୧୫ ଅକ୍ଟୋବରରେ ଭାରତରେ ଏମ୍‌ଡି ଭାବେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ। ହ୍ୟୁଣ୍ଡାଇରେ ସେ ସେଲ୍ସ ଓ ମାର୍କେଟିଂରେ ତାଙ୍କର ପ୍ରଥମ ଇନିଂସ ଆରମ୍ଭ କରିଥିଲେ। ଏହାପରେ ସେ ଏମ୍‌ଡି ଭାବେ ପୁନର୍ବାର ଭାରତକୁ ଫେରିଥିଲେ। ମାରୁତି ସୁଜୁକି ଭଳି ବଡ଼ ପ୍ରତିପକ୍ଷ କମ୍ପାନୀକୁ ସେ ଟକ୍କର ଦେଇ ଦେଶରେ ହ୍ୟୁଣ୍ଡାଇକୁ ପ୍ରତିଷ୍ଠିତ କରିପାରିଥିଲେ। ଟୟୋଟା କିର୍ଲୋସ୍କର ଜେଭି ଦ୍ୱାରା ପରିଚାଳିତ ଟୟୋଟାର ଏମ୍‌ଡି ଆକିଟୋ ଟାଚିବାନା କମ୍ପାନୀ ଛାଡିଥିବା ନିକଟରେ ଘୋଷଣା କରାଯାଇଛି। ତାଙ୍କ ସ୍ଥାନରେ ମାସାକାଜୁ ୟୋଶିମୁରା ଆସୁଛନ୍ତି। ସେ ଟୟୋଟାର ପୂର୍ବ ଭାରତ ଓ ଓସେନିଆ ଡିଭିଜନର ଜେନେରାଲ ମ୍ୟାନେଜର ରହିଛନ୍ତି। ଜାପାନୀ କମ୍ପାନୀ ସୁଜୁକିର ପାର୍ଟନରଶିପ୍ ହେବାକୁ ଯାଉଥିବା ବେଳେ ତାଙ୍କର ନିଯୁକ୍ତି ବିଶେଷ ଗୁରୁତ୍ୱ ବହନ କରୁଛି। ହ୍ୟୁଣ୍ଡାଇ ଓ ଟୟୋଟାକୁ ନୂଆ ମୁଖ୍ୟ ମିଳିସାରିଥିବା ବେଳେ ବିଏମ୍‌ଡବ୍ଲ୍ୟୁ ଶୀର୍ଷ ନେତୃତ୍ୱକୁ ଅପେକ୍ଷା କରିଛି। ବିଏମ୍‌ଡବ୍ଲ୍ୟୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପାଇଁ ନିଯୁକ୍ତ ହେବା ପରେ ବିକ୍ରମ ପାୱା ଭାରତ ଛାଡିଛନ୍ତି। ସେ ଭାରତ ପାଇଁ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ। କମ୍ପାନୀର ପ୍ରତିଦ୍ୱନ୍ଦୀ ମର୍ସିଡିଜ ବେଞ୍ଜର ଏମ୍‌ଡି ଓ ସିଇଓ ଭାବେ ମାର୍ଟିନ ସ୍କ୍ୱେଙ୍କଙ୍କୁ ନିଯୁକ୍ତି ମିଳିଛି। ସେ କମ୍ପାନୀର ଚାଇନା ଅପରେଶନ ସିଏଫଓ ଥିଲେ। ସେହିପରି ଜର୍ମାନୀର କାର୍ ନିର୍ମାତା ଫକ୍ସୱାଗନ ଓ ଆମେରିକା କମ୍ପାନୀ ହାର୍ଲେ ଡାଭିଡଶନର ଶୀର୍ଷ ନେତୃତ୍ୱ ବଦଳିଲାଣି। ଗୁରପ୍ରତାପ ବୋପାରାଇଙ୍କୁ ଫକ୍ସୱାଗନ ଭାରତରେ ଏମ୍‌ଡି ଭାବେ ନିଯୁକ୍ତ କରିଛି। ସେ ବର୍ତ୍ତମାନ ସ୍କୋଡା ଇଣ୍ଡିଆର ଏମ୍‌ଡି ରହିଛନ୍ତି। ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ସେ ନୂତନ ଦାୟିତ୍ୱ ନେବେ। ଅନ୍ୟପକ୍ଷରେ ହାର୍ଲେ ସଞ୍ଜୀବ ରାଜଶେଖରନଙ୍କୁ ଭାରତୀୟ କମ୍ପାନୀର ଏମ୍‌ଡି ଭାବେ ନିଯୁକ୍ତ କରିଛି।

### ଏନ୍‌ପିଏ ଅସୁଲ ଉପରେ

## ସିଣ୍ଡିକେଟ ବ୍ୟାଙ୍କର ଫୋକସ୍

ଭୁବନେଶ୍ୱର,୧-୧୨



ମୃତ୍ୟୁଞ୍ଜୟ ମହାପାତ୍ର

ସିଣ୍ଡିକେଟ ବ୍ୟାଙ୍କ ରାଜ୍ୟରେ ବର୍ତ୍ତମାନ ୬ ହଜାର କୋଟି ଟଙ୍କାର କାରବାର କରୁଛି। ଏଠାରେ ବ୍ୟାଙ୍କର ୧୧୦ ଶାଖା ରହିଛି। ୧,୦୦୦ କର୍ମଚାରୀଙ୍କ ସହ ବ୍ୟାଙ୍କ ସେବା ଯୋଗାଇ ଦେଉଛି। ହାଉସିଂ ଏବଂ ଏମ୍‌ଏସ୍‌ଏମ୍‌ଇ ଋଣକୁ ବ୍ୟାଙ୍କ ପକ୍ଷରୁ ଅଗ୍ରାଧିକାର ଦିଆଯାଉଛି। ସାରା ଦେଶରେ ବ୍ୟାଙ୍କ ମୋଟ ୪୧୦୦ ଶାଖା ସହ ସେବା ଯୋଗାଉଥିବା ବେଳେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରୁଛି। ରାଜ୍ୟରେ ଅଧିକ କରେଣ୍ଟ ଏବଂ ସେଭିଂ ଆକାଉଣ୍ଟ ଖୋଲିବାକୁ ବ୍ୟାଙ୍କ ଧ୍ୟାନରେ ରଖିଛି। ସ୍ଥାନୀୟ ଏକ ହୋଟେଲରେ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଓଡ଼ିଶାରେ ଅନ୍ୟ ରାଜ୍ୟ ତୁଳନାରେ ବ୍ୟାଙ୍କର ଏନପିଏ କ୍ଷେତ୍ରରେ ସ୍ଥିତି ଉନ୍ନତ ରହିଛି। ଏନ୍‌ପିଏ ଅସୁଲ ଉପରେ ବ୍ୟାଙ୍କ ଧ୍ୟାନ ଦେଉଛି। ଗତ ଚାରି ତ୍ରୈମାସଧରି ବ୍ୟାଙ୍କ କ୍ଷତି ସହିଥିବା ବେଳେ ଶୀଘ୍ର ଏହା ଲାଭ ଜନକ ସ୍ଥିତିକୁ ଆସିବ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସ୍ଥିତି ଆସିବ ବୋଲି ମହାପାତ୍ର କହିଛନ୍ତି। ବ୍ୟାଙ୍କର ଏନପିଏ ବର୍ତ୍ତମାନ ୬.୫% ରହିଛି। ଏହା ଶୀଘ୍ର ୬%ରୁ ନିମ୍ନକୁ ହ୍ରାସ ଘଟିବ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟାଙ୍କ ପ୍ରାୟ ୩୦୦୦ କୋଟି ଟଙ୍କାର ଏନ୍‌ପିଏ ସଂଗ୍ରହ କରିବାକୁ ସକ୍ଷମ ହେବ। ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରିବାକୁ ସକ୍ଷମ ହେଉ ନ ଥିବା ମୋଟ ୩୨ କମ୍ପାନୀ ସରକାରଙ୍କ କମ୍ପାନୀ ଲ ଟ୍ରିବ୍ୟୁନାଲ ଅଧୀନରେ ରିଜଲ୍ୟୁଶନ ପରିସରଭୁକ୍ତ ହୋଇଛନ୍ତି। ଏନ୍‌ପିଏ ଅସୁଲି ଧାରା ଜାରି ରହିଛି ବୋଲି ସେ କହିଛନ୍ତି। ବ୍ୟାଙ୍କ ହୋମ୍, ବିଜନେସ ଏବଂ କର୍ପୋରେଟ ଋଣକୁ ପ୍ରାଥମିକତାରେ ରଖିଛି। ବ୍ୟାଙ୍କର କାସା ଅନୁପାତ ୩୧% ରହିଛି। ଏହାକୁ ୩୫%ରେ ପହଞ୍ଚିବା ନେଇ ଆଶା ରହିଛି। ନୂଆ ନିଯୁକ୍ତି ସହ ନୂଆ ଶାଖା, ଶାଖା ମିଶ୍ରଣ ନେଇ ସେ ସୂଚନା ଦେଇଛନ୍ତି। ମହାପାତ୍ର ରାଜ୍ୟରେ ଥିବା ଦୁଇ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀଙ୍କୁ ଭେଟିଥିଲେ। ଏହି ଅବସରରେ ରାଜ୍ୟରେ ବ୍ୟବସାୟ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

# ଇକ୍ୱିଟିକୁ ଖୁଚୁରା ନିବେଶକଙ୍କ ପ୍ରାଥମିକତା




ଭୁବନେଶ୍ୱର,୧-୧୨

ଖୁଚୁରା ନିବେଶକ ବର୍ତ୍ତମାନ ଇକ୍ୱିଟି ନିବେଶକୁ ପ୍ରାଥମିକତା ଦେଉଛନ୍ତି। ମ୍ୟୁଚୁଆଲ ଫଣ୍ଡର ମୋଟ ପରିଚାଳନା ସମ୍ପତ୍ତି( ଏୟୁଏମ୍)ରେ ଖୁଚୁରା ନିବେଶକଙ୍କ ଅବଦାନ ୨୬%। ଅପରପକ୍ଷରେ ୮% ଖୁଚୁରା ନିବେଶକ ଅଣ ଇକ୍ୱିଟି ପାଣ୍ଠିରେ ନିବେଶ କରୁଛନ୍ତି। ନିବେଶକଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ସର୍ବଦା କାର୍ଯ୍ୟ କରୁଛି। ସ୍ଥାନୀୟ ଏକ ହୋଟେଲରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି)ଆନୁକୂଲ୍ୟରେ ଆୟୋଜିତ ଖୁଚୁରା ସଞ୍ଚୟ କନକ୍ଲେଭରେ ଯୋଗଦେଇ ସେବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍.ଭି. ମୁରଲୀଧର ରାଓ ଏହା କହିଛନ୍ତି। ସେ କହିଛନ୍ତି ଯେ, ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ପ୍ରତି ଓଡ଼ିଶାର ଅବଦାନରେ ବୃଦ୍ଧି ହେଉଛି।

ଓଡ଼ିଶାରେ ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ଅଭିବୃଦ୍ଧି କରୁଛି। ଏ କ୍ଷେତ୍ରରେ ୨୦୧୫ ମାର୍ଚ୍ଚ ବେଳକୁ ଓଡ଼ିଶାର ଅବଦାନ ୦.୫୭% ଥିଲା ବେଳେ ୨୦୧୮ ଅକ୍ଟୋବର ୩୦ ବେଳକୁ ଏହା ୦.୯୧%କୁ ବୃଦ୍ଧି ଘଟିଛି। ଜାତୀୟ ହାର ତୁଳନାରେ ଓଡ଼ିଶାର ଯୋଗଦାନ ନଗଣ୍ୟ ରହିଲେ ମଧ୍ୟ ଅଭିବୃଦ୍ଧି ଉନ୍ନତ ବୋଲି ସେ କହିଛନ୍ତି। ଗତ ପାଞ୍ଚ ବର୍ଷରେ ଦେଶର ମ୍ୟୁଚୁଆଲ ଫଣ୍ଡର ମୋଟ ଏୟୁଏମ୍ ଦୁଇଗୁଣ ବୃଦ୍ଧି ଘଟିଥିବା ସେ କହିଛନ୍ତି। ଦେଶରେ ମ୍ୟୁଚୁଆଲ ଫଣ୍ଡର ମୋଟ ବଜାର ବର୍ତ୍ତମାନ ୨୨.୨୪ ଲକ୍ଷ କୋଟିରେ ପହଞ୍ଚିଛି। ମୋଟ ନିବେଶକଙ୍କ ସଂଖ୍ୟା ୨ କୋଟି ଥିବା ବେଳେ ୪୩ କମ୍ପାନୀ ଓ ୧୯ ଶହ ସ୍କିମ ନିବେଶକଙ୍କ ପାଇଁ ରହିଥିବା ରାଓ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଆଇସିସି ବିଶେଷଜ୍ଞ କମିଟି ସଦସ୍ୟ ସୁଧୀର ରାୟ ଚୌଧୁରୀ, ୟୁଟିଆଇ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡର ସଭାପତି ଦେବାଶିଷ ମହାନ୍ତି, ଏଲ୍‌ଆଇସିର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଏଲ୍.ପି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଋଣ ପ୍ରଦାନ ଲକ୍ଷ୍ୟ ସୁଧ ହାର ବଢ଼ାଇ ଟଙ୍କା ଯୋଗାଡ଼ କରିବେ ବ୍ୟାଙ୍କ

ନୂଆଦିଲ୍ଲୀ,୧-୧୨

ବ୍ୟାଙ୍କରେ ଜମାକାରୀଙ୍କ ପାଇଁ ଖୁସିର ଖବର ଆସୁଛି। କାରଣ ବ୍ୟାଙ୍କଗୁଡ଼ିକ ଜମା ଉପରେ ସୁଧ ହାର ବଢ଼ାଇବାକୁ ଯାଉଛନ୍ତି। କାରଣ ସେମାନଙ୍କୁ ଋଣ ପ୍ରଦାନ ଲାଗି ଅଧିକ ଅର୍ଥର ଆବଶ୍ୟକତା ରହିଛି। ଅର୍ଥନୀତିର ଆକାର ବଢୁଥିବାରୁ ଋଣ ଚାହିଦା ବଢ଼ିବାରେ ଲାଗିଛି। ଏହାକୁ ପୂରଣ କରିବା ଲାଗି ବ୍ୟାଙ୍କଗୁଡ଼ିକ ନିକଟରେ ଟଙ୍କା ନାହିଁ। ଏଣୁ ସୁଧ ହାର ବଢ଼ାଇ ବ୍ୟାଙ୍କଗୁଡ଼ିକ ଟଙ୍କା ଯୋଗାଡ଼ କରିବେ । ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ନଭେମ୍ବର ୯ ତାରିଖ ସୁଦ୍ଧା ଋଣ ଓ ଜମା ମଧ୍ୟରେ ଅନୁପାତ ୧୨୨ ପ୍ରତିଶତରେ ପହଞ୍ଚ ଯାଇଛି। ବର୍ଷକ ପୂର୍ବେ ଏହା ୯୦ ପ୍ରତିଶତ ରହିଥିଲା ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ତଥ୍ୟରୁ ଜଣାପଡିଛି। ଋଣ ଓ ଜମା ଅନୁପାତରୁ ଜଣାପଡୁଛି ଯେ, ଋଣ ଚାହିଦା କ୍ରମାଗତ ବଢୁଥିବାରୁ ଜମା ଉପରେ ସୁଧ ହାର ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ୧୨୨ ପ୍ରତିଶତ ଋଣ ଓ ଜମା ଅନୁପାତ କହୁଛି ଯେ, ବ୍ୟାଙ୍କ ପ୍ରତ୍ୟେକ ୧୦୦ ଟଙ୍କା ଜମା ଉପରେ ୧୨୨ ପ୍ରତିଶତ ଋଣ ଦେଉଛି। ଅତିରିକ୍ତ ପାଣ୍ଠି ଲାଗି ସରକାରୀ ବଣ୍ଡରେ ନିଜର ନିବେଶକୁ ବ୍ୟାଙ୍କ ବ୍ୟବହାର କରୁଛି। ଏଣୁ ଋଣ ଚାହିଦା ମେଣ୍ଟାଇବା ଲାଗି ବ୍ୟାଙ୍କଗୁଡ଼ିକୁ ଅଧିକ ଜମା ବଢ଼ାଇବାକୁ ହେବ।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗାଭତ୍ତା ୧୩୮.୭୯%

ଭୁବନେଶ୍ୱର,୧-୧୨(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ସେପ୍ଟେମ୍ବରରେ ୩୦୧ ପଏଣ୍ଟ ଥିଲା, ଏହା ଅକ୍ଟୋବରରେ ୧ ପଏଣ୍ଟ ବଢି ୩୦୨ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୧୯ ପଏଣ୍ଟ ଥିଲା। ଏଥିରେ ୧ ପଏଣ୍ଟ ବୃଦ୍ଧି ପାଇ ୩୨୦ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୧୧ ପଏଣ୍ଟ ଥିବା ବେଳେ ଏଥିରେ ୧ ପଏଣ୍ଟ ବୃଦ୍ଧି ହୋଇ ୩୧୨ ପଏଣ୍ଟ ହୋଇଛି। ସେହିଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୫.୬% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୧୯ % ବୃଦ୍ଧି ଘଟି ୧୩୮.୭୯% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜାନୁୟାରୀ ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୧୨% ହୋଇଛି। ଏମାନେ ୨୦୧୯ ଜାନୁୟାରୀରୁ ଏହି ବର୍ଦ୍ଧିତ ଡିଏ ପାଇବେ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପାକାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡି ମାନେ ମଧ୍ୟ ୧୨% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ମେ ୩୦ ଏବଂ ୩୧ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୦.୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୦.୬% ବୃଦ୍ଧି ଘଟି ୬୧.୩% ହୋଇଛି। ଏହା ଫେବୃୟାରୀ ପହିଲାରୁ ଲାଗୁ ହେବ।

ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଆଜି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୦.୬% ବୃଦ୍ଧି ଘଟି ୫୪.୬% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ। ସେପ୍ଟେମ୍ବର ୪ ଓ ୫ ଦୁଇଦିନ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଓ କର୍ମଚାରୀ ପେନ୍‌ସନ ଓ ପେନ୍‌ସନ୍ ସଂଶୋଧନ ପାଇଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ଡିସେମ୍ବର ୩ରେ ହେବାକୁ ଥିବା ଆଇବିଆଇର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ହେବ। ସେହିଭଳି ଡିସେମ୍ବର ୧୪ରେ ଅନୁଷ୍ଠିତ ହେଉଥିବା ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକ ଉପରେ ସମସ୍ତଙ୍କ ନଜର ରହିଛି।

## ଆର୍‌ବିଆଇ ଫେରାଇ ନେଉଛି ୨୦୦୦ ଟଙ୍କିଆ ନୋଟ୍

ନୂଆଦିଲ୍ଲୀ,୧-୧୨



ବିମୁଦ୍ରୀକରଣର କିଛି ସମୟ ପରେ ୨୦୦୦ ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରିନିଆଯିବ ବୋଲି ଆଶଙ୍କା କରାଯାଉଥିଲା। ଏହା ଏବେ ସତ ହେବାକୁ ଯାଉଛି। ରିଜର୍ଭ ବ୍ୟାଙ୍କ ଏହି ଅଙ୍କର ନୋଟ୍‌କୁ ବଜାରରୁ ପର୍ଯ୍ୟାୟକ୍ରମେ ଫେରାଇ ନେଉଥିବା ବେଳେ ଏହାର ଛପାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛି। ଆର୍‌ବିଆଇ ପକ୍ଷରୁ ଗତ ମାସ ୨୮ରେ ଜାରି ତଥ୍ୟରୁ ଜଣାପଡିଛି ଯେ, ନଭେମ୍ବର ୯ ଓ ୨୩ ତାରିଖ ମଧ୍ୟରେ ୧୧,୬୦୦ କୋଟି ଟଙ୍କାର ନୋଟ୍ ପ୍ରଚଳନ କମିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ଯୋଗୁ ଏହା ହ୍ରାସ ପାଇଛି। ଅନ୍ୟପକ୍ଷରେ ଆର୍‌ଟିଆଇ ସୂଚନାରୁ ଜଣାପଡିଛି ଯେ, ନାସିକର ନୋଟ୍ ଛାପା କାରଖାନାରେ ଆଉ ୨୦୦୦ ଟଙ୍କିଆ ନୋଟ୍ ଛାପା ପାଇଁ ନିର୍ଦ୍ଦେଶ ଦିଆଯାଇନି। ଏହି କାରଣରୁ ସେଠାରେ ଏହି ପରିମାଣର ନୋଟ୍ ଛାପା ବନ୍ଦ ହୋଇଯାଇଛି। ୫୦୦ ଟଙ୍କାର ନୋଟ୍ ସମ୍ପର୍କରେ ଆର୍‌ଟିଆଇ ସୂଚନାରୁ ଜଣାପଡିଛି ଯେ, ୩୫୬୫.୫୦୦ ମିଲିୟନ ନୂଆ ୫୦୦ ଟଙ୍କିଆ ନୋଟ୍‌କୁ ଆର୍‌ବିଆଇ ଚଳିତ ସେପ୍ଟେମ୍ବର ୧୪ରେ ବଜାରକୁ ଛାଡିଛି। ଆର୍‌ବିଆଇ ଛୋଟ ମୂଲ୍ୟର ନୋଟ୍ ବଜାରକୁ ଛାଡି ଧୀରେ ଧୀରେ ୨୦୦୦ ଟଙ୍କିଆ ନୋଟ୍‌କୁ ବଜାରରୁ ଉଠାଇ ନେଉଛି ବୋଲି କେୟାର ରେଟିଂସର ମୁଖ୍ୟ ଅର୍ଥନୈତିକ ବିଶେଷଜ୍ଞ ମଦନ ସବନାବିସ କହିଛନ୍ତି। ନଚେତ୍ ପ୍ରଚଳନରେ ଥିବା ନୋଟ୍‌ରେ ଅଭାବ ଦେଖାଦେଇ ନ ଥାନ୍ତା। ଜଣାପଡୁଛି ଯେ, ଆର୍‌ବିଆଇ ଧୀରେ ଧୀରେ ୨୦୦୦ ଟଙ୍କିଆ ନୋଟ୍ ଫେରାଇ ନେଉଛି।

## ୧୧% ଶସ୍ତା ହେଲା ବିମାନ ଇନ୍ଧନ

ନୂଆଦିଲ୍ଲୀ,୧-୧୨

ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦେଶର ବିମାନ କମ୍ପାନୀଙ୍କୁ ଦୀର୍ଘଦିନ ପରେ ଆଶ୍ୱସ୍ତି ମିଳିଛି। ତୈଳ କମ୍ପାନୀମାନେ ଶନିବାର ବିମାନ ଇନ୍ଧନ(ଏଟିଏଫ୍) ମୂଲ୍ୟ ପ୍ରାୟ ୧୧ ପ୍ରତିଶତ ହ୍ରାସ କରିଛନ୍ତି। ଫଳରେ ଚଳିତ ମାସରୁ ଦିଲ୍ଲୀ ଓ ମୁମ୍ବାଇରେ ୧ କିଲୋ ଲିଟର ବିମାନ ଇନ୍ଧନର ମୂଲ୍ୟ କ୍ରମଶଃ ୬୮,୦୫୦.୯୭ଟଙ୍କା ଏବଂ ୬୭,୯୭୯.୫୮ ଟଙ୍କା ହୋଇଛି, ଯାହାକି ପୂର୍ବ ମାସରେ କ୍ରମଶଃ ୭୬,୩୮୦ ଟଙ୍କା ଓ ୭୬,୦୧୩.୨ଟଙ୍କା ଥିଲା। ଅନ୍ତର୍ଜାତୀୟ ବଜାରରେ ବିକ୍ରି ହେଉଥିବା ବ୍ରେଣ୍ଟ କ୍ରୁଡ୍(ଏକପ୍ରକାର ଅଶୋଧିତ ତେଲ) ସହ ଜେଟ୍ ଫୁଏଲ୍ ବା ବିମାନ ଇନ୍ଧନ ସିଧାସଳଖ ଯୋଡି ହୋଇଥିବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ବିମାନ କମ୍ପାନୀମାନେ ଏହାକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଦୀର୍ଘଦିନରୁ ଦାବି କରି ଆସୁଛନ୍ତି।

# ଭାରତ ଫେରିବାକୁ ନୀରବ ନାରାଜ

ନୂଆଦିଲ୍ଲୀ,୧-୧୨

### ଜୀବନ ପ୍ରତି ବିପଦ ଥିବା କାରଣ ଦର୍ଶାଇଲେ



ପିଏନ୍‌ବି ମହାଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଭାରତ ଆସିବାକୁ ଭୟ କରୁଛନ୍ତି। ସ୍ୱଦେଶ ଫେରିଲେ ତାଙ୍କୁ ମବ୍ ଲିଞ୍ଚିଂର ଶିକାର ହେବାକୁ ପଡିବ ବୋଲି ଯୁକ୍ତି ଦର୍ଶାଇଛନ୍ତି। ମୁମ୍ବାଇ ପିଏମ୍‌ଏଲ୍‌ଏ କୋର୍ଟରେ ତାଙ୍କ ଓକିଲ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଖଣ୍ଡନ କରିଛି। ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରୁଥିଲେ ନୀରବ ଥାନାରେ ଅଭିଯୋଗ କରିପାରି ଥାନ୍ତେ ବୋଲି ଇଡି ପକ୍ଷରୁ ପାଲଟା ଯୁକ୍ତି ଦର୍ଶାଯାଇଛି।

ଇଡି ପକ୍ଷରୁ ପଳାତକ ଅପରାଧୀ ଘୋଷଣା ନେଇ ମୁମ୍ବାଇସ୍ଥିତ ପିଏମ୍‌ଏଲ୍‌ଏ କୋର୍ଟରେ ଆବେଦନ କରାଯିବା ପରେ ନୀରବଙ୍କ ପକ୍ଷରୁ ତାଙ୍କ ଓକିଲ ବିଜୟ ଅଗ୍ରୱାଲ ଯୁକ୍ତି ଦର୍ଶାଇଛନ୍ତି। ଉଭୟ ଇଡି ଓ ସିବିଆଇକୁ ପଠାଇଥିବା ଇ-ମେଲରେ ନୀରବ ନିଜର ସୁରକ୍ଷାକୁ ନେଇ ଆଶଙ୍କା ବ୍ୟକ୍ତ କରିଥିବା ସମ୍ପର୍କରେ ଅଗ୍ରୱାଲ ବିଚାରପତି ଏମ୍.ଏସ୍ ଆଜମୀଙ୍କୁ କହିଥିଲେ। ଇ-ମେଲ୍‌ରେ ନୀରବ ଦର୍ଶାଇଥିଲେ ଯେ, ଭାରତରେ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ପିଏନ୍‌ବି ମାମଲାରେ ଗିରଫ ହୋଇଥିବା ବ୍ୟକ୍ତିବିଶେଷଙ୍କ ପରିବାର, ଘରମାଲିକ, କର୍ମଚାରୀ, ଋଣପ୍ରଦାନକାରୀ, ଇଡି ଓ ସିବିଆଇ ଦ୍ୱାରା ଜବତ ଗହଣାର ଗ୍ରାହକମାନେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଉଛନ୍ତି ବୋଲି ନୀରବ କହିଛନ୍ତି। ବହୁ ସଂଖ୍ୟକ ଧମକ ମିଳିବା ପରେ ସେ ଆଉ ଭାରତ ଫେରିପାରିବେ ନାହିଁ ବୋଲି ଇ-ମେଲ୍‌ରେ ଦର୍ଶାଇଛନ୍ତି। ଏହାଛଡା ତାଙ୍କୁ ରାବଣ ସହ ତୁଳନା କରାଯାଇଛି ଓ ବ୍ୟାଙ୍କ ଜାଲିଆତିର ପୋଷ୍ଟର ବଏ ଭାବେ ଉପସ୍ଥାପନ କରାଯାଇଛି ବୋଲି ହୀରା ବ୍ୟବସାୟୀ ଅଭିଯୋଗ କରିଛନ୍ତି। ତେବେ ଇଡି ଓକିଲ ହିତେନ ଭେନେଗାଓଁକର ପଳାତକ ଆଇନ ସହ ଉକ୍ତ ଯୁକ୍ତିର କୌଣସି ଯଥାର୍ଥତା ନାହିଁ ବୋଲି ପାଲ୍‌ଟା ଯୁକ୍ତି ଦର୍ଶାଇଥିଲେ। ତେବେ ସୁରକ୍ଷା କାରଣରୁ ଯେକୌଣସି ବ୍ୟକ୍ତି ପୋଲିସର ସହାୟତା ନେଇପାରିବେ ଏବଂ ଏତଲା ଦେଇପାରିବେ ବୋଲି ହିତେନ କହିଥିଲେ।

# ହର୍ଜବର୍ଗରଙ୍କ ହ୍ୟାଟ୍ରିକ
# ନେଦରଲାଣ୍ଡ୍ସର ବୃହତ୍ ବିଜୟ

**ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି):** ଗତଥରର ରନର୍ସଅପ୍ ନେଦରଲାଣ୍ଡ୍ସ ଏଥର ଗୋଲ ବର୍ଷା ସହ ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହକି ବିଶ୍ୱକପର ପୁଲ୍ 'ଡି' ମ୍ୟାଚରେ ୪ ନମ୍ବର ର୍ୟାଙ୍କ୍‌ପ୍ରାପ୍ତ ନେଦରଲାଣ୍ଡ୍ସ ୧୨ ନମ୍ବର ଦଳ ମାଲେସିଆକୁ ୭-୦ ଗୋଲରେ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚର ହିରୋ ସାଜିଥିଲେ ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର। ସେ ଟୁର୍ନାମେଣ୍ଟର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ହର୍ଜବର୍ଗରଙ୍କ ୩ଟି ଗୋଲକୁ ଛାଡ଼ିଦେଲେ ନେଦରଲାଣ୍ଡ୍ସ ପକ୍ଷରୁ ରବର୍ଟ କେମ୍ପରମ୍ୟାନ, ମିର୍କୋ ପ୍ରୁଜସେର, ଥିଏରୀ ବ୍ରିଙ୍କମ୍ୟାନ ଓ ଭାନ୍ ଡର୍ ୱିର୍ଡେନ ମିଙ୍କ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଉନ୍ନୟନ କମିଶନର ଅସିତ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ନାଲ୍‌କୋ ସିଏମ୍‌ଡି ତପନ ଚାନ୍ଦ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ପ୍ରଥମ କ୍ୱାର୍ଟର ନେଦରଲାଣ୍ଡ୍ସ ସପକ୍ଷରେ ୧-୦ ରହିବାପରେ ଦ୍ୱିତୀୟ କ୍ୱାର୍ଟରରେ ମାଲେସିଆ ଗୋଲ ପରିଶୋଧ ପାଇଁ ଜୋରଦାର ଉଦ୍ୟମ କରିଥିଲା। ମାତ୍ର ଦଳ ନେଦରଲାଣ୍ଡ୍ସ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଏହାର ଫରୱାର୍ଡମାନେ ଅଳ୍ପ କେତୋଟି ସୁଯୋଗ ସୃଷ୍ଟି କରିଥିଲେ ହେଁ ନେଦରଲାଣ୍ଡ୍ସର ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇ ନ ଥିଲେ। ୧୭ତମ ମିନିଟରେ ନେଦରଲାଣ୍ଡ୍ସକୁ ପେନାଲ୍ଟି କର୍ନର ମିଳିଥିଲା। ୪ ଥର ଉଦ୍ୟମ ସତ୍ତ୍ୱେ ନେଦରଲାଣ୍ଡ୍ସ ଗୋଲ ଦେଇପାରି ନ ଥିଲା। ତେବେ ଏହାର ୪ ମିନିଟ ପରେ ମିର୍କୋ ପ୍ରୁଜସେର ଏକ ଫିଲ୍ଡ ଗୋଲ ଦେଇ ମାଲେସିଆକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏତିକିରେ ମାଲେସିଆର ଦୁର୍ଦ୍ଦଶା ସରି ନ ଥିଲା। ୨୯ତମ ମିନିଟରେ ହର୍ଜବର୍ଗର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ନେଦରଲାଣ୍ଡ୍ସକୁ ୩-୦ରେ ଅଗ୍ରଣୀ କରାଇଥିଲେ।




ପୂର୍ବାନୁମାନ ଅନୁସାରେ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ନେଦରଲାଣ୍ଡ୍ସ ଆରମ୍ଭରୁ ହିଁ ମାଲେସିଆ ଉପରେ ଭାରି ପଡ଼ିଥିଲା। ପ୍ରଥମ କ୍ୱାର୍ଟରରୁ ହିଁ ଦଳ ଆକ୍ରମଣକୁ ଜୋରଦାର କରି ଫାଇଦାରେ ରହିଥିଲା। ରୋଲାଣ୍ଟ ଓଲ୍ଟମାନ୍ସଙ୍କ ପ୍ରଶିକ୍ଷଣପ୍ରାପ୍ତ ମାଲେସିଆ ଦଳରେ ସନ୍ତୁଳନର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ଫଳରେ ଅଧିକାଂଶ ସମୟ ବଲ୍ ମାଲେସିଆ ହାଫ୍‌ରେ ହିଁ ରହିଥିଲା। ୯ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ନେଦରଲାଣ୍ଡ୍ସ ଗୋଲରେ ପରିଣତ କରିପାରି ନ ଥିଲେ ହେଁ ୧୧ତମ ମିନିଟରେ ଫିଲ୍ଡ ଗୋଲ ଦେଇ ୨ ନମ୍ବର ଜର୍ସି ପରିହିତ ଜେରନ ହର୍ଜବର୍ଗର ଦଳକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଗୋଲ ପରିଶୋଧ ପାଇଁ ମାଲେସିଆ ନିକଟରେ ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ପେନାଲ୍ଟି କର୍ନରକୁ ଏହି ଦଳର ଖେଳାଳିମାନେ ଗୋଲରେ ପରିଣତ କରିବାରେ ଅସମର୍ଥ ରହିଥିଲେ।

ଦ୍ୱିତୀୟାର୍ଦ୍ଧରେ ପଛ ପରିବର୍ତ୍ତନ ହୋଇଥିଲେ ହେଁ ମାଲେସିଆର ଭାଗ୍ୟରେ ପରିବର୍ତ୍ତନ ହୋଇ ନ ଥିଲା। ନେଦରଲାଣ୍ଡ୍ସର ପ୍ରଭାବୀ ପ୍ରଦର୍ଶନ ଆଗରେ ମାଲେସିଆ ଅତ୍ୟନ୍ତ ଅସହାୟ ମନେ ହୋଇଥିଲା। ୩୫ତମ ମିନିଟରେ ନେଦରଲାଣ୍ଡ୍ସକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର କିନ୍ତୁ ଦଳ ଭୁଲ କରି ନ ଥିଲା। ଡ୍ରାଗ୍ ଫ୍ଲିକର ଭାନ୍ ଡର୍ ୱିର୍ଡେନ ମିଙ୍କ୍ ଫ୍ଲିକ୍ ଜରିଆରେ ଦଳପାଇଁ ୪ର୍ଥ ଗୋଲ ସ୍କୋର କରିଥିଲେ। ମାଲେସିଆ ଗୋଲକିପର ସୁବ୍ରମିଆମ କୁମାର କେବଳ ଦେଖଣାହାରି ହୋଇ ରହି ଯାଇଥିଲେ। ତୃତୀୟ କ୍ୱାର୍ଟର ଶେଷ ହୋଇ ଆସିବା ବେଳକୁ ଅର୍ଥାତ୍ ୪୨ତମ ମିନିଟରେ ଏକ ଗୋଲ ସ୍କୋର କରି ନିଜ ମାଇଲଖୁଣ୍ଟ ମ୍ୟାଚକୁ ଅଧିକ ସ୍ମରଣୀୟ କରି ଦେଇଥିଲେ ରବର୍ଟ କେମ୍ପରମ୍ୟାନ। କାରଣ ଏଠାରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ ଏହି ଫରୱାର୍ଡ ଖେଳାଳି। ଚାପକୁ ଆସି ଯାଇଥିବା ମାଲେସିଆ ୪ର୍ଥ କ୍ୱାର୍ଟରରେ ନିମ୍ନମାନର ପ୍ରଦର୍ଶନ କରିଥିଲା। ଏହାର ସୁଯୋଗ ନେଇ ୫୭ତମ ମିନିଟରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା ନେଦରଲାଣ୍ଡ୍ସ। ଥିଏରୀ ବ୍ରିଙ୍କ୍‌ମ୍ୟାନ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ୍ କରି ନ ଥିଲେ। ନେଦରଲାଣ୍ଡ୍ସ ଖେଳାଳିଙ୍କ ଭୋକ ଏତିକିରେ ମେଣ୍ଟି ନ ଥିଲା। ମ୍ୟାଚ ଶେଷ ହେବାକୁ ଆଉ ଅଳ୍ପକିଛି କ୍ଷଣ ଥିବାବେଳେ ଅର୍ଥାତ୍ ୬୦ତମ ମିନିଟରେ ହର୍ଜବର୍ଗର ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଫଳରେ ନେଦରଲାଣ୍ଡ୍ସର ଗୋଲ ବ୍ୟବଧାନ ୭-୦ରେ ପହଞ୍ଚି ଯାଇଥିଲା। ଶେଷ ହ୍ୱିସିଲ ବାଜିବା ସହ ନେଦରଲାଣ୍ଡ୍ସ ଦଳର ଖେଳାଳିମାନେ ପଡ଼ିଆ ପରିକ୍ରମା କରି ଖୁସି ମନାଇଥିଲେ।

### ଗୋଲ ସ୍କୋରର

**ନେଦରଲାଣ୍ଡ୍ସ-୭**
- ଜେରନ ହର୍ଜବର୍ଗର: ୧୨, ୨୯, ୬୦ତମ ମିନିଟ
- ମିର୍କୋ ପ୍ରୁଜସେର: ୨୧ତମ ମିନିଟ
- ଭାନ୍ ଡର୍ ୱିର୍ଡେନ ମିଙ୍କ୍: ୩୫ ତମ ମିନିଟ
- ରବର୍ଟ କେମ୍ପରମ୍ୟାନ: ୪୨ ତମ ମିନିଟ
- ଥିଏରୀ ବ୍ରିଙ୍କମ୍ୟାନ: ୫୭ ତମ ମିନିଟ

**ମାଲେସିଆ-୦**

## କଳିଙ୍ଗ କର୍ନର

### କେମ୍ପରମ୍ୟାନଙ୍କ ୨୦୦ତମ ମ୍ୟାଚ



**ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଶନିବାର ଅନୁଷ୍ଠିତ ମାଲେସିଆ ବିପକ୍ଷ ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ଗେମ୍ ଖେଳିଛନ୍ତି ନେଦରଲାଣ୍ଡ୍ସର ରବର୍ଟ କେମ୍ପରମ୍ୟାନ। ୧୪ ନମ୍ବର ଜର୍ସି ପରିହିତ କେମ୍ପରମ୍ୟାନ କେବଳ ମ୍ୟାଚ ଖେଳି ନ ଥିଲେ ଗୋଲ ମଧ୍ୟ ସ୍କୋର କରିଥିଲେ। ୧୯୯୦ ଜୁନ ୨୪ରେ ନିଜ୍‌ମେଗେନ୍‌ଠାରେ ଜନ୍ମଗ୍ରହଣ କରିଥିବା କେମ୍ପରମ୍ୟାନ ୨୦୦୮ରେ ୧୭ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଅନ୍ତର୍ଜାତୀୟ ପଦାର୍ପଣରେ ସେ ଦ୍ୱିତୀୟ ସର୍ବକନିଷ୍ଠ ନେଦରଲାଣ୍ଡ୍ସ ଖେଳାଳି ବିବେଚିତ ହୋଇଥିଲେ। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ, ୨୦୧୦ ନୂଆଦିଲ୍ଲୀ ବିଶ୍ୱକପରେ ବ୍ରୋଞ୍ଜ, ୨୦୧୪ ଦି ହେଗ୍ ବିଶ୍ୱକପରେ ରୌପ୍ୟ, ୨୦୧୦ ମନଚେନ୍‌ଗ୍ଲାଡ୍‌ବ୍ୟାକ ଚାମ୍ପିୟନ୍ସ ଟ୍ରଫିରେ ବ୍ରୋଞ୍ଜ, ୨୦୧୨ ମେଲବୋର୍ନରେ ରୌପ୍ୟ ଏବଂ ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ବ୍ରୋଞ୍ଜ ପଦକ ବିଜୟୀ ନେଦରଲାଣ୍ଡ୍ସ ଦଳର ସଦସ୍ୟ ଥିଲେ। ୨୦୧୫ ଓ ୨୦୧୭ ୟୁରୋପିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ନେଦରଲାଣ୍ଡ୍ସ ପକ୍ଷରୁ ମଧ୍ୟ ସେ ପ୍ରତିନିଧିତ୍ୱ କରିଥିଲେ।

### ପ୍ରଥମ ହ୍ୟାଟ୍ରିକ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ୧୪ତମ ସଂସ୍କରଣରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର। ଶନିବାର ଅନୁଷ୍ଠିତ ମାଲେସିଆ ବିପକ୍ଷ ପୁଲ୍ 'ଡି' ମ୍ୟାଚର ୧୧, ୨୯ ଓ ୬୦ତମ ମିନିଟରେ ସେ ୩ଟି ଗୋଲ ସ୍କୋର କରି ଏହି ସଫଳତା ପାଇଛନ୍ତି। ତାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ନେଦରଲାଣ୍ଡ୍ସ ବୃହତ୍ ବ୍ୟବଧାନରେ ୭-୦ ଗୋଲରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ୧୯୮୬ ଫେବୃୟାରୀ ୨୪ରେ ରୋଟରଡାମରେ ଜନ୍ମିତ ହର୍ଜବର୍ଗର ସାମ୍ପ୍ରତିକ ନେଦରଲାଣ୍ଡ୍ସ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି। ସେ ନେଦରଲାଣ୍ଡ୍ସ ପକ୍ଷରୁ ୨୧୪ ମ୍ୟାଚ ଖେଳି ମୋଟ ୧୦୪ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ୟୁରୋ ହକି ଲିଗ୍‌ରେ ସେ ୨୬ଟି ଗୋଲ ଦେଇ ସର୍ବକାଳୀନ ଶ୍ରେଷ୍ଠ ସ୍କୋରର ହେବାର ସୌଭାଗ୍ୟ ପାଇଛନ୍ତି।

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୧ | ୧ | ୦ | ୦ | ୪ | ୩ | +୧ | ୩ |
| ନ୍ୟୁଜିଲାଣ୍ଡ | ୧ | ୧ | ୦ | ୦ | ୨ | ୧ | +୧ | ୩ |
| ସ୍ପେନ୍ | ୧ | ୦ | ୦ | ୧ | ୩ | ୪ | -୧ | ୦ |
| ଫ୍ରାନ୍ସ | ୧ | ୦ | ୦ | ୧ | ୧ | ୨ | -୧ | ୦ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୧ | ୧ | ୦ | ୦ | ୨ | ୧ | +୧ | ୩ |
| ଇଂଲଣ୍ଡ | ୧ | ୦ | ୧ | ୦ | ୨ | ୨ | ୦ | ୧ |
| ଚାଇନା | ୧ | ୦ | ୧ | ୦ | ୨ | ୨ | ୦ | ୧ |
| ଆୟର୍ଲାଣ୍ଡ | ୧ | ୦ | ୦ | ୧ | ୧ | ୨ | -୧ | ୦ |
| **ପୁଲ୍-ସି** | | | | | | | | |
| **ଭାରତ** | **୧** | **୧** | **୦** | **୦** | **୫** | **୦** | **+୫** | **୩** |
| ବେଲଜିୟମ | ୧ | ୧ | ୦ | ୦ | ୨ | ୧ | +୧ | ୩ |
| କାନାଡା | ୧ | ୦ | ୦ | ୧ | ୧ | ୨ | -୧ | ୦ |
| ଦ.ଆଫ୍ରିକା | ୧ | ୦ | ୦ | ୧ | ୦ | ୫ | -୫ | ୦ |
| **ପୁଲ୍-ଡି** | | | | | | | | |
| ନେଦରଲାଣ୍ଡ୍ସ | ୧ | ୧ | ୦ | ୦ | ୭ | ୦ | +୭ | ୩ |
| ଜର୍ମାନୀ | ୧ | ୧ | ୦ | ୦ | ୧ | ୦ | +୧ | ୩ |
| ପାକିସ୍ତାନ | ୧ | ୦ | ୦ | ୧ | ୦ | ୧ | -୧ | ୦ |
| ମାଲେସିଆ | ୧ | ୦ | ୦ | ୧ | ୦ | ୭ | -୭ | ୦ |

(**ବି.ଦ୍ର:** ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

# ମାର୍କୋଙ୍କ ଗୋଲରେ ଜିତିଲା ଜର୍ମାନୀ

**ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି)**

ମାର୍କୋ ମିଲ୍ଟକାଓଙ୍କ ଗୋଲ ବଳରେ ଜର୍ମାନୀ ବିଜୟ ସହ ଏହାର ହକି ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ପୁଲ୍'ଡି' ମ୍ୟାଚରେ ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ମ୍ୟାଚର ୩୬ତମ ମିନିଟରେ ମାର୍କୋ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଜର୍ମାନୀର ୩ ନମ୍ବର ଖେଳାଳି ମ୍ୟାଟ୍ସ ଗ୍ରାମ୍‌ବୁସ୍କ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜ୍ୟ ଯୁବ ଯୋଜନା ବୋର୍ଡ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ଆକାରରେ ଗ୍ରାମବୁସ୍କଙ୍କୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମ୍ୟାଚ ଆରମ୍ଭରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଜର୍ମାନୀ ଡିସେମ୍ବର ୫ରେ ପରବର୍ତ୍ତୀ ମ୍ୟାଚରେ ନେଦରଲାଣ୍ଡ୍ସକୁ ଭେଟିବ। ସେହିଦିନ ଦୁଇ ଏସୀୟ ଦଳ ପାକିସ୍ତାନ ଓ ମାଲେସିଆ ମଧ୍ୟରେ ମୁକାବିଲା ହେବ।

ଜର୍ମାନୀ-ପାକିସ୍ତାନ ମ୍ୟାଚ ଆରମ୍ଭରୁ ରୋମାଞ୍ଚକ ରହିଥିଲା। ଉଭୟ ଦଳ ସତର୍କତା ଅବଲମ୍ବନ କରିଥିବାରୁ ଅଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି ହୋଇ ନ ଥିଲା। ଜର୍ମାନୀକୁ ମାତ୍ର ଗୋଟିଏ ପେନାଲ୍ଟି କର୍ନର ମିଳିଥିବବେଳେ ପାକିସ୍ତାନ ଆଦୌ ପାଇ ନ ଥିଲା। ତେବେ ଉଭୟ ଦଳ ଫିଲ୍ଡ ଗୋଲ ପାଇଁ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ପାକିସ୍ତାନ ଜର୍ମାନୀ ଗୋଲପୋଷ୍ଟ ନିକଟତର ହୋଇଥିଲେ ହେଁ ଠିକ୍‌ଭାବେ ଫିନିଶିଂ କରିପାରି ନଥିଲା। ଅନ୍ୟପକ୍ଷରେ ଜର୍ମାନୀ ଶୃଙ୍ଖଳିତ ଖେଳି ଫାଇଦାରେ ରହିଥିଲା। ମ୍ୟାଚର ଶେଷ ପର୍ଯ୍ୟାୟରେ ଜର୍ମାନୀ ପାଇଁ ଦ୍ୱିତୀୟ ଗୋଲ ସ୍କୋରିଂର ସୁଯୋଗ ଆସିଥିଲା। ଖେଳାଳିମାନେ ପାକିସ୍ତାନ ଗୋଲପୋଷ୍ଟରେ ବଲ ଭର୍ତ୍ତିକରି ଖୁସି ମଧ୍ୟ ମନାଇଥିଲେ। ମାତ୍ର ଡି ଏରିଆ ବାହାରୁ ଆସିଥିବା କ୍ରସ୍ ଶଟ୍ କୌଣସି ଜର୍ମାନୀ ଖେଳାଳିଙ୍କ ଷ୍ଟିକ୍‌ରେ ନ ବାଜି ପାକ୍ ଗୋଲପୋଷ୍ଟରେ ପଶିଥିବାରୁ ଭିଡିଓ ରିପ୍ଲେରେ ତାହା ନାକଚ ହୋଇ ଯାଇଥିଲା। କଳିଙ୍ଗ ଷ୍ଟାଡିୟମ ଜର୍ମାନୀ ପାଇଁ ପୁଣି ଶୁଭ ସାବ୍ୟସ୍ତ ହୋଇଛି। କାରଣ ୨୦୧୪ରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନକୁ ୨-୦ ଗୋଲରେ ହରାଇ ଜର୍ମାନୀ ଚାମ୍ପିୟନ ହୋଇଥିଲା।

### ଗୋଲ ସ୍କୋରର

**ଜର୍ମାନୀ-୧**
- ମାର୍କୋ ମିଲ୍ଟକାଓ: ୩୬ତମ ମିନିଟ୍

**ପାକିସ୍ତାନ-୦**

### ପାକିସ୍ତାନକୁ ସମର୍ଥନ

ହକି ବିଶ୍ୱକପର ଶନିବାର ଅନୁଷ୍ଠିତ ନେଦରଲାଣ୍ଡ୍ସ-ମାଲେସିଆ ପ୍ରଥମ ମ୍ୟାଚ ସମୟରେ ନର୍ଥ ଓ ସାଉଥ୍ ଷ୍ଟାଣ୍ଡର ଅନେକ ସିଟ୍ ଫାଙ୍କା ରହିଥିଲା। ମାତ୍ର ପାକିସ୍ତାନ-ଜର୍ମାନୀ ମ୍ୟାଚ ବେଳକୁ ଷ୍ଟାଡିୟମ ଭରପୂର ହୋଇ ଯାଇଥିଲା। ଓଡ଼ିଶା ଦର୍ଶକମାନେ ପାକିସ୍ତାନ ଦଳକୁ ସମର୍ଥନ କରି କୋହାହଳ କରୁଥିବା ପରିଲକ୍ଷିତ ହୋଇଥିଲା। ଜର୍ମାନୀ ଗୋଲ ଦେବାପରେ ମଧ୍ୟ ଦର୍ଶକମାନେ ଏହି ଦଳର ଖେଳାଳିଙ୍କୁ ବେଶ୍ ଉତ୍ସାହିତ କରିଥିଲେ।




ଜର୍ମାନୀ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ।



ଅଟୋରେ ପରିବାର ସହ ବଟାନିକାଲ ଗାର୍ଡେନ ଭ୍ରମଣରେ ଫ୍ରାନ୍ସ ଅଧିନାୟକ ଭିକ୍ଟର ଚାର୍ଲେଟ।

### ଭୁବନେଶ୍ୱରର ଆତିଥେୟକୁ ପାକିସ୍ତାନର ପ୍ରଶଂସା

ହକି ବିଶ୍ୱକପ୍ ଖେଳିବାକୁ ଆସିଥିବା ପାକିସ୍ତାନ ଦଳ ରାଜଧାନୀ ଭୁବନେଶ୍ୱରକୁ ବେଶ୍ ପ୍ରଶଂସା କରିଛନ୍ତି। ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ଅଫିସିଆଲ ମହମ୍ମଦ ଖାଲିଦ୍ ସଜାଦ ଖୋଖାର ଏ ନେଇ ନିଜର ମତ ରଖିଛନ୍ତି। ଭୁବନେଶ୍ୱରରେ ମିଳିଥିବା ଆତିଥେୟ ଆମକୁ ଆମୋଦିତ କରିଛି। ଏଠାକାର ଲୋକେ ବହୁତ ଭଲ। ଏଠାରେ ମିଳିଥିବା ଆଦର ଅଭ୍ୟର୍ଥନା ଆମ ପାଇଁ ଅଭୁଲା ହୋଇ ରହିବ। ଉପମହାଦେଶରେ ହକିର ଗୌରବକୁ ଫେରାଇ ଆଣିବା ପାଇଁ ଉଭୟ ଭାରତ ଓ ପାକିସ୍ତାନ ଏକାଠି କାର୍ଯ୍ୟ କରିବା ଉଚିତ୍ ବୋଲି ଖୋଖାର କହିଛନ୍ତି। ଉଲ୍ଲେଖଥାଉ କି, ପାକିସ୍ତାନ ତା'ର ପ୍ରଥମ ମ୍ୟାଚ୍‌ରେ ଶନିବାର ଜର୍ମାନୀଠାରୁ ୧-୦ ଗୋଲରେ ପରାସ୍ତ ହୋଇ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି।

### କାନାଡ଼ା- ଦକ୍ଷିଣ ଆଫ୍ରିକା ଟକ୍କର

ଚଳିତ ହକି ବିଶ୍ୱକପ୍‌ରେ ରବିବାର ପୁଲ୍ 'ସି'ର ପ୍ରଥମ ମ୍ୟାଚ୍‌ରେ କାନାଡ଼ା ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଉଭୟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବାରୁ ଏହି ମୁକାବିଲାରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡ଼ିଛି। ଦକ୍ଷିଣ ଆଫ୍ରିକା ତା'ର ମ୍ୟାଚ୍‌ରେ ଆୟୋଜକ ଭାରତଠାରୁ ୫-୦ ଗୋଲ ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଛି। ଫଳରେ ଦକ୍ଷିଣ ଆଫ୍ରିକାର କ୍ୱାର୍ଟର ଫାଇନାଲ ଆଶା ଏବେ ସୂତା ଖିଅରେ ଝୁଲିଛି। ଅନ୍ୟପଟେ କାନାଡ଼ା ତା'ର ପ୍ରଥମ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମଠାରୁ ୧-୨ ଗୋଲରେ ହାରିଥିଲେ ମଧ୍ୟ ଜବରଦସ୍ତ ଲଢେଇ କରିଥିଲା। କୋଚ୍ ପଲ ବିଣ୍ଡିଙ୍କ ତତ୍ତ୍ୱାବଧାନରେ କାନାଡ଼ା ଭଲ ପ୍ରଦର୍ଶନ କରିଛି। ଅଧିନାୟକ ସ୍କଟ ଟୁପରଙ୍କ ନେତୃତ୍ୱରେ କାନାଡ଼ା ତୃତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଚକ୍‌ମା ଦେଇ କ୍ୱାର୍ଟର ଫାଇନାଲ ଆଶା ଉଜ୍ଜୀବିତ କରିବା ଲକ୍ଷ୍ୟରେ ରହିଛି। ୧୯୬୪ ସମର ଅଲିମ୍ପିକ୍ସ ପରଠାରୁ କାନାଡ଼ା ଆନ୍ତର୍ଜାତିକ ହକିରେ ସକ୍ରିୟ ରହିଆସିଛି।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ପ୍ରଶଂସକଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ହ୍ୟୁମାନ ରେଡ୍ ରିବନ୍।

### ଇଷ୍ଟ ଷ୍ଟାଣ୍ଡରେ ହ୍ୟୁମାନ ରେଡ୍ ରିବନ୍

ଶନିବାର ସାରା ବିଶ୍ୱରେ ପାଳିତ ହୋଇଛି ୩୦ତମ ଏଡ୍‌ସ ଦିବସ। ଏହି ଅସାଧ୍ୟ ରୋଗର ମୂଳୋତ୍ପାଟନ କରିବାକୁ ସାର ବିଶ୍ୱରେ ସଚେତନତା ପାଇଁ ଏହି ଦିବସ ପାଳିତ ହୋଇଛି। ଚଳିତ ହକି ବିଶ୍ୱକପ୍ ମଧ୍ୟ ଏହି ଅଭିଯାନରୁ ବାଦ୍ ପଡ଼ିନାହିଁ। ଏଡ୍‌ସ ସଚେତନତା ପାଇଁ ଓଡ଼ିଶା ସରକାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏ ନେଇ ଭିନ୍ନ ପ୍ରକାର ଅଭିଯାନ ଆପଣେଇଥିଲେ। ଶନିବାର ଖେଳାଳିଯାଇଥିବା ଦୁଇଟି ମ୍ୟାଚ୍ ଅବସରରେ ଇଷ୍ଟ ଷ୍ଟାଣ୍ଡରେ ଏକ 'ମାନବ ରେଡ୍ ରିବନ୍' ସୃଷ୍ଟି କରାଯାଇଥିଲା। ଏଥିପାଇଁ ଓଡ଼ିଶା ଏଡ୍‌ସ କଣ୍ଟ୍ରୋଲ ସୋସାଇଟି ତରଫରୁ ଦର୍ଶକମାନଙ୍କୁ ଟି- ଶାର୍ଟ ଓ ଟୋପି ବଣ୍ଟାଯାଇଥିଲା। ଦର୍ଶକମାନେ ଇଷ୍ଟ ଷ୍ଟାଣ୍ଡରେ ଯେପରି ଏକ ରେଡ ରିବନ୍ ସୃଷ୍ଟି ହେବ ସେହି ଅନୁସାରେ ଟି- ଶାର୍ଟ ଓ ଟୋପି ପରିଧାନ କରି ପରସ୍ପର ମଧ୍ୟରେ ତାଳମେଳ ରଖି ଧୈର୍ଯ୍ୟର ସହ ବସିଥିଲେ। ଏହି 'ହ୍ୟୁମାନ ରେଡ୍ ରିବନ' ଷ୍ଟାଡିୟମରେ ବେଶ୍ କୌତୂହଳ ସୃଷ୍ଟି କରିଥିଲା।

# ଭାରତର ବେଲଜିୟମ ପରୀକ୍ଷା ଆଜି

ଭୁବନେଶ୍ୱର, ୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍ ଚତୁର୍ଦ୍ଦଶ ସଂସ୍କରଣରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଉଲ୍ଲେଖନୀୟ ଦିନ ହେବାକୁ ଯାଉଛି। ଗତ ବୁଧବାର ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲ ବୃହତ୍ ବ୍ୟବଧାନରେ ପରାସ୍ତ କରି ଆୟୋଜକ ଭାରତ ପୂରା ଢଙ୍ଗରେ ବିଜୟ ଅଭିଯାନ ଆରମ୍ଭ କରିଛି। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ରବିବାର ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ବେଲଜିୟମକୁ ଭେଟିବ। ଭାରତ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍‍ୟାଙ୍କିଙ୍ଗରେ ପଞ୍ଚମ ସ୍ଥାନରେ ରହିଛି। ତେବେ ବେଲଜିୟମ୍ ଭାରତଠାରୁ ଦୁଇଟି ସ୍ଥାନ ଉପରେ ରହି ତୃତୀୟସ୍ଥାନରେ ରହିଛି। ଦୀର୍ଘ ୪୩ ବର୍ଷ ପରେ ଭାରତ ପୁଣି ଥରେ ବିଶ୍ୱକପ୍ ହାସଲ କରିବାର ସୁଯୋଗ ପାଇଛି। ଘରୋଇ ପରିବେଶରେ ଭାରତ ଉନ୍ନତ ପ୍ରଦର୍ଶନ କରି ବେଲଜିୟମକୁ ହରାଇବା ଲକ୍ଷ୍ୟରେ ରହିଛି। ବେଲଜିୟମକୁ ହରାଇଲେ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ଅପରପକ୍ଷରେ ବେଲଜିୟମ ତା'ର ପ୍ରଥମ ମ୍ୟାଚ୍‌ରେ ୨-୧ ଗୋଲରେ ଅପେକ୍ଷାକୃତ କାନାଡ଼ାକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ବିଜୟୀ ହେବା ପାଇଁ ଅବଶ୍ୟ ବେଲଜିୟମକୁ ବେଶ୍ ଝାଳ ବୁହାଇବାକୁ ପଡିଥିଲା। ୮ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତ ୧୯୭୫ରେ ଶେଷଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା।

ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଯେଉଁ ଭଳି ଭାରତ ଖେଳ ପ୍ରଦର୍ଶନ କରିଥିଲା ଠିକ୍ ସେହିପରି ବେଲଜିୟମ ବିପକ୍ଷରେ ମଧ୍ୟ ଖେଳିବାର ଆବଶ୍ୟକତା ରହିଛି। କିନ୍ତୁ ଭାରତର ପ୍ରଦର୍ଶନରେ ସ୍ଥିରତାର ଅଭାବ ବେଶ୍ ପୁରୁଣା ସମସ୍ୟା। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ବେଳେ ବେଲଜିୟମ ତା'ର ପ୍ରଥମ ମ୍ୟାଚ୍‌ରେ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ତେବେ ଟାଇଟଲ ଦାବିଦାର ଏହି ଦୁଇ ଦଳ ଦ୍ୱିତୀୟ ମ୍ୟାଚ୍‌ରେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଅନୁମାନ କରିବା ମୁସ୍କିଲ।

ମନଦୀପ ସିଂ, ସମରନଜିତ ସିଂ, ଆକାଶଦୀପ ସିଂ ଓ ଲଳିତ ଉପାଧ୍ୟାୟଙ୍କୁ ନେଇ ଭାରତୀୟ ଫରୱାର୍ଡ ବେଶ୍ ମଜଭୁତ୍ ମନେହେଉଛି। ସିମରନଜିତ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ବାକି ୩ଜଣ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ମିଡଫିଲ୍ଡରେ ମନପ୍ରୀତ୍ ସିଂ ନେତୃତ୍ୱ ତାଙ୍କ ଦାୟିତ୍ୱ ନେବାରେ ସଫଳ ହୋଇଥିଲେ। ଅଭିଜ୍ଞ ବୀରେନ୍ଦ୍ର ଲାକ୍ରା, ହରମନପ୍ରୀତ ସିଂ, ସୁରେନ୍ଦ୍ର କୁମାରଙ୍କ ଭଳି ଡିଫେଣ୍ଡର ଓ ଗୋଲ କିପର ପି.ଆର. ଶ୍ରୀଜେସ ବେଲଜିୟମ ବିପକ୍ଷ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି।

ଗତ କିଛି ବର୍ଷ ମଧ୍ୟ ବେଲଜିୟମ ବିପକ୍ଷରେ ଭାରତର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ୨୦୧୩ ପରଠାରୁ ଉଭୟ ଦଳ ପରସ୍ପରକୁ ୧୯ଟି ମ୍ୟାଚ୍‌ରେ ଭେଟିଛନ୍ତି। ତେବେ ସେଥିମଧ୍ୟରୁ ଭାରତ ମାତ୍ର ୫ଟି ମୁକାବିଲରେ ବିଜୟୀ ହୋଇଥିବା ବେଳେ ବେଲଜିୟମ୍ ୧୩ଟିରେ ବାଜି ମାରିଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଶେଷଥର ପାଇଁ ଦୁଇଦଳ ଗତ ଚାମ୍ପିୟନ୍ସ ଟ୍ରଫିରେ ଭେଟାଭେଟି ହୋଇଥିଲେ ଓ ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା।

ବିଶ୍ୱକପ୍‌ରେ କଥା ଅଲଗା ପ୍ରକାର ହୋଇଥାଏ। ସାମାନ୍ୟ ଗୋଟିଏ ତ୍ରୁଟି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥାଏ ଓ ଏଥିପାଇଁ ପରାଜୟ ମଧ୍ୟ ବରଣ କରିବାକୁ ହୋଇଥାଏ। ଉଭୟ ଦଳ ପାଇଁ ପେନାଲ୍ଟି କର୍ନର କନଭରଶନ ଏକ ମୁଖ୍ୟ ସମସ୍ୟା ସାବ୍ୟସ୍ତ ହୋଇଛି। ଦକ୍ଷିଣ ଆଫ୍ରିକାକୁ ବୃହତ୍ ବ୍ୟବଧାନରେ ହରାଇଥିଲେ ମଧ୍ୟ ଭାରତ ମିଳିଥିବା ୫ଟି ପେନାଲ୍ଟି କର୍ନର ସୁଯୋଗରୁ ମାତ୍ର ଗୋଟିଏକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଛି। ସେହିପରି କାନାଡ଼ା ବିପକ୍ଷରେ ବେଲଜିୟମ ଦୁଇଟି ପେନାଲ୍ଟି କର୍ନର ସୁଯୋଗ ହାତଛଡ଼ା କରିଥିଲା। ପେନାଲ୍ଟି କର୍ନର କନଭରସନକୁ ନେଇ ଭାରତ କୋଚ୍ ହରେନ୍ଦ୍ର ସିଂ ସେତେଟା ବ୍ୟସ୍ତ ନୁହଁନ୍ତି ବୋଲି କହିଛନ୍ତି। ଯେପର୍ଯ୍ୟନ୍ତ ଗୋଲ ହେଉଛି ସେପର୍ଯ୍ୟନ୍ତ ବ୍ୟସ୍ତ ହେବାର କିଛି ନାହିଁ। ପେନାଲ୍ଟି କର୍ନର ସମେତ ଆମେ ଫିଲ୍ଡ ଗୋଲ ମଧ୍ୟ ଦେବାରେ ସକ୍ଷମ ହୋଇଛୁ। ତେବେ ପେନାଲ୍ଟି କର୍ନର କନଭରସନରେ ଉନ୍ନତି ଆସିବା ନିହାତି ଦରକାର ବୋଲି ସେ ସ୍ୱୀକାର କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ଭଳି ମିଳିଥିବା ସୁଯୋଗର ସଦ୍‌ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବେଲଜିୟମ ବିପକ୍ଷରେ ମଧ୍ୟ ଆମେ ସୁଯୋଗର ସଦ୍‌ବ୍ୟବହାର କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। କେବଳ ଗୋଲ ଦେବାକୁ ପ୍ରୟାସ କରାଯିବା ଉଚିତ୍ ନୁହେଁ। ଖେଳର ମୌଳିକ ଢାଞ୍ଚା ଉପରେ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏଭଳି ହେଲେ ସୁଯୋଗ ଆପେଆପେ ଆସିବ ଓ ଗୋଲ ଦେବାରେ ଦଳ ସଫଳ ହେବ।

ଅପରପକ୍ଷରେ ଗତ ଦୁଇ ଦଶନ୍ଧି ମଧ୍ୟରେ ବେଲଜିୟମ ବିଶ୍ୱ ହକିରେ ନିଜର ଆଧିପତ୍ୟ ଜାହିର କରିବାରେ ସକ୍ଷମ ହୋଇଛି। ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ମଧ୍ୟରେ ବେଲଜିୟମ ତା'ର ସ୍ଥାନ ପକ୍କା କରିଛି। ତେବେ ମେଜର ଟୁର୍ନାମେଣ୍ଟରେ ଏହି ଦଳ ଟାଇଟଲ ହାସଲ କରିବାରେ ସଫଳ ହୋଇନାହିଁ। ପ୍ରଥମ ମ୍ୟାଚ୍‌ରେ ବେଲଜିୟମ ଅଧିକ ସଂଖ୍ୟାରେ ଗୋଲ ଦେବାରେ ବିଫଳ ହୋଇଥିଲା। ପୁଲ୍ ସି'ରେ ଶୀର୍ଷ ସ୍ଥାନ ଅଧିକାର କରିବାକୁ ହେଲେ ଓ କ୍ରସ୍ ଓଭର ମୁକାବିଲାକୁ ଏଡାଇବାକୁ ହେଲେ ଭାରତକୁ ହରାଇବା ନିହାତି ଜରୁରୀ ବୋଲି ବେଲଜିୟମ କୋଚ୍ ଶେନ ମ୍ୟାକ୍ ଲଏଡ କହିଛନ୍ତି। ତେଣୁ ଭାରତ ବିପକ୍ଷ ମ୍ୟାଚ ଆମ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ବୋଲି ସେ ସ୍ୱୀକାର କରିଛନ୍ତି।

ପ୍ରତ୍ୟେକ ପୁଲ୍‌ର ଶ୍ରେଷ୍ଠ ଦଳଗୁଡିକ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ତେବେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବାକୁ ଥିବା ଦୁଇଟି ଦଳ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଁ ପ୍ଲେ ଅଫ୍ ବା କ୍ରସ ଓଭର ମ୍ୟାଚ୍ ଖେଳିବେ।



ଖବରଦାତା ସମ୍ମିଳନୀରେ ଭାରତୀୟ ହକି ଦଳର କୋଚ୍ ହରେନ୍ଦ୍ର ସିଂ (ଡାହାଣ)।

## ସୁପର ସନ୍‌ଡେ'ରେ ସୁପର ମୁକାବିଲା

■ ଭାରତୀୟ ଦଳ: ମନପ୍ରୀତ ସିଂ (ଅଧିନାୟକ), ପି.ଆର. ଶ୍ରୀଜେସ୍ (ଗୋଲ କିପର), କ୍ରିଷ୍ଣା ବାହାଦୁର ପାଠକ, ହରମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, କୋଥାଜିତ୍ ସିଂ ଖଡଙ୍ଗବାମ୍, ସୁରେନ୍ଦ୍ର କୁମାର, ଅମିତ ରୋହିଦାସ, ଚିଙ୍ଗଲେନ୍‌ସାନା ସିଂ କାଙ୍ଗୁଜାମ୍, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ସୁମୀତ, ଆକାଶଦୀପ ସିଂ, ମନଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ୍ ସିଂ।

■ ବେଲଜିୟମ ଦଳ: ଥୋମାସ ବ୍ରିଏଲ୍ସ (ଅଧିନାୟକ), ଭିନସେଣ୍ଟ ବାନାସ୍କ (ଗୋଲ୍‌କିପର), ଲୋଇକ୍ ଭାନ ଡୋରେନ (ଗୋଲ କିପର), ଆର୍ଥର ଡି ସ୍ଲୁଭେର, ଅର୍ଥର ଭାନ ଡୋରେନ୍, ଲୋଇକ୍ ଲୁଇପାରେଟ୍, ଆଲେକଜାଣ୍ଡର ହେଣ୍ଡ୍ରିକ୍ସ, ଗଉଥି ବୋକାର୍ଡ, ଇମାନୁଏଲ ଷ୍ଟକବ୍ରେଏକ୍ସ, ସିମନ ଗୋଗନାର୍ଡ,ଜନ ଜନ ଡୋହମେନ, ଭିକ୍ଟର ୱେଗନେଜ, ଫେଲିକ୍ସ ଡେନାୟେର, ସେବାଷ୍ଟିଏନ ଡୋକିଏର, ସେଡ୍ରିକ ଚାର୍ଲିଏର ଓ ଟମ୍ ବୁନ୍।

### ଆଜିର ମ୍ୟାଚ୍

କାନାଡା ବନାମ ଦକ୍ଷିଣ ଆଫ୍ରିକା
ପୁଲ୍-ସି
ସମୟ ଅପରାହ୍ନ- ୫ଟା

ଭାରତ ବନାମ ବେଲଜିୟମ
ପୁଲ୍- ସି
ସମୟ- ରାତି ୭ଟା
ସ୍ଥାନ- କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

# ପୁଲ୍ 'ସି' ଶୀର୍ଷସ୍ଥାନ ଲକ୍ଷ୍ୟରେ ହରେନ୍ଦ୍ର

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ବେଲଜିୟମ ବିପକ୍ଷ ମ୍ୟାଚ ଆମ ପାଇଁ ଅଗ୍ନି ପରୀକ୍ଷା ସୃଷ୍ଟି କରିଛି ବୋଲି ଭାରତୀୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ରବିବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଆମ ପାଇଁ କ୍ୱାର୍ଟର ଫାଇନାଲ ସଦୃଶ ହୋଇଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ପୁଲ୍ ସି'ର ଶୀର୍ଷ ସ୍ଥାନ ଅଧିକାର କରି ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିବ ବୋଲି ସେ କହିଛନ୍ତି।

ତେବେ ଏହି ମ୍ୟାଚ୍ ପାଇଁ ଆମେ ଆଦୌ ଚାପରେ ନାହୁଁ ବୋଲି ମ୍ୟାଚ୍ ପୂର୍ବର ଖବରଦାତା ସମ୍ମିଳନୀରେ ହରେନ୍ଦ୍ର କହିଛନ୍ତି। ଆମେ ସବୁବେଳେ ଗୋଟିଏ ମ୍ୟାଚ୍‌କୁ ଗୁରୁତ୍ୱ ତଥା ଅଗ୍ରାଧିକାର ଦେଇଥାଉ। ଏ ନେଇ ଟିମ୍ ମିଟିଂରେ ଆଲୋଚନା କରିଛୁ। ବିଜୟୀ ହେବା ପାଇଁ ଆମେ ସବୁମତେ ଚେଷ୍ଟା କରିବୁ। ଗତ ୪-୫ ବର୍ଷ ମଧ୍ୟରେ ବେଲଜିୟମ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ସମୟ ତଥା ପରିସ୍ଥିତି ଅନୁଯାୟୀ ଆମେ ରଣନୀତି ଆପଣେଇ ଖେଳିବୁ। ଭାରତ ମଧ୍ୟ ଗତ ୫-୬ ମାସ ମଧ୍ୟରେ ଆକ୍ରମଣାତ୍ମକ ହକି ପ୍ରଦର୍ଶନ କରୁଛି ଓ ଏହା ଆମର ମୁଖ୍ୟ ଅସ୍ତ୍ର ହୋଇଛି। ଏ ନେଇ ଆମେ କୌଣସି ବୁଝାମଣା କରିନାହୁଁ। ବେଲଜିୟମ ପାରାଲାଲ ହକି ନ ଖେଳି ଭର୍ଟିକାଲ ହକି ଖେଳିଥାଏ। ତେଣୁ ଏ ନେଇ ଆମକୁ ସତର୍କ ହେବାକୁ ପଡିବ। ଅତୀତକୁ ନେଇ ଆମେ ଚିନ୍ତା କରୁନାହୁଁ। ଅତୀତର ଭୁଲ ଓ ତ୍ରୁଟିକୁ ନେଇ ଗୁରୁତ୍ୱ ଦେଉନାହୁଁ। ଅତୀତ ହେଉଛି ଇତିହାସ। ତେବେ ଅତୀତର ଭଲ ପ୍ରଦର୍ଶନକୁ ନେଇ ଆମେ ଅବଶ୍ୟ ଆଲୋଚନା କରିଥାଉ। ପ୍ରତ୍ୟେକ ଟୁର୍ନାମେଣ୍ଟ ଆମ ପାଇଁ ନୂଆ। ଅତୀତ କଥା ଚିନ୍ତା ଓ ଆଲୋଚନା କରି ଆମେ ଭବିଷ୍ୟତକୁ ନଷ୍ଟ କରିବାକୁ ଚାହୁନାହୁଁ।

ଆସନ୍ତାକାଲି ଏକ ନୂଆ ଦିନ। ଏକ ନୂଆ ଟୁର୍ନାମେଣ୍ଟ, ନୂଆ ଟିମ୍, ଏକ ନୂଆ ବିଶ୍ୱକପ୍। ଏହି ମ୍ୟାଚ୍ ଘରୋଇ ପରିବେଶରେ ୧୫ ହଜାର ଦର୍ଶକଙ୍କ ସାମ୍ନାରେ ଖେଳାଯିବ। ଘରୋଇ ଦର୍ଶକଙ୍କ ସମର୍ଥନ ଆମ ପାଇଁ ଚାପ ନୁହଁ। ବରଂ ଏହି ଦର୍ଶକ ଆମକୁ ଉତ୍ସାହିତ କରିବେ। ଏଥିରୁ ଆମେ ଫାଇଦା ଉଠାଇବୁ। ପ୍ରକୃତରେ ଦେଖିବାକୁ ଗଲେ ଘରୋଇ ଦର୍ଶକ ଆମ ପାଇଁ ୧୨ତମ ଖେଳାଳିର ଭୂମିକା ନିର୍ବାହ କରିବ ବୋଲି ହରେନ୍ଦ୍ର କହିଛନ୍ତି। ଷ୍ଟ୍ରାଇକର ଆକାଶଦୀପ ସିଂ ନୂଆ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସେ ସାଇଡ୍‌ରେ ଲିଙ୍କ୍ ମ୍ୟାନ ହିସାବରେ ଦାୟିତ୍ୱ ତୁଲାଇବେ। ସେ ମଧ୍ୟ ଏହି ଭୂମିକାକୁ ବେଶ୍ ଉପଭୋଗ କରୁଛନ୍ତି ବୋଲି ଆକାଶଦୀପ କହିଛନ୍ତି। ମୋର ଦୃଷ୍ଟିଶକ୍ତି ପ୍ରଖର ଥିବାରୁ ଓ ମୁଁ ଅନ୍ୟ ଷ୍ଟ୍ରାଇକରଙ୍କ ସହ ଭଲ ବୁଝାମଣା ବଜାୟ ରଖୁଥିବାରୁ ହରେନ୍ଦ୍ର ସାର ମତେ ଏହି ନୂଆ ଦାୟିତ୍ୱ ଦେଇଛନ୍ତି ବୋଲି ଆକାଶଦୀପ କହିଛନ୍ତି।

# ବେଲଜିୟମ ପଲା ଭାରି

ଚଳିତ ହକି ବିଶ୍ୱକପରେ ରବିବାର ପୁଲ୍ 'ସି'ର ଦ୍ୱିତୀୟ ରାଉଣ୍ଡରେ ଭାରତ ଓ ବେଲଜିୟମ ମଧ୍ୟରେ ମୁକାବିଲା ହେବ। ଭାରତ ପ୍ରଥମ ମ୍ୟାଚରେ ୫-୦ ଗୋାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିବାବେଳେ ବେଲଜିୟମ ୨-୧ ଗୋଲରେ କାନାଡ଼ାକୁ ହରାଇଛି। ତେଣୁ ପୁଲ୍‌ରେ ଶୀର୍ଷସ୍ଥାନ ପାଇଁ ମୁଖ୍ୟତଃ ଭାରତ ଓ ବେଲଜିୟମ ମଧ୍ୟରେ କଡ଼ା ଟକ୍କର ହେବ। ରେକର୍ଡ ଦେଖିଲେ ଭାରତ ବିପକ୍ଷରେ ବେଲଜିୟମ ପଲା ଭାରି ରହିଛି। ୨୦୧୩ ପରଠାରୁ ଉଭୟ ଦେଶ ୧୯ଟି ମ୍ୟାଚରେ ପରସ୍ପରକୁ ଭେଟିଛନ୍ତି। ସେଥିରୁ ଭାରତ ୫ଟି ମ୍ୟାଚ ଜିତିଥିବାବେଳେ ବେଲଜିୟମ ୧୩ଟି ମ୍ୟାଚରେ ବିଜୟୀ ହୋଇଛି। ଅନ୍ୟ ଏକ ମ୍ୟାଚ ଡ୍ର ରହିଛି। ଦୁଇ ଦଳ ମଧ୍ୟରେ ଶେଷଥରପାଇଁ ଚଳିତବର୍ଷ ପ୍ରାରମ୍ଭରେ ନେଦରଲାଣ୍ଡସର ବ୍ରେଡାଠାରେ ଚାମ୍ପିୟନ୍ସ ଟ୍ରଫିରେ ଭେଟ ହୋଇଥିଲା। ଶେଷ ମୁହୂର୍ତ୍ତ ଗୋଲ ବରଣ ଯୋଗୁ ଭାରତ ମ୍ୟାଚକୁ ୧-୧ରେ ଡ୍ର ରଖିବାକୁ ବାଧ୍ୟ ହୋଇଥିଲା।

## ଫ୍ୟାନ୍ସ କର୍ଣ୍ଣର










**ସଂକ୍ଷେପରେ**

## ଭାରତ ଏ'- ୩୨୩: ନ୍ୟୁଜିଲାଣ୍ଡ ଏ' ୧୨୧/୩

**ହ୍ୱାଙ୍ଗେରୀ, ୧।୧୨ (ପି.ଟି.):** ଏଠାରେ ଚାଲିଥିବା ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ' ଦଳ ୩୨୩ରେ ଅଲଆଉଟ ହୋଇଯାଇଛି। ଜବାବରେ ନ୍ୟୁଜିଲାଣ୍ଡ ଏ' ଟିମ୍ ସେଫର୍ଟଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୧୨୧ ରନ କରିଛି। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୪୮/୪ ରୁ ଖେଳ ଆରମ୍ଭ କରିଥିବା ଭାରତ ଏ' ମାତ୍ର ୭୫ ରନ ଯୋଗ କରି ଅବଶିଷ୍ଟ ୬ଟି ଯାକ ଉଇକେଟ ହରାଇଥିଲା। ଘରୋଇ ଦଳ ତରଫରୁ ଲୋକି ଫର୍ଗୁସନ (୪/୮୮) ଏବଂ ଡଗ୍ ବ୍ରେସ୍‌ୱେଲ (୫/୭୮) ଶନିବାର ଭାରତର ତିନୋଟି ଲେଖାଏଁ ଉଇକେଟ ଅକ୍ତିଆର କରିନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଏକଦା ୧୭.୨ ଓଭରରେ ୨ ଉଇକେଟ ହରାଇ ୫୦ ରନ କରିଥିଲା। ମାତ୍ର ସିଫର୍ଟ (୫୫*) ଏବଂ ଜିଡି ଫିଲିପ୍ସ (୨୭) ତୃତୀୟ ଉଇକେଟରେ ୫୯ ରନ ଯୋଗ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ। ସେଫର୍ଟ ତାଙ୍କ ୧୪୦ ବଲ୍ ଅପରାଜିତ ଇନିଂସରେ ୮ଟ ଚୌକା ଲଗାଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସେଫର୍ଟଙ୍କ ସହ ଆର. ରବିନ୍ଦ୍ର ୫ରନ କରି ଅପରାଜିତ ରହିଛନ୍ତି। ନ୍ୟୁଜିଲାଣ୍ଡ ଏ' ଦଳ ହାତରେ ୭ଟି ଉଇକେଟ ରହିଥିବାବେଳେ ଭାରତ ଏ' ପ୍ରଥମ ଇନିଂସଠାରୁ ଠାରୁ ଆହୁରି ୨୦୨ ରନ ପଛୁଆ ରହିଛି। ସଂକ୍ଷିପ୍ତ ସ୍କୋର: ଭାରତ ଏ': ୩୨୩/ଅଲଆଉଟ (ଭି. ଶଙ୍କର-୭୧, ଶୁଭମ ଗିଲ୍-୬୨ ;ବ୍ରେସ୍‌ୱେଲ୍-୫/୭୮, ଏଲ୍. ଫର୍ଗୁସନ-୪/୮୮)। ନ୍ୟୁଜିଲାଣ୍ଡ ଏ': ୧୨୧/୩ (ଟି.ଏଲ, ସେଫର୍ଟ-୫୫*; ମହମ୍ମଦ ସିରାଜ-୨/୨୫)।

# ଶୁଭ୍ରାଂଶୁ-ଅଭିଷେକ ଓଡ଼ିଶାକୁ ଜିତାଇଲେ

କଟକ ଅଫିସ, ୧।୧୨

ତ୍ରିମସ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ଏଲିଟ ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ତ୍ରିପୁରାକୁ ପରାସ୍ତ କରିଛି। ବିଜୟ ପାଇଁ ଓଡ଼ିଶା ସମ୍ମୁଖରେ ୨୧୫ ରନର ଟାର୍ଗେଟ୍ ରହିଥିବାବେଳେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଶୁକ୍ରବାର ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୫ ଉଇକେଟ ହରାଇ ୧୧୧ ରନ କରିଥିଲା। ଶନିବାର ତଥା ଅନ୍ତିମ ଦିବସରେ ଓଡ଼ିଶାକୁ ବିଜୟୀ ପାଇଁ ଆଉ ୧୦୪ ରନ୍ ଆବଶ୍ୟକ ହେଉଥିଲା। ତେବେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି(୪୩ ରନ୍) ଓ ଅଲ୍‌ରାଉଣ୍ଡର

**ତ୍ରିମ୍ସ ରଣଜୀ**

ଅଭିଷେକ ରାଉତ(୨୦ ରନ୍) ସତର୍କତାର ସହ କ୍ରିଜରେ ତିଷ୍ଠି ରହି ଦଳକୁ ଆଉ କୌଣସି କ୍ଷତି ନ ଦେଇ ୫ ଉଇକେଟରେ ଜିତାଇଥିଲେ। ଉଭୟ ଶୁଭ୍ରାଂଶୁ ଓ ଅଭିଷେକ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଚଳିତ ସିଜନରେ ଓଡ଼ିଶାକୁ ଦ୍ୱିତୀୟ ବିଜୟ ପ୍ରଦାନ କରିଛନ୍ତି। ଶୁଭ୍ରାଂଶୁ ୮୪ ରନ୍ ଓ ଅଭିଷେକ ୮୩ ରନ କରିଥିଲେ। ସୂଚନା ଥାଉକି, ତ୍ରିପୁରାର ପ୍ରଥମ ଇନିଂସ ୧୨୨ ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୨୧୨ ରନ୍ କରିଥିଲା। ତ୍ରିପୁରା ଦ୍ୱିତୀୟ ଇନିଂସରେ ୩୦୪ ରନ କରିବା ଫଳରେ ଓଡ଼ିଶା ସମ୍ମୁଖରେ ୨୧୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଓଡ଼ିଶା ଗ୍ରୁପ୍-ସି ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉଠିଛି। ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଓ ଗୋଟିଏ ଲେଖାଏ ପରାଜୟ, ଡ୍ର ସହ ଓଡ଼ିଶା ୧୩ ପଏଣ୍ଟ ପାଇଛି।



ମ୍ୟାଚ୍ ବିଜୟ ପରେ ଅଫିସିଆଲଙ୍କ ଗହଣରେ ଓଡ଼ିଶା ଦଳର ଖେଳାଳିମାନେ।

### ପପୁ ବାଦ୍, ଦଳରେ ପି. ରୋଶନ କୁମାର

ଆସନ୍ତା ଡିସେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ଓଡ଼ିଶା ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍ ଖେଳାଯିବ। ଉକ୍ତ ମ୍ୟାଚ୍ ନିମନ୍ତେ ଓଡ଼ିଶା ଦଳରେ ମାତ୍ର ଜଣେ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ବାମହାତୀ ସ୍ପିନର ପପୁ ରାୟଙ୍କୁ ବଦଳରେ ଅନ୍ୟ ଜଣେ ଉଇକେଟକିପର ଭାବେ ପି.ରୋଶନ କୁମାର ରାଓଙ୍କୁ ଦଳରେ ନିଆଯାଇଛି। ଦଳରେ ବାମହାତୀ ସ୍ପିନର ଭାବେ ଅଭିଜ୍ଞ ଧୀରଜ ସିଂ ରହିଛନ୍ତି। ଏଣୁ ପପୁଙ୍କୁ ବିଶ୍ରାମ ଦିଆଯାଇଛି। ଦଳରେ ସୁଜିତ ଲେଙ୍କା ଉଇକେଟକିପର ଭାବେ ରହିଛନ୍ତି। ରାଜ୍ୟ ବାହାରେ ମ୍ୟାଚ୍ ରହିଥିବାରୁ ଅନ୍ୟଜଣେ ଉଇକେଟ କିପରଙ୍କ ଆବଶ୍ୟକତା ରହିଛି ବୋଲି ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି କହିଛନ୍ତି।

**ଝାଡ଼ଖଣ୍ଡ ମ୍ୟାଚ୍ ପାଇଁ ଓଡ଼ିଶା ଦଳ**

ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ରାଜେଶ ଧୂପର, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ(ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା(ଉଇକେଟ କିପର), ଧୀରଜ ସିଂ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଶେକ ରାଉତ, ପି.ରୋଶନ କୁମାର ରାଓ। କୋଚ୍- ରଶ୍ମୀରଞ୍ଜନ ପରିଡ଼ା, ଫିଜିଓ-ଶୁଭକାନ୍ତ ସାହୁ, ଟ୍ରେନର- ମନୋଜ କୁମାର ବିଶ୍ୱାଳ, ମ୍ୟାନେଜର- ସୁବ୍ରତ କୁମାର ପଣ୍ଡା, ନୀରିକ୍ଷକ- ଶୁଭାଶିଷ ଭୂୟାଁ।

## ବିନ୍ଦ୍ରାଙ୍କୁ ଶ୍ରେଷ୍ଠ ଶୁଟିଂ ସମ୍ମାନ

**ନୂଆଦିଲ୍ଲୀ,୧।୧୨:** ପୂର୍ବତନ ଭାରତୀୟ ଶୁଟର ଅଭିନବ ବିନ୍ଦ୍ରା କ୍ୟାରିୟରରେ ଆଉ ଏକ ସଫଳତା ପାଇଛନ୍ତି। ଦେଶ ପାଇଁ ବ୍ୟକ୍ତିଗତ ଇଭେଣ୍ଟରେ ଏକମାତ୍ର ସ୍ୱର୍ଣ୍ଣ ପଦକ ଜିତିଥିବା ବିନ୍ଦ୍ରା ଶନିବାର ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ଏଫ୍ ବ୍ଲୁ କ୍ରସ ମେଡାଲ ପାଇଛନ୍ତି। ଏହି ବ୍ଲୁ କ୍ରସ ମେଡାଲ ହେଉଛି, ଅନ୍ତର୍ଜାତୀୟ ଶୁଟିଂ କ୍ରୀଡ଼ା ଫେଡେରେଶନ(ଆଇଏସ୍‌ଏସ୍‌ଏଫ୍)ର ଶ୍ରେଷ୍ଠ ସମ୍ମାନ। ଶୁଟିଂ କ୍ରୀଡ଼ା ପ୍ରତି ଅହେତୁକ ଅବଦାନ ଦେଇଥିବାରୁ ୩୬ ବର୍ଷୀୟ ପୂର୍ବତନ ଶୁଟରଙ୍କୁ ଏହି ସମ୍ମାନ ମିଳିଛି। ଏ ସମ୍ପର୍କରେ ସେ ଟୁଇଟର ଜରିଆରେ ସୂଚନା ଦେଇଛନ୍ତି। ଆଇଏସ୍‌ଏସ୍‌ଏଫ୍ ସର୍ବଶ୍ରେଷ୍ଠ ସମ୍ମାନ ବ୍ଲୁ କ୍ରସ ମେଡାଲ ପାଇ ମୁଁ ଅତ୍ୟନ୍ତ ଗର୍ବିତ ବୋଲି ସେ କହିଛନ୍ତି।

## ମିଜୋରାମର ବୃହତ ବିଜୟ

**କଟକ ଅଫିସ,୧।୧୨:** କଟକରେ ଚାଲିଥିବା ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ ଡଃ ବି.ସି. ରାୟ ଟ୍ରଫିରେ ଶନିବାର ୪ଟି ମ୍ୟାଚ ଖେଳାଯାଇଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ କେରଳ ୩-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଥିଲା। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ପଶ୍ଚିମବଙ୍ଗ ୩-୧ ଗୋଲରେ ମେଘାଳୟକୁ ହରାଇଥିଲା। ପୋଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୧-୦ ଗୋଲରେ ଦିଲ୍ଲୀକୁ ଓ ମିଜୋରାମ ଏକତରଫା ଭାବେ ୫-୦ ଗୋଲରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ରବିବାର ଓଡ଼ିଶା ପ୍ରତିଯୋଗିତାର ପରବର୍ତ୍ତୀ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ଭେଟିବ।

# ବିଜୟଙ୍କ ଶତକ

ସିଡ୍‌ନୀ, ୧।୧୨(ପି.ଟି.)

ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ ଦଳ ଏଠାରେ ଘରୋଇ ଅଷ୍ଟ୍ରେଲିଆ କ୍ରିକେଟ ଏକାଦଶ ବିପକ୍ଷରେ ଖେଳିଥିବା ୪ ଦିବସୀୟ ଅଭ୍ୟାସମୂଳକ ମ୍ୟାଚ୍ ଡ୍ର'ରେ ଶେଷ କରିଛି। ଦ୍ୱିତୀୟ ଇନିଂସରେ ଓପନର୍



ମୁରଲୀ ବିଜୟଙ୍କ ଶତକ ଓ ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକ ଟେଷ୍ଟ ସିରିଜ ପୂର୍ବରୁ ଭାରତର ମନୋବଳ ଦୃଢ଼ କରିଛି। ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଆରମ୍ଭ ହେବ। ଭାରତର ପ୍ରଥମ ଇନିଂସ ସ୍କୋର ୩୫୮ ରନ ଜବାବରେ କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ଶୁକ୍ରବାର ୩ୟ ଦିବସ ଶେଷ ସୁଦ୍ଧା ୬ ଉଇକେଟ୍ ହରାଇ ୩୫୬ ରନ କରିଥିଲା। ଶନିବାର ଅନ୍ତିମ ଦିବସ ସକାଳେ ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଘରୋଇ ଦଳ ୧୫୧.୧ ଓଭରରେ ୫୪୪ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଥିଲା। କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ପକ୍ଷରୁ ଉଇକେଟ୍‌କିପର ହ୍ୟାରୀ ନୀଲସେନ ୧୦୦, ଆରୋନ ହାର୍ଡି ୮୬, ଡାନିଏଲ ଫଲିନ୍ ୪୩, ଲ୍ୟୁକ୍ ରବିନ୍ସ ୩୮* ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସାମି ୩, ରବିଚନ୍ଦ୍ରନ ଅଶ୍ୱିନ ୨ଟି ଉଇକେଟ୍

**ଅଭ୍ୟାସ ମ୍ୟାଚ୍ ଡ୍ର'**

ନେଇଥିଲେ। ୧୮୬ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଭାରତ ଦମ୍‌ଦାର ବ୍ୟାଟିଂ କରିଥିଲା। ଦୁଇ ଓପନର୍ ରାହୁଲ ୬୨ ରନ ଓ ବିଜୟ ୧୨୯ (୧୬ ଚୌକା, ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଦ୍ୱିତୀୟ ଉଇକେଟ୍‌ଭାବେ ବିଜୟ ଆଉଟ୍ ହେବାପରେ ଉଭୟ ଦଳର ଅଧିନାୟକ ରାଜି ହୋଇଥିଲେ। ସେତେବେଳକୁ ଭାରତ ୨ ଉଇକେଟ୍‌ରେ ୨୧୨ ରନ କରିଥିଲା। ହନୁମା ବିହାରୀ ୧୫ ରନ କରି ଅପରାଜିତ ରହିଥିଲେ। ବିଜୟ ପ୍ରଥମ ଅର୍ଦ୍ଧଶତକ ୯୧ଟି ବଲରୁ ହାସଲ କରିଥିବାବେଳେ ୨ୟ ଅର୍ଦ୍ଧଶତକ ପାଇଁ ୨୭ଟି ବଲ ଖେଳିଥିଲେ। ଜ୍ୟାକ୍ କାର୍ଡିଙ୍କ ଗୋଟିଏ ଓଭରରେ ସେ ୨୬ ରନ ସଂଗ୍ରହ କରିଥିଲେ।

# ଜାନୁୟାରୀ ୧୩ରେ ଭୁବନେଶ୍ୱର ହାଫ୍ ମାରାଥନ



ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନର ଜର୍ସି ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଟାଟା ଷ୍ଟିଲ୍ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ହାଫ୍ ମାରାଥନ୍- ୨୦୧୯ ଏଥର ଜାନୁୟାରୀ ୧୩ ତାରିଖରେ ଆୟୋଜନ ହେବ। ପୂର୍ବ ୩ଟି ସଂସ୍କରଣ ଅପେକ୍ଷା ମାରାଥନର ଏହି ଚତୁର୍ଥ ସଂସ୍କରଣ ଆହୁରି ବ୍ୟାପକ ହେବ। ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟାଟା ଷ୍ଟିଲ୍‌ର ମେଟେରିଆଲ୍ସ ଭାଇସ୍ ପ୍ରେସିଡେଣ୍ଟ ଅରୁଣ ମିଶ୍ର, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ମନୋଜ ପାଢୀ ଯୋଗ ଦେଇ ଏହି ହାଫ୍ ମାରାଥନ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ମହିଳା ଏଭରେଷ୍ଟ ଆରୋହଣକାରୀ ସ୍ୱର୍ଣ୍ଣଲତା ଦଲାଇ, ଟାଟା ଷ୍ଟିଲ ଚିଫ୍ ରେସିଡେଣ୍ଟ ଏକଜିକ୍ୟୁଟିଭ ଦେବାଶିଷ ଜେନା, ଅର୍ଜୁନ ପୁରସ୍କାର ପ୍ରାପ୍ତ ଆଥଲେଟ୍ ତଥା ଟାଟା ଷ୍ଟିଲ୍ ସିନିୟର କୋଚ୍ ବାଗିଚା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହାଫ୍ ମାରାଥନର ଅଫିସିଆଲ ଟି-ଶାର୍ଟର ଉନ୍ମୋଚନ କରାଯାଇଥିଲା।

ଏହି ହାଫ୍ ମାରାଥନକୁ ୩ଟି ଭାଗରେ ବିଭକ୍ତ କରାଯାଇଛି। ୧୮ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ପାଇଁ ୨୧ କିଲୋମିଟର (ହାଫ୍ ମାରାଥନ), ୫ରୁ ୧୫ ବର୍ଷ ବୟସ ମଧ୍ୟରେ ବାଳକ ଓ ବାଳିକାମାନଙ୍କ ପାଇଁ ୧୦ କି.ମି. ଓ ୧୨ରୁ ୧୬ ବର୍ଷ ବୟସ ମଧ୍ୟରେ ବାଳକ ଓ ବାଳିକାମାନଙ୍କ ପାଇଁ ୫ କି.ମି. ଦୂରତା ବିଶିଷ୍ଟ ଦୌଡ ଆୟୋଜନ ହେବ। ହାଫ୍ ମାରାଥନର ଉଭୟ ମହିଳା ଓ ପୁରୁଷ ଚାମ୍ପିୟନଙ୍କୁ ସର୍ବାଧିକ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଏହି ମାରାଥନର ଭେନ୍ୟୁ ହେବ। ମାରାଥନର ରେଜିଷ୍ଟ୍ରେଶନ ପାଇଁ ଡିସେମ୍ବର ୩୦କୁ ଶେଷ ତାରିଖ ରୂପେ ଧାର୍ଯ୍ୟ କରାଯାଇଛି। ଫାଷ୍ଟ କମ୍ ଫାଷ୍ଟ ବେସିସ ବା ଅଗ୍ରାଧିକାର ଭିତ୍ତିରେ ଅତିବେଶିରେ ୫୦୦୦ ପ୍ରତିଯୋଗୀ ମାରାଥନ ପାଇଁ ରେଜିଷ୍ଟ୍ରେଶନ କରିପାରିବେ।

ହାଫ୍ ମାରାଥନ ପାଇଁ ରେଜିଷ୍ଟ୍ରେଶନ ଫି' ୩୦୦, ୧୦ କି.ମି. ଦୌଡ ପାଇଁ ୨୦୦ ଓ ୫ କି.ମି. ଦୌଡ ପାଇଁ ୧୦୦ ଟଙ୍କା ରଖାଯାଇଛି। ଏହି ହାଫ୍ ମାରାଥନକୁ ବିଶ୍ୱସ୍ତରୀୟମାନର କରାଯିବ ବୋଲି କୁହାଯାଇଛି। ଟାଇମିଂ ମ୍ୟାଟ୍ସ ଓ ଏହାର କଣ୍ଟ୍ରୋଲ ୟୁନିଟ ପାଇଁ ଷ୍ଟେଟ- ଅଫ୍-ଆର୍ଟ ଟେକ୍‌ନୋଲୋଜି, ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ ଚିପ୍ସ, ରୁଟ୍‌ରେ ସ୍ପ୍ଲିଟ୍ ଟାଇମିଂ ମ୍ୟାଟ୍ସ, ଟ୍ରାକିଙ୍ଗ କ୍ୟାମେରା, ୱାଇ-ଫାଇ ନେଟୱର୍କର ବ୍ୟବହାର କରାଯିବ।

ଇତିମଧ୍ୟରେ ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀ ହୋଇପାରିଛି ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ମନୋଜ ପାଢୀ କହିଛନ୍ତି। ଭୁବନେଶ୍ୱର ହାଫ୍ ମାରାଥନ ଏକ ମେଗା ଇଭେଣ୍ଟରେ ପରିଣତ ହେବ ଓ ଓଡ଼ିଶାବାସୀଙ୍କୁ ସୁସ୍ଥ ରଖିବାରେ ପ୍ରେରଣା ଯୋଗାଇବ । ସରକାର ମଧ୍ୟ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ବଦ୍ଧ କରିକର। ଗତ କେତେ ବର୍ଷ ମଧ୍ୟରେ ରାଜ୍ୟରେ ଏକାଧିକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ପୁଣି ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣ ମଧ୍ୟ ବେଶ୍ ଉତ୍ସାହ ଓ ଉଦ୍ଦୀପନାରେ ଚାଲୁ ରହିଛି ବୋଲି ମନୋଜ କହିଥିଲେ।

ସେହିପରି ଟାଟା ଷ୍ଟିଲ୍ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ତା'ର ପ୍ରୟାସ ଜାରି ରଖିବ, ଏଥର ହାଫ୍ ମାରାଥନ ଆହୁରି ବ୍ୟାପକ ହେବ। ପ୍ରତିବର୍ଷ ଭଳି ଏଥର ମଧ୍ୟ ପ୍ରତିଯୋଗୀଙ୍କ ସଂଖ୍ୟାରେ ଯଥେଷ୍ଟ ଉନ୍ନତି ହେବ ବୋଲି ଟାଟା ଷ୍ଟିଲର ମେଟେରିଆଲ୍ସ ଭାଇସ୍ ପ୍ରେସିଡେଣ୍ଟ ଅରୁଣ ମିଶ୍ର କହିଥିଲେ।

**ଆର୍ଥିକ ପୁରସ୍କାର**

**ହାଫ୍ ମାରାଥନ (୨୧.୦୯୭ କି.ମି.)**

ପୁରୁଷ ଓ ମହିଳା ଚାମ୍ପିୟନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ସେହିପରି ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିବାକୁ ଥିବା ପୁରୁଷ ଓ ମହିଳା ପ୍ରତିଯୋଗୀ ଯଥାକ୍ରମେ ୭୫, ୫୧, ୩୧ ଓ ୧୧ ହଜାର ଟଙ୍କା ଲେଖାଏ ପୁରସ୍କାର ପାଇବେ।

**୧୦ କି.ମି. ଦୌଡ**

ପୁରୁଷ ଓ ମହିଳା ଚାମ୍ପିୟନ ୫୧ ହଜାର ଟଙ୍କା ଲେଖାଏ ପୁରସ୍କାର ପାଇବେ। ସେହିପରି ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିବାକୁ ଥିବା ପୁରୁଷ ଓ ମହିଳା ପ୍ରତିଯୋଗୀ ଯଥାକ୍ରମେ ୩୧, ୨୧, ୧୫ ଓ ୧୧ ହଜାର ଟଙ୍କା ଲେଖାଏ ପୁରସ୍କାର ହାସଲ କରିବେ।

**୫ କି.ମି. ଦୌଡ**

ଚାମ୍ପିୟନ ବାଳକ ଓ ବାଳିକା ୧୧ ହଜାର ଟଙ୍କା ଲେଖାଏ ପୁରସ୍କାର ହାସଲ କରିବେ। ସେହିପରି ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିବାକୁ ଥିବା ବାଳକ ଓ ବାଳିକା ପ୍ରତିଯୋଗୀ ଯଥାକ୍ରମେ ୮,୭,୫ ଓ ୪ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ହାସଲ କରିବେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ତୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଜାତୀୟ ଜୁନିୟର ଉଷୁ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ତାମିଲନାଡୁର ନମକଲଠାରେ ଶନିବାରଠାରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସପ୍ତଦଶ ଜାନୀୟ ଜୁନିୟର ଉଷୁ ପ୍ରତିଯୋଗିତାରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଏକ ୧୭ ଜଣିଆ ଓଡ଼ିଶା ଦଳ ତାମିଲନାଡୁ ଅଭିମୁଖେ ଗସ୍ତ କରିଛି। ଏହି ଦଳରେ ୯ଜଣ ବାଳକ ଓ ୮ ଜଣ ବାଳିକା ସ୍ଥାନ ପାଇଛନ୍ତି। ପ୍ରଶିକ୍ଷକଭାବେ ଜିତେନ୍ଦ୍ର ଯାଦବ ଓ ଜିତେନ୍ଦ୍ର ଦାଶ ଦଳ ସହ ଯାତ୍ରା କରିଛନ୍ତି। ଇଶ୍ୱର ମହାନ୍ତି ଓ ଅନୁରାଧା ଦୋରା ଦଳର ମ୍ୟାନେଜର ରହିଛନ୍ତି। ଭୁବନେଶ୍ୱରସ୍ଥିତ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ପ୍ରତିଯୋଗିତାର ପ୍ରଦର୍ଶନ ଆଧାରରେ ଖେଳାଳି ଚୟନ କରାଯାଇଛି। ପ୍ରତିଯୋଗୀଙ୍କୁ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ ଦଳର ଶୁଭକାମନା କରିଛନ୍ତି। ପ୍ରଦ୍ୟୁମ୍ନ ବେହେରା, ପୃଥୀରାଜ ହରିଚନ୍ଦନ,ଶୁଭେନ୍ଦୁ ସାମନ୍ତରାୟ ଏବଂ ଶରତ କୁମାର ଦାସ ଅଫିସିଆଲଭାବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି।

**ବାଳକ ବିଭାଗ (ସାନ୍‌ସୋଲ)**- ବାପି ଚାଟାର୍ଜୀ, ରସାନନ୍ଦ ମହାନନ୍ଦିଆ, ତ୍ରିନାଥ ଭୋଳ, କିଶୋର ପ୍ରଧାନ, ରାଜୁ ସିନ୍‌କୁ, ଅବିନାଶ ଦାସ ଓ ଗୋଲ୍ଡେନ ଜିତ୍। **ବାଳିକା ବିଭାଗ (ସାନ୍‌ସୋଉ)**- ଫୁଲମତି ମୁଣ୍ଡା, ଆରତୀ ଗୋପ, ଜ୍ୟୋତ୍ସ୍ନାରାଣୀ ଜେନା, ବ୍ରଜେନ୍ଦିରା ପାତ୍ର ଓ ଲିପ୍‌ସା ଷଡ଼ଙ୍ଗୀ।
**ତୌଲୁ ବିଭାଗ (ଉଭୟ ବାଳିକା ଓ ବାଳକ)**- ପଲ୍ଲବୀ ସାମଲ, ଆକାଂକ୍ଷା ବାରିକ, ସୁନୀତା ଜେନା, ପ୍ରଦ୍ୟୁମ୍ନ କୁମାର ବେହେରା ଓ ସୌଭାଗ୍ୟ ଶରଣ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ମନୁଷ୍ୟର ସବୁଠାରୁ ବଡ଼ ଦୋଷ ହେଉଛି-ଯେତେବେଳେ ସେ ଧରିନିଏ ଯେ ତା'ର କୌଣସି ଦୋଷ ନାହିଁ।
-କାର୍ଲାଇଲ



## ସଂକ୍ଷେପରେ

### ଗୋପମଥୁରାରେ ଗୋଷ୍ଠୀ ସଂଘର୍ଷ

**ବଡ଼ମ୍ବା,୧।୧୨(ଡି.ଏନ.ଏ.):** ବଡ଼ମ୍ବା ଥାନା ଗୋପମଥୁରା ଗ୍ରାମରେ ରାଜନୈତିକ ବିବାଦକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ନଂ. ୧୯୦ ଓ ୧୯୧/୧୮ ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରାମର ଆନନ୍ଦ ନାୟକଙ୍କୁ ଗୋଟିଏ ଗୋଷ୍ଠୀ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଥିଲା। ଶନିବାର ସକାଳେ ତାଙ୍କ ବିପକ୍ଷ ଗୋଷ୍ଠୀ ପଞ୍ଚାୟତର ସରପଞ୍ଚ ପ୍ରଭାତୀ ନାୟକଙ୍କ ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି। ସରପଞ୍ଚ ନାୟକ ଅଭିଯୋଗ କରିଛନ୍ତି, ଆନନ୍ଦ ଓ ଅନ୍ୟ କେତେଜଣ ମିଶି ତାଙ୍କ ଘର ଓ କୁକୁଡ଼ା ଫାର୍ମରେ ଭଙ୍ଗାରୁଜା, ଲୁଟ୍ କରିଛନ୍ତି। ତାଙ୍କ ବୋଲେରୋ, ଅଟୋ, ସ୍କୁଟି ଆଦି ଭାଙ୍ଗି ଦେଇଛନ୍ତି। ଏଥିସହ ଟଙ୍କା ଲୁଟ୍ କରାଯିବା ସହ ସେଠାରେ ଥିବା ଗଛ ହାଣି ଦିଆଯାଇଛି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ସସ୍ମିତା ରଣା କହିଛନ୍ତି। ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ରାଜନୈତିକ ବିବାଦକୁ ନେଇ ଦୀର୍ଘଦିନ ଧରି ଗ୍ରାମରେ ଅସନ୍ତୋଷ ଲାଗିରହିଛି। ପୋଲିସ ସମାଧାନ କରିବାକୁ ଲୋକେ ଦାବି କରିଛନ୍ତି।

■ ଯୁବତୀଙ୍କୁ ଅପହରଣ ଘଟଣାର ନୂଆ ମୋଡ଼

# ଅଭିଯୁକ୍ତଙ୍କୁ ଛାଡ଼ିବା ଦାବିରେ ଫାଣ୍ଡିରେ ହୋହଲ୍ଲା

**ମାହାଙ୍ଗା,୧।୧୨(ସ୍ୱ.ପ୍ର.)**

■ଫାଣ୍ଡି ଅଧିକାରୀଙ୍କୁ ଟଣାଓଟରା
■ଦୀର୍ଘ ସମୟ ଧରି ଉତ୍ତେଜନା

ମାହାଙ୍ଗା ଥାନା ଅଧୀନ ଜୟପୁର ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ କିଛିଦିନ ତଳେ ହୋଇଥିବା ଅପହରଣ ଘଟଣା ନୂଆମୋଡ଼ ନେଇଛି। ପୋଲିସ ଯୁବତୀଙ୍କ ଅଭିଯୋଗ ଆଧାରରେ ଜଣେ ଗାଡ଼ି ଚଳାକଙ୍କୁ ଗିରଫ କରିଛି। ତେବେ ଗିରଫ ଗାଡ଼ି ଚାଳକ ନିର୍ଦ୍ଦୋଷ ବୋଲି ତାଙ୍କ ପରିବାର ଦାବି କରିଛନ୍ତି। ତେଣୁ ତାଙ୍କୁ ଛାଡ଼ିଦେବା ପାଇଁ ପରିବାର ଓ ଗ୍ରାମବାସୀ ଶନିବାର ଫାଣ୍ଡିରେ ହୋହଲ୍ଲା କରିଛନ୍ତି। ଏପରି କି ଫାଣ୍ଡି ଅଧିକାରୀଙ୍କୁ ଟଣାଓଟରା ମଧ୍ୟ କରିଛନ୍ତି।

ସୂଚନା ଅନୁସାରେ, ଘଟଣାରେ ସହଯୋଗ କରିଥିବା ଅଭିଯୋଗରେ ଗତ ୨୯ ତାରିଖରେ ଗ୍ରାମର ଗାଡ଼ି ଚାଳକ ସେକ୍ ସାକିରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଗିରଫଦାରୀକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀଙ୍କ ସହ ମୁଖ୍ୟ ଅଭିଯୁକ୍ତ ଅନୱରଙ୍କ ଭଉଣୀ ଓ ପରିବାର ସଦସ୍ୟ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଫାଣ୍ଡିରେ ପହଞ୍ଚିଥିଲେ। କୌଣସି କାର୍ଯ୍ୟରେ ଫାଣ୍ଡି ଅଧିକାରୀ ବାହାରକୁ ଯାଇଥିବାରୁ ସେମାନେ ବସି ରହିଥିଲେ। ଫାଣ୍ଡି ଅଧିକାରୀ ଆସିବା ପରେ ସେମାନେ ସାକିରଙ୍କ ଗିରଫଦାରୀକୁ ପ୍ରତିବାଦ କରିବା ସହ ଅନୱର ନିଖୋଜ ନେଇ ଦିଆଯାଇଥିବା ଅଭିଯୋଗର କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏପରି କି ସମ୍ପୃକ୍ତ ଯୁବତୀଙ୍କ ମିଥ୍ୟା ଅଭିଯୋଗରେ ନିରୀହ ଲୋକଙ୍କ ନାମରେ ପୋଲିସ କେସ କରିବା ନେଇ ଫାଣ୍ଡି ଅଧିକାରୀଙ୍କ ଉପରେ ମହିଳାମାନେ ବର୍ଷିବା ସହ ତାଙ୍କୁ ଟଣାଓଟରା କରିଥିଲେ। ପରେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଫାଣ୍ଡି ଅଧିକାରୀଙ୍କ ଜରିଆରେ ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଅନୱରଙ୍କୁ ପୋଲିସ ଖୋଜି ନ ଆଣିଲେ ଗ୍ରାମବାସୀ ଫାଣ୍ଡି ଆଗରେ ଧାରଣା ଦେବେବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ଦାସ କହିଛନ୍ତି, ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥିବାରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

ପ୍ରକାଶଯୋଗ୍ୟ, ସମ୍ପୃକ୍ତ ଯୁବତୀଙ୍କୁ କିଛିଦିନ ତଳେ ଅପହରଣ ହୋଇଥିଲା। ଯୁବତୀ କୌଶଳ କ୍ରମେ ଖସି ଆସି ଫାଣ୍ଡିରେ ଗତ ମାସ ୨ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୨୧୩/୧୮ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।



ଫାଣ୍ଡି ଅଧିକାରୀଙ୍କୁ ଗ୍ରାମବାସୀ ଟଣାଓଟରା କରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଶାଳୀ ସଙ୍ଗେ ଟାପରା**
**କରିଲୁ ଯଦି ସହେ**
**କାଲି ସଉଦା ଭାରି ଭଲ**
**ମାଗିଲେ ଯଦି ଦିଏ ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥାଏ। ଭିଣୋଇର ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଯାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଦୋକାନୀର ଯଦି କୌଣସି ଆପତ୍ତି କି ଅଭିଯୋଗ ନ ଥାଏ ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସତ କହିବି ନା ମିଛ କହିବି?**
**ନା ଯାହା ଅଙ୍ଗେ ନିଭେଇଛି ତାହା କହିବି ?**

କେତେକ କଥା କାହାକୁ ସତ ଲାଗିପାରେ ନତୁବା ମିଛ। ପରନ୍ତୁ ଅଙ୍ଗେନିଭା କଥା ହିଁ ସତ, ଏଥିରେ କାହାରି ଦ୍ୱିମତ ହେବାର ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଭାଜପାର ଜନ ପରାମର୍ଶ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

**ନେମାଳ,୧।୧୨(ଡି.ଏନ.ଏ.)**

କଟକ ସଦର ଭାଜପାର ଜନ ପରାମର୍ଶ ପଦଯାତ୍ରା ରାଜ୍ୟ ଭାଜପା ସମ୍ପାଦକ ଦିଲୀପ କୁମାର ମଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମୀ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କପୀଠରୁ ବାହାରି ମାଳିଗାଁ, ମୁଲୁସୁଆଙ୍ଗ, ନେମାଳ ଓ ତିଲକଣା ପଞ୍ଚାୟତର ଭଗବାନପୁର, ଓଡିଙ୍ଗୀପୁର, ମହମ୍ମଦପୁର, ଦେମାଣ୍ଡୋ, କୁଆଁଷୋଳ ଆଦି ଗ୍ରାମ ପରିକ୍ରମା କରି କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇଥିଲେ। ପଦଯାତ୍ରାରେ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଧରଣୀଧର ନାୟକ, ନେମାଳ ସରପଞ୍ଚ ମୁକ୍ତାର ଅଲ୍ଲୀ, ମଣ୍ଡଳ ସଭାପତି ରଞ୍ଜନ ନନ୍ଦ, ରାଜ୍ୟକୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, କଟକ ସଦର ପ୍ରଭାରୀ ରବିନାରାୟଣ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ଯୁବନେତା ରଞ୍ଜିତ ପଣ୍ଡା, ଭାଗବତ ମଲ୍ଲିକ, ମୀନକେତନ ମହାନ୍ତି, ଶୁସୀଲ ଦାସ ଓ ସାନ୍ତନୁ ମହାରଣା ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଶିକ୍ଷକ ଶିକ୍ଷା ତାଲିମ ନୀତିକୁ ବିରୋଧ

**ନରସିଂହପୁର,୧।୧୨(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଶିକ୍ଷକ ଶିକ୍ଷା ତାଲିମରେ ଥିବା ନିୟମକୁ ବିରୋଧ କରି ନରସିଂହପୁରଠାରେ ଥିବା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦ୍ରର ଛାତ୍ରୀଛାତ୍ର ସେଠାରେ ଧାରଣା ଦେଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଯେଉଁମାନେ ଘୋରଇ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଛନ୍ତି ସେମାନେ ଦୂରନିରନ୍ତର ଶିକ୍ଷା ଯୋଜନାରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ନାମ ଲେଖାଇବା ସହ ଦକ୍ଷତା ବୃଦ୍ଧି କରିବାକୁ ବାଧ ହେବେ। ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେଇ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପଢୁଥିବା ରେଗୁଲାର ଛାତ୍ରୀଛାତ୍ରଙ୍କ ସହିତ ବାର୍ଷିକ ପରୀକ୍ଷା ଦେବେ ଏବଂ ପରବର୍ତ୍ତୀ ସମୟରେ ସରକାରୀ ଶିକ୍ଷକତା କରିପାରିବେ। ଦୂରଦୂରାନ୍ତରୁ ଛାତ୍ରୀଛାତ୍ର ଆସି ଘରଭଡା ନେଇ ନିଜସ୍ୱ ଖର୍ଚ୍ଚରେ ନିୟମିତ ପାଠ ପଢୁଥିବାବେଳେ ଘରୋଇ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ନିୟମିତ ପାଠ ନ ପଢିବାକୁ ଆସି ସମାନ ସୁବିଧା ପାଉଥିବାରୁ ଏହାକୁ ନିୟମିତ ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଶିକ୍ଷକ ନିଯୁକ୍ତି କ୍ୟାରିୟର ଭିତ୍ତିରେ କରା ନ ଯାଇ ଷ୍ଟାଫ୍ ସିଲେକସନ ବୋର୍ଡ ଦ୍ୱାରା କରାଇବାକୁ ଦାବି କରି ଶତାଧିକ ଛାତ୍ରୀଛାତ୍ର ରାଜ୍ୟପାଳ, ଶିକ୍ଷା ସଚ୍ଚିବ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଇଛନ୍ତି। ରେଗୁଲାର ଛାତ୍ରୀଛାତ୍ରଙ୍କ ଦାବିକୁ ସରକାର ତୁରନ୍ତ ବିଚାର ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି ଛାତ୍ର ଦିନେଶ ଗୋଛାୟତ, ମନୋଜ ସୁବୁଦ୍ଧି, ଦାମୋଦର ସିଂ ଓ ଉପସେନା ନନ୍ଦ ପ୍ରମୁଖ ପ୍ରତିକ୍ରିୟାରେ କହିଛନ୍ତି।



ଧାରଣାରେ ବସିଥିବା ଛାତ୍ରୀଛାତ୍ର।

## ଗୋପୀନାଥ ଜୀଉଙ୍କ କୋଠ ଘର ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୧।୧୨(ସ୍ୱ.ପ୍ର./ଡି.ଏନ.ଏ.)**

ଆମ ଗାଁ, ଆମ ବିକାଶ ଯୋଜନାରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବୁହାଲୋ ପଞ୍ଚାୟତରେ ଗୋପୀନାଥ ଜୀଉଙ୍କ କୋଠ ଘର ଉଦ୍‌ଘାଟିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଅଶୋକ ଓଝା, ମୁଖ୍ୟବକ୍ତା ବିବେକାନନ୍ଦ ସାମନ୍ତରାୟ, ଉପାଧ୍ୟକ୍ଷା ସବିତା ମହାନ୍ତି, ରାଜେନ୍ଦ୍ର ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି ମନ୍ମଥ ସାହୁ, ଯୁବନେତା ଗଗନ ବିହାରି ବରାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗୋଲ୍‌ଡେନ କ୍ଲବର ବାର୍ଷିକ ଉତ୍ସବ କ୍ଲବ ପରିସରରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଜେନା ଯୋଗଦେଇ କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଗୋଲଡେନ କ୍ଲବ ନେଇଥିବା ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ। କ୍ଲବ କର୍ମକର୍ତ୍ତାଙ୍କ ଦ୍ୱାରା 'ବାହା ହେଲେ ମରିବୁ' ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ଗୋପୀନାଥ ଜୀଉ ମନ୍ଦିର ପକ୍ଷରୁ ପ୍ରଥମାଷ୍ଟମୀ ଅବସରରେ ଭାଗବତ ମେଳଣ ଓ ଭାଗବତ ପାରାୟଣ ମହାଯଜ୍ଞ ହୋଇଛି। ବୁହାଲୋ ପଞ୍ଚାୟତର ଫକୀର ପାଟଣା ଭାଗବତ ଗାଦି, ନୂଆସାହି ଭାଗବତ ଗାଦି, ଜମରା ଭାଗବତ ଗାଦି, ରାଧାରାଣୀ ଭାଗବତ ଗାଦି ଓ ସୁନାଇଲୋ ଭାଗବତ ଗାଦି ଶୋଭାଯାତ୍ରାରେ ଆସି ଗୋପୀନାଥଙ୍କ ପ୍ରାଙ୍ଗଣରେ ବସିଥିଲେ। ଗାଦିଶ୍ୱର ଭାବେ ଦେବତା ସାହିର ବାସୁଦେବ ଗାଦି ପୂଜା ପାଇଥିଲା। ବ୍ରହ୍ମ ମୁହୂର୍ତ୍ତରେ ଗାଦି ଗୁଡିକୁ ନୈବେଦ୍ୟ ଲାଗି କରାଇ ଗାଁ ମୁରବୀଙ୍କ ଉପସ୍ଥିତିରେ ଭାଗବତ ପାଠ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ

**ଟିଗିରିଆ,୧।୧୨(ଡି.ଏନ.ଏ.)**

ହକି ବିଶ୍ୱକପ୍ ଉପଲକ୍ଷେ ଟିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମଠାରେ ବିଜୁ ଯୁବ ବାହିନୀ ଓ ବ୍ଲକ ପ୍ରଶାସନ ମିଳିତ ସହଯୋଗରେ ବ୍ଲକସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଡିଓ ପରେଶ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଦଳେଇଙ୍କ ସହ ମୁଖ୍ୟବକ୍ତା ଆଠଗଡ଼ ତହସିଲଦାର ତପନ କୁମାର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡ଼ା, ଜିଲା ପରିଷଦ ସଭ୍ୟା ବଜୟଲକ୍ଷ୍ମୀ ଖଟୁଆ, ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ କୁମାର ସେଠୀ ଓ ଆଇନଜୀବୀ ରଘୁନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ବ୍ଲକର ୧୪ ପଞ୍ଚାୟତରୁ ଆସିଥିବା ଦଳ ମଧ୍ୟରେ ଖେଳ ହୋଇଥିଲା। ସେଥିରୁ ୮ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବଶେ କରିଥିଲେ। ପରେ ଦୁଇ କ୍ୱାର୍ଟର ଫାଇନାଲ ଖେଳ ହୋଇ ଗଦାଧରପୁର ଓ ସୋମପଡ଼ା ସେମିଫାଇନାଲକୁ ପ୍ରବେଶ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା/ସଭ୍ୟ ଏବଂ ଯୁବ ବାହିନୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସୁବାସ ଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ବ୍ଲକ ଅଧୀନ ୧୪ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଯୋଗିତାକୁ ପରିଚାଳନାରେ ସହଯୋଗ କରିଥିଲେ। ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ଜ୍ଞାନରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ଏଡ୍‌ସ ଦିବସରେ ସଚେତନତା





ଆଠଗଡ଼ ଗୋପବନ୍ଧୁ ମହିଳା କଲେଜ ଛାତ୍ରୀ ଶୋଭାଯାତ୍ରାରେ ଯାଉଛନ୍ତି।





ବାଙ୍କୀ କଲେଜ ପକ୍ଷରୁ ହୋଇଥିବା ସଚେତନତା ସଭା।





ସାଲେପୁର କଲେଜର ଚିତ୍ରୋତ୍ପଳା ଛାତ୍ରୀ ନିବାସ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।





ଟିଗିରିଆ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ ସଚେତନତା ଶୋଭାଯାତ୍ରା।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଟଙ୍କା ନେଇନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ରଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ମନୁଷ୍ୟର ସବୁଠାରୁ ବଡ଼ ଦୋଷ ହେଉଛି-ଯେତେବେଳେ ସେ ଧରିନିଏ ଯେ ତା'ର କୌଣସି ଦୋଷ ନାହିଁ।
-ଟମାସ କାର୍ଲାଇଲ



## ସଂକ୍ଷେପରେ

### ଖ୍ରୀଷ୍ଟ କଲେଜର ପ୍ଲାଟିନମ୍ ଜୁବିଲି ଲୋଗୋ ଉନ୍ମୋଚିତ

**କଟକ ଅଫିସ, ୧।୧୨:** କଟକର ଖ୍ରୀଷ୍ଟ କଲେଜ ୭୫ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କଲେଜ ପକ୍ଷରୁ ପ୍ଲାଟିନମ୍ ଜୁବିଲି ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶନିବାର ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏକ ଉତ୍ସବରେ ପ୍ଲାଟିନମ୍ ଜୁବିଲିର ଲୋଗୋ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ.ଏସ୍ ନାଇଡୁ ଏହି ଲୋଗୋକୁ ଉନ୍ମୋଚନ କରି ଖ୍ରୀଷ୍ଟ କଲେଜ ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ କଳାଜଗତରେ ତାର ଶ୍ରେଷ୍ଠ ଅବଦାନ ବଜାୟ ରଖିଛି ବୋଲି କହିଥିଲେ। ଅଧ୍ୟକ୍ଷ ମନ୍ମଥ ଓତା କଲେଜର ଜନ୍ମ ଠାରୁ ୭୫ ବର୍ଷର ଜୟଯାତ୍ରା ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଭାପତି ଚନ୍ଦନ ଦାସ, ସମ୍ପାଦକ ବିକାଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିଏଟିଭ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା

**ଚୌଦ୍ୱାର,୧।୧୨(ଡି.ଏନ.ଏ.):** ଚୌଦ୍ୱାରସ୍ଥିତ କ୍ରିଏଟିଭ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିରଜା ଗ୍ରୁପ ଅଫ କମ୍ପାନୀର ପୂର୍ବତନ ଉପ ସଭାପତି ଆଦିତ୍ୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୩୪ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ସବ୍ ଜୁନିୟର ଗ୍ରୁପରେ ସୁରଜ କୁମାର ତିୱାରି ପ୍ରଥମ, କୋମଲଶ୍ରୀ ଦାସ ଦ୍ୱିତୀୟ ଓ ଶୁଭ୍ରାଂଶୁ ପାହାଡସିଂହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ଗ୍ରୁପରେ ସୌରବ କୁମାର ଶତପଥୀ ପ୍ରଥମ, ରିଶିକା ଭଗତ୍, ତପସ୍ୱିନୀ ମଲ୍ଲିକ ଓ ତ୍ରିଶା ନାୟକ ଦ୍ୱିତୀୟ ଏବଂ ଲେସଲି ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅଧ୍ୟକ୍ଷ ସ୍ମରଣ କୁମାର ନାୟକ ଓ କଲ୍ୟାଣି ମିଶ୍ର ମେଳା ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟିର ଚେୟାରମ୍ୟାନ କିଶୋର କୁମାର ସାହୁଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ଉପସ୍ଥିତ ଥିଲେ।

# ଆଜି ସରିବ ବାଲିଯାତ୍ରା, ଭିଡ଼ ଅସମ୍ଭାଳ

**କଟକ ଅଫିସ, ୧।୧୨**

ରବିବାର ବାଲିଯାତ୍ରାର ଶେଷ ଦିନ। ଏଥର ଦଶଦିନ ବାଲିଯାତ୍ରା ସରିଆସୁଥିବାରୁ ଶନିବାର ବାଲିଯାତ୍ରାର ଉଭୟ ତଳ ଓ ଉପର ପଡିଆରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଛି। ବିଶେଷକରି ଡିଜିଟାଲ ବେଲୁନ୍, ପ୍ଲାଷ୍ଟିକ ଫୁଲ, ଆକ୍ୟୁପ୍ରେସର ଆଇଟମ୍, ରାଜସ୍ଥାନୀ ଆଚାର, ରାଜସ୍ଥାନୀ କଙ୍ଗନ ଷ୍ଟଲରେ କିଣାକିଣି କରିବା ପାଇଁ ଲୋକଙ୍କ ବେଶ୍ ଗହଳି ଦେଖିବାକୁ ମିଳୁଛି।

**ଡିଜିଟାଲ ବେଲୁନ କିଣିବାକୁ ପିଲାଙ୍କ ଜିଦ୍**

ଏଥର ବାଲିଯାତ୍ରାକୁ ଆସିଛି ଡିଜିଟାଲ ବେଲୁନ। ସାଧାରଣ ବେଲୁନ୍ ପରି ଏହା ଫାଟିବ ନାହିଁ। ଏଥିସହିତ ଏହି ବେଲୁନରେ ଲାଗିଥିବା ପର୍ଲ ଲାଇଟିଂ ଏହାକୁ ଆହୁରି ସୁନ୍ଦର କରୁଛି। ଗୋଟିଏ ବେଲୁନ୍‌ର ଦାମ୍ ରହିଛି ୧୦୦ ଟଙ୍କା। ଏହାକୁ କିଣିବା ପାଇଁ ପିଲାଠାରୁ ବଡ ପର୍ଯ୍ୟନ୍ତ ସଭିଏଁ ମନ କରୁଛନ୍ତି ବୋଲି ବିହାର ଅଞ୍ଚଳରୁ ଆସିଥିବା ବେଲୁନ ବ୍ୟବସାୟୀ ବାବୁଲାଲ କହିଛନ୍ତି।


ବାଲିଯାତ୍ରା ପଡ଼ିଆରେ ଜନସମାଗମ।

**ଡିମାଣ୍ଡରେ ଆକ୍ୟୁପ୍ରେସର ଆଇଟମ୍**

ବାଲିଯାତ୍ରା ଉପର ପଡିଆରେ ବିକ୍ରି ହେଉଛି ଆକ୍ୟୁପ୍ରେସର ଆଇଟମ। ଚଳିତଥର ଆସିଥିବା ବ୍ୟାକ ରେଷ୍ଟ ଆଇଟମ ଦୁଇ ଶହ ଟଙ୍କାରେ ମିଳୁଛି। ଏହାକୁ ଆପଣ ଚେୟାର କିମ୍ବା କାର ସିଟ୍‌ରେ ବାନ୍ଧି ବ୍ୟବହାର କଲେ ବ୍ୟାକପେନରୁ ଉପଶମ ମିଳିବ ବୋଲି କହିଛନ୍ତି ଆକ୍ୟୁପ୍ରେସର ଆଇଟମ୍ ବିକ୍ରେତା ରାମଦୀନ ଅଗ୍ରଓାଲ।

**ଆଚାର ଷ୍ଟଲ୍‌ରେ ମହିଳାଙ୍କ ଭିଡ**

ରସୁଣ, ଗାଜର, ବିଟ୍ ଭଳି ଆଚାର ନେଇ ବାଲିଯାତ୍ରାକୁ ବିକ୍ରି କରିବାକୁ ଆସିଛନ୍ତି ରାଜସ୍ଥାନ ଆଚାର ବ୍ୟବସାୟୀ ରତନ ଖଣ୍ଡେଲୱାଲ। ସେ କହିଛନ୍ତି, ବହୁ ଦିନ ଧରି ଏହି ଆଚାରକୁ ଘରେ ରଖି ଖାଇହେବ। ତେଣୁ ଏହାକୁ କିଣିବାକୁ ଲୋକଙ୍କ ବେଶ ଆଗ୍ରହ ଦେଖିବାକୁ ମିଳୁଛି।

**ପ୍ଲାଷ୍ଟିକ ଫୁଲର ଚାହିଦା ଅଧିକ**

ବାଲିଯାତ୍ରାରେ ବିକ୍ରି ହେଉଥିବା ପ୍ଲାଷ୍ଟିକ ଫୁଲର ଚାହିଦା ରହିଛି। ଏହାର ଦାମ୍ ୫୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହାକୁ ବିକ୍ରି କରିବା ପାଇଁ ଅଧିକାଂଶ ବ୍ୟବସାୟୀ ଝାଡଖଣ୍ଡରୁ ଆସିଛନ୍ତି। ଏ ନେଇ ଫୁଲ ବ୍ୟବସାୟୀ ସଲମା ବିବି କହିଛନ୍ତି, ବ୍ୟବସାୟ ଭଲ ହେଉଛି। ହେଲେ ଲୋକଙ୍କ ଦର ନେଇ ମୂଲଚାଲ ବେଶି।

**ନୀଳଗିରି ମୁଗୁନି ପଥର ବାସନ କିଣିବାକୁ ଭିଡ**

ନୀଳଗିରିର ମୁଗୁନି ପଥର ବାସନରେ ଖାଦ୍ୟ ଖାଇବା ଶରୀର ପକ୍ଷେ ହିତକର। ଏହି ବାସନରେ ସାଧୁସନ୍ଥମାନେ ଭୋଜନ ଗ୍ରହଣ କରିବାକୁ ପସନ୍ଦ କରିଥାନ୍ତି। ବାଲିଯାତ୍ରା ଉପର ପଡିଆରେ ଥିବା ନୀଳଗିରି ବାସନ ଷ୍ଟଲ୍‌ରେ ଲୋକଙ୍କ ବେଶ୍ ଭିଡ। ମୁଗୁନି ପଥରେ ପ୍ରସ୍ତୁତ ଗ୍ଲାସ, କୁଣ୍ଡ, ବେଲା, ଥାଳି ଭଳି ସାମଗ୍ରୀର ଦର ୩୦୦ ଶହ ଟଙ୍କା ଆରମ୍ଭ କରି ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଶାଳୀ ସଙ୍ଗେ ଟାପରା**
**କରିଲୁ ଯଦି ସହେ**
**କାଳି ସଉଦା ଭାରି ଭଲ**
**ମାଗିଲେ ଯଦି ଦିଏ ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥାଏ। ଭିଣୋଇର ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଯାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଦୋକାନୀର ଯଦି କୌଣସି ଆପତ୍ତି କି ଅଭିଯୋଗ ନ ଥାଏ ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସତ କହିବି ନା ମିଛ କହିବି?**
**ନା ଯାହା ଅଙ୍ଗେ ନିଭେଇଛି ତାହା କହିବି ?**

କେତେକ କଥା କାହାକୁ ସତ ଲାଗିପାରେ ନତୁବା ମିଛ। ପରନ୍ତୁ ଅଙ୍ଗେନିଭା କଥା ହିଁ ସତ, ଏଥିରେ କାହାରି ଦ୍ୱିମତ ହେବାର ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଶୋଭାଯାତ୍ରାରେ ଏଡ୍‌ସ ସଚେତନତା

**କଟକ ଅଫିସ/କଣ୍ଟାପଡା/ଚୌଦ୍ୱାର, ୧।୧୨(ଡି.ଏନ୍.ଏ.)**

ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ଶନିବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଗତ୍‌ପୁର ହାଇସ୍କୁଲ ନିକଟରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବାହାରି ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ଏଡ୍‌ସ ଉପରେ ଆଧାରିତ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଭଗତପୁର ସରପଞ୍ଚ ଶ୍ରୀମତୀ ସାହୁ, ଭଗତପୁର ସ୍କୁଲର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଦେବତା, ନର୍ସିଂ କଲେଜ ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ସ୍ଥିତ ଦଧୀଚି ଶିକ୍ଷାସମୂହ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏଡ୍‌ସ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ ଦାଶ ଏହାକୁ ଉଦ୍‌ଘାଟନ କରିବା ପରେ ସୁନ୍ଦରଗ୍ରାମ ହାଇସ୍କୁଲ ଛକଠାରୁ ଛାତ୍ରୀଛାତ୍ରମାନେ ଏଡ୍‌ସର ଭୟାବହତା ସମ୍ପର୍କରେ ପ୍ଲାକାର୍ଡ ଧରି ବାଗଲପୁର ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

ଚୌଦ୍ୱାର ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍, ୟୁଥ୍ ରେଡକ୍ରସ, ରୋଭର୍ସ ରେଞ୍ଜର୍ସର ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ କଲେଜରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଯାଇଥିଲେ। ଅଧ୍ୟକ୍ଷା ସ୍ମୃତି ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ।



ବିଶ୍ୱ ଏଡ୍‌ସ ଦିବସ ଅବସରରେ ଶନିବାର ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ମଦ ଦୋକାନ ବନ୍ଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**କଣ୍ଟାପଡା, ୧।୧୨(ଡି.ଏନ୍.ଏ.)**

ଓଲଟପୁର ଥାନା ଅନ୍ତର୍ଗତ ବରାହିପୁର ଠାରେ ଗତ ୧୫ଦିନ ହେଲା ଖୋଲିଥିବା ଏକ ବିଦେଶୀ ମଦ ଦୋକାନକୁ ବନ୍ଦ କରିବା ପାଇଁ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣ୍ଟାପଡା ତହସିଲଦାରଙ୍କୁ ଶନିବାର ପ୍ରଦାନ କରାଯାଇଛି। ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ ଦୀର୍ଘଦିନ ହେଲା ମଦ ଦୋକାନ ବନ୍ଦ ରହିଥିବାବେଳେ ବରାହୀପୁରଠାରେ ମଦ ଦୋକାନଟି ଖୋଲିଥିବା ଜଣାପଡିଛି। ମଦ ଦୋକାନ ବନ୍ଦଥିବା ଯୋଗୁ କିଛିଦିନ ହେଲା ଏହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବନ୍ଦ ରହିଥିବାବେଳେ ଏବେ ପୁଣି ଅଞ୍ଚଳ ଅସୁରକ୍ଷିତ ହୋଇ ପଡିବ ବୋଲି ମଞ୍ଚ ଅଭିଯୋଗ କରିଛି। ପ୍ରିୟନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ସଦସ୍ୟ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ

**କଣ୍ଟାପଡା,୧।୧୨(ଡି.ଏନ୍.ଏ.)**

ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ତାଙ୍କର ନାବାଳକ ବନ୍ଧୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଗତ ୨୭ତାରିଖରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଆଇଟି ଆକ୍ଟ ଅନୁଯାୟୀ ଥାନାରେ ଏକ ମାମଲା(ନଂ.୧୧୩/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ଶନିବାର ସମ୍ପୃକ୍ତା ଯୁବତୀଙ୍କ ବୟାନ ରେକର୍ଡ କରି ଡାକ୍ତରୀ ମାଇନା କରାଇଛି। ଅଭିଯୋଗ ଅନୁଯାୟୀ, ଗତମାସ ୨୦ ତାରିଖରେ ବାଲିଅନ୍ତା ଥାନା ଅଞ୍ଚଳର ୨ଜଣ ଯୁବତୀ ଓ କଟକ ସଦର ଥାନା ଅଞ୍ଚଳର ଜଣେ ନାବାଳକ ବନ୍ଧୁ ପୀଡିତା ଯୁବତୀଙ୍କୁ ସାଙ୍ଗରେ ନେଇ ଏକ ଜନ୍ମଦିନ ପାର୍ଟି ମନାଇବା ପାଇଁ ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳକୁ ଯାଇଥିଲେ। ସେଠାକାର ଏକ ଭଡାଘରେ ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ଜଣେ ଯୁବତୀଙ୍କ ଜନ୍ମଦିନ ପାଳନ ବେଳେ ପୀଡିତା ଯୁବତୀ ଥଣ୍ଡା ପାନୀୟ ପିଇଥିଲେ। ଏହାପରେ ସେ ଅଚେତ ହୋଇ ପଡିଥିଲେ। ପରଦିନ ସେ ଘରକୁ ଫେରିବା ପରେ ୨୨ ତାରିଖରେ ସମ୍ପୃକ୍ତ ନାବାଳକଙ୍କ ସହ ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖି ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ଏହି ଘଟଣା ଆଇଟି ଆକ୍ଟ ଅନୁସାରେ ଆସୁଥିବାରୁ ଏହାର ତଦନ୍ତ ଦାୟିତ୍ୱ ଆଇଆଇସି କିମ୍ବା ତାଙ୍କଠାରୁ ଉପରିସ୍ଥ ଅଧିକାରୀ ତଦନ୍ତ କରିବା ନିୟମ ରହିଛି। ଏଣୁ ଉକ୍ତ ମାମଲା ଓଲଟପୁର ଥାନାଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଓଲଟପୁର ଥାନା ଆଇଆଇସି ତପନ କୁମାର ରାଉତ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଶନିବାର ସକାଳେ ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, ସମ୍ପାଦକ ପ୍ରଣବ ବିଶ୍ୱାଳ ଓ ଓଡିଶା ନାରୀ ସୁରକ୍ଷା ମଞ୍ଚର ଉପସଭାପତି ସଞ୍ଜିତ ମହାନ୍ତି ଗୋବିନ୍ଦପୁର ଥାନାରେ ପହଞ୍ଚି ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ଥାନାଧିକାରୀ ଶରତ ସେଠୀଙ୍କ ସହ ଆଲୋଚନା କରିଥିଲେ।

## ଅର୍ଥ ଲଗାଣକାରୀ ସଂସ୍ଥାର ମହିଳା କର୍ମଚାରୀଙ୍କଠାରୁ ଲୁଟ୍

- ୨ ଗିରଫ, ଜଣେ ଫେରାର
- ଲୁଟ୍ ଟଙ୍କା, ମାଉଜର, ଗୁଳି ଜବତ

**ଫୁଲନଖରା, ୧।୧୨(ଡି.ଏନ୍.ଏ.)**

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ମହିଳା କର୍ମଚାରୀଙ୍କଠାରୁ ଟଙ୍କା ଓ ଆକ୍ଟିଭା ସ୍କୁଟି ଲୁଟ୍ କରିବା ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ସଦର ଥାନା ଅଧୀନ ଛତିଅଣା ଗ୍ରାମର ବିଭୂତି ଭୂଷଣ ତ୍ରିପାଠୀ ଓ ବଳଙ୍ଗା ଥାନା ଅନ୍ତର୍ଗତ ବିଧାରପୁର ଅଞ୍ଚଳର ହିମାଂଶୁ ପଣ୍ଡା। ସେମାନଙ୍କ ନିକଟରୁ ଗୋଟିଏ ମାଉଜର, ଦୁଇଟି ଅଫୁଟା ଗୁଳି ଲୁଟ୍ ହୋଇଥିବା ବେଳେ ୧ ଲକ୍ଷ ୧୨ ହଜାର ୨୦୦ ଟଙ୍କା ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ. ୪୫୧/୧୮) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, କଟକ ସଦର ଥାନା ଅଧୀନ ଭାଣପୁର ପୀରବଜାର ଅଞ୍ଚଳର ଲିପି ଦାସ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରନ୍ତି। ଶନିବାର ସେ ଗୋବିନ୍ଦପୁର ନୂଆଗାଁ ଅଞ୍ଚଳରୁ ଅର୍ଥ ଆଦାୟ କରି ସ୍କୁଟିରେ ଅଫିସ୍‌କୁ ଫେରୁଥିଲେ। ସେହି ସମୟରେ ଏକ ପଲ୍‌ସର ବାଇକ୍‌ରେ ପିଛା କରୁଥିବା ୩ ଜଣ ଯୁବକ ଫୁଲନଖରା-ଗୋବିନ୍ଦପୁର ରାସ୍ତାର ବାଇଁଲୋ ନିକଟସ୍ଥ ଝାଉଁ ଜଙ୍ଗଲଠାରେ ତାଙ୍କୁ ଅଟକାଇ ଟଙ୍କା ଓ ସ୍କୁଟି ଲୁଟ୍ କରିଥିଲେ। ପରେ ଜଣେ ଯୁବକ ପଲ୍‌ସର ବାଇକ୍‌ରେ ଫେରାର ହୋଇଯାଇଥିବାବେଳେ ଅନ୍ୟ ୨ ଜଣ ସ୍କୁଟିରେ ପଳାଇ ଯାଉଥିଲେ। ହେଲେ ମହିଧରପଡା ଡାକ୍ତରଖାନା ଛକ ଖଣ୍ଡାଗର ନିକଟରେ ସ୍କୁଟି ସହ ଅଭିଯୁକ୍ତ ଦ୍ୱୟ ତଳେ ପଡିଯାଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଠାଇବାକୁ ଆସିବାରୁ ସେମାନେ ସ୍କୁଟି ଛାଡି ଦୌଡିଥିଲେ। ଏହା ଦେଖି ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ସେମାନଙ୍କ ପିଛା କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟ ସେମାନଙ୍କୁ ଭୟଭୀତ କରିବା ପାଇଁ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ନିକଟସ୍ଥ ଧାନବିଲରେ ଲୁଚି ଯାଇଥିଲେ। ଏ ସମ୍ପର୍କରେ ଲୋକମାନେ ପୋଲିସକୁ ଖବର ଦେଇଥିଲେ। କଟକ ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଜୋନ୍-୪ ଏସିପି ଶୁଭେନ୍ଦୁ ସିଂ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ପରେ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

## ଧାର ଟଙ୍କା ମାଗିବାରୁ ବୋମାମାଡ଼, ଫାଙ୍କା ଗୁଳିଚାଳନା

**ଖୁଣ୍ଟୁଣୀ,୧।୧୨(ଡି.ଏନ୍.ଏ.)**

କୋଇଲା ବ୍ୟବସାୟ ପାଇଁ ଧାର ନେଇଥିବା ଟଙ୍କା ମାଗିବାରୁ ଧାର ଦେଇଥିବା ଯୁବକଙ୍କ ଘର ଉପରକୁ ବୋମାମାଡ଼ ଓ ଦୁଇ ରାଉଣ୍ଡ ଫାଙ୍କା ଗୁଳିଚାଳନା ହୋଇଥିବା ଶନିବାର ଖୁଣ୍ଟୁଣୀ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ କେନ୍ଦ୍ରକରି ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ଗ୍ରାମର ଜ୍ୟୋତିରଞ୍ଜନ ଜେନାଙ୍କଠାରୁ ତୋତାପଡ଼ା ଗ୍ରାମର ଦୁଇ ଜଣ ଯୁବକ କୋଇଲା ବ୍ୟବସାୟ ପାଇଁ ୪୨ହଜାର ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ଜ୍ୟୋତି ଧାର ଟଙ୍କା ମାଗିଥିଲେ। ସେମାନେ ଟଙ୍କା ଦେବା ପରିବର୍ତ୍ତେ ତାଙ୍କୁ ଧମକାଇଥିଲେ। ଗତ ଶୁକ୍ରବାର ରାତିରେ ସମ୍ପୃକ୍ତ ଦୁଇ ଯୁବକ ତାଙ୍କର ଜଣେ ସାଥୀଙ୍କ ସହ ଏକ ବାଇକ୍‌ରେ ଆସି ଜ୍ୟୋତିଙ୍କ ଘର ଉପରକୁ ୨ଟି ବୋମାମାଡ଼ କରିବା ସହ ଦୁଇ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଏ ନେଇ ଜ୍ୟୋତି ପୋଲିସକୁ ଫୋନ ମାଧ୍ୟମରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହି ବୋମା ମାଡ଼ରେ କୌଣସି କ୍ଷତି ହୋଇନାହିଁ। ଜ୍ୟୋତିଙ୍କ ଅଭିଯୋଗକ୍ରମେ ପୋଲିସ ବେଆଇନ କୋଇଲା ଡିପୋକୁ ବନ୍ଦ କରିବା ସହ ଏକ ମାମଲା(ନଂ.୧୪୪/୧୮)ରୁଜୁ କରି ତଦନ୍ତ ଚଳାଇଛି।

## କନ୍ଦରପୁର କଲେଜର ପ୍ରତିଷ୍ଠା ଦିବସ

**କଟକ ସଦର, ୧।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ କନ୍ଦରପୁର କଲେଜର ୪୧ ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶାରଦା ପ୍ରସନ୍ନ ମହାପାତ୍ରଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଅନୁଷ୍ଠିତ ସଭାରେ ଡା. ଅଲେଖ ଚନ୍ଦ୍ର ସାହୁ, ନମିତା ପଟ୍ଟନାୟକ ଓ ଡା. ବିଶ୍ୱନାଥ ଶତ୍‌ପଥୀ ପ୍ରମୁଖ ଯୋଗଦେଇ ଅତୀତର ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ପ୍ରତାପ କୁମାର ସାହୁ ସ୍ୱାଗତ ଭାଷଣ ଓ ପ୍ରଦୀପ କୁମାର ବିଶ୍ୱାଳ ଅତୀତର ଗୌରବ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଭଜନ ସମାରୋହ ଆୟୋଜିତ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର ଫାଟ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି
ମାର୍କଶିଟ୍, ବ୍ୟବସାୟ
ଯାନବାହନ, ଆଧାରକାର୍ଡ
ରାଶନ କାର୍ଡ
ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ
2% ଛାଡ଼, 40% ସହଜ
କିସ୍ତିରେ କମ୍ପାନୀଠୁ ସମସ୍ତ
ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Get Instant Cash against Gold,
Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



ମନୁଷ୍ୟର ସବୁଠାରୁ ବଡ଼ ଦୋଷ ହେଉଛି-ଯେତେବେଳେ ସେ ଧରିନିଏ ଯେ ତା'ର କୌଣସି ଦୋଷ ନାହିଁ।
-ଟମାସ କାର୍ଲାଇଲ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

କଣାସ, ୧।୧୨(ଡି.ଏନ୍.ଏ.):ଡେଲାଙ୍ଗ ବ୍ଲକ ଅଭୟମୁଖୀ ପଞ୍ଚାୟତ ଅଧୀନ ପ୍ରତିଜ୍ଞା ସାହିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଭସ୍ମୀଭୂତ ହୋଇଥିବାବେଳେ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ସାହିର ନକୁଳ ଭୋଇଙ୍କ ଘରେ ହଠାତ୍ ଅଗ୍ନିକାଣ୍ଡ ଘଟି ଆଖି ପିଛୁଳାକେ ନିଆଁ ଚାରିଆଡ଼କୁ ବ୍ୟାପି ଯାଇଥିଲା। ଏଥିରେ ନକୁଳଙ୍କ ଆସବାବପତ୍ର, ଧାନଚାଉଳ, ଲୁଗାପଟା, ନଗଦ ଟଙ୍କା ଓ ଦରକାରୀ କାଗଜପତ୍ର ଜଳି ଯାଇଛି। ସାକ୍ଷୀଗୋପାଳ ଓ କଣାସରୁ ଦମକଳ ବାହିନୀ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରି ଫେରିଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବା ବେଳେ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୩ୟ ଦିବସରେ ଛାତ୍ରୀଛାତ୍ରଙ୍କ ଧାରଣା

ନିମାପଡ଼ା,୧।୧୨(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ଏନ୍‌ଆର୍‌ଓଏସ ଜରିଆରେ ଓଟିଇଟି ପରୀକ୍ଷା ଦେବାକୁ ଅନୁମତି ଦେବା ନିଷ୍ପତ୍ତିକୁ ବିରୋଧ କରି ସିଟି ସ୍କୁଲର ଛାତ୍ରୀଛାତ୍ର ଦେଇଥିବା ଧାରଣା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଛାତ୍ରନେତା ପଙ୍କଜ ମଲ୍ଲିକ, ସ୍ୱାଗତ ସୌରଭ ରଞ୍ଜନ, ତାପସ ଜେନା, ନରେଶ ସେଠୀ, ଚିଙ୍କି ଦଳେଇ, ସୁଧା ସ୍ମୃତି ଜେନାଙ୍କ ନେତୃତ୍ୱରେ ୨ଶହ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ଦାବିପୂରଣ ନ ହେଲେ ଆଗକୁ ଆହୁରି ତୀବ୍ରତର ହେବ ବୋଲି ଛାତ୍ରୀଛାତ୍ର କହିଛନ୍ତି।

### କୁଆଖାଇକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୧।୧୨ (ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୁଆଖାଇ ନଦୀ ଏବେ ଆତ୍ମହତ୍ୟାର ଜୋନ୍ ପାଲଟିଛି। ଶନିବାର ଅପରାହ୍ନରେ ଜଣେ ଯୁବତୀ କୁଆଖାଇ ପୋଲ ଉପରୁ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଉକ୍ତ ସ୍ଥାନରେ କମ୍ ପାଣି ଥିବାରୁ ବାଲି ମାଡ଼ରେ ଯୁବତୀଙ୍କ ଗୋଡ, ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯୁବତୀଙ୍କର ପରିଚୟ ମିଳି ନ ଥିବାବେଳେ ସେ ଆଖପାଖ ଅଞ୍ଚଳର ହୋଇଥିବା ପୋଲିସ ଅନୁମାନ କରୁଛି। ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେ କିଛି କହିପାରୁ ନାହାନ୍ତି। ସେ ସାମାନ୍ୟ ସୁସ୍ଥ ହେବାପରେ ତାଙ୍କ ବୟାନ ରେକର୍ଡ କରାଯିବ। ପରିଚୟ ମିଳିଲେ ପରିବାର ଲୋକଙ୍କୁ ଖବର ଦିଆଯିବ ବୋଲି ମଞ୍ଚେଶ୍ୱର ଥାନା ପୋଲିସ ସୂଚନା ଦେଇଛି।

## ବିଶ୍ୱ ଏଡ୍‌ସ ଦିବସ

# ନିଜ ରୋଗ ସମ୍ପର୍କରେ ଜାଣନ୍ତୁ

ପୁରୀ ଅଫିସ,୧।୧୨:

ଏଡ୍‌ସ ରୋଗର ନିରାକରଣ ଅଦ୍ୟାବଧି ବାହାରି ନାହିଁ। ସଚେତନତା ହିଁ ଏହାର ନିରାକରଣର ଏକ ମାଧ୍ୟମ। ନିଜ ରୋଗ ସମ୍ପର୍କରେ ନିଜେ ଜାଣନ୍ତୁ ବୋଲି ଚଳିତ ବର୍ଷ ବିଶ୍ୱ ଏଡ୍‌ସ ଦିବସର ବାର୍ତ୍ତା ରହିଛି। କେବଳ ଏଡ୍‌ସ ଦିବସ ନୁହେଁ ବର୍ଷସାରା ଏନେଇ ସଚେତନତାର ଆବଶ୍ୟକତା ରହିଛି ବୋଲି ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁରୀ ଜିଲା ଏଡ୍‌ସ ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମିତିର ପର୍ଯ୍ୟବେକ୍ଷକ ଡା. ସତ୍ୟନାରାୟଣ ପାଣିଗ୍ରାହୀ କହିଛନ୍ତି। ଜିଲା ଏଡ୍‌ସ ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମିତି ଆନୁକୂଲ୍ୟରେ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଜିଲା ସ୍ୱାସ୍ଥ୍ୟାଧିକାରୀ (ଏଡିଏମଓ) ବ୍ରଜବନ୍ଧୁ ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏଡ୍‌ସର ନିରାକରଣ ଲାଗି ସରକାରଙ୍କ ପ୍ରୟାସ ଜାରି ରହିଛି। ଆକ୍ରାନ୍ତଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ତଥା ଚିକିତ୍ସା ଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇଏମସି ଜିଲା ସଭାପତି ଡା. ବାନାମ୍ବର ସେନାପତି, ଜିଲା ରେଡକ୍ରସ ଶାଖା ସମ୍ପାଦକ ତଥା ସହକାରୀ ଜିଲାପାଳ ମନୋଜ କୁମାର ନାୟକ, ସାମାଜିକ କର୍ମୀ ବଦ୍ରି ମିଶ୍ର, ଦେବୀ ପ୍ରସାଦ ମହାପାତ୍ର, ଅରୁଣ କୁମାର ଦାଶ, ନୟନା ସାମଲ, ଡା. ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଏଡ୍‌ସ ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମିତିର ସଂଯୋଜକ ଦୁଃଖୀଶ୍ୟାମ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଲେଜ ପରିସରରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ସକାଳେ ଶରଧାବାଲି ଠାରୁ ଗୋପବନ୍ଧୁ ଆୟୁର୍ବେଦ କଲେଜ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଜିଲା ରେଡକ୍ରସ, ୟୁଥ ରେଡକ୍ରସ, ଏନଏସଏସ ସ୍ୱେଚ୍ଛାସେବୀ, ଜିଲା କିନ୍ନର ସଂଘ, ନର୍ସିଂ ଏବଂ ସ୍କୁଲ, କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

**ଶପଥ ନେଲେ ଛାତ୍ରୀଛାତ୍ର:** ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଯୁବ ରେଡକ୍ରସ ବିଭାଗ ପକ୍ଷରୁ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏଡ୍‌ସ ରୋଗର ସଚେତନତା ନେଇ ଶପଥପାଠ କରିଥିଲେ।

**ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା:** ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶ୍ରୀକ୍ଷେତ୍ର ଓଡ଼ିଆ ସାହିତ୍ୟ ଓ ଶୈକ୍ଷିକ ବିକାଶ ମଞ୍ଚ ଆନୁକୂଲ୍ୟରେ ଶନିବାର ଶତାଧିକ ଛାତ୍ରୀଛାତ୍ର କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ। ହାତରେ ପ୍ଲାକାର୍ଡ ଧରି ଏଡ୍‌ସ ରୋଗ ସମ୍ପର୍କରେ ସଚେତନ କରିଥିଲେ। ଅଧ୍ୟକ୍ଷା ସୁଜାତା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ।



ବିଶ୍ୱ ଏଡ୍‌ସ ଦିବସରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ରେଡ୍ ରିବନ ଆକୃତିରେ ଛିଡ଼ା ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଶାଳୀ ସଙ୍ଗେ ଟାପରା
କରିଲୁ ଯଦି ସହେ
କାଲି ସଉଦା ଭାରି ଭଲ
ମାଗିଲେ ଯଦି ଦିଏ ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥାଏ। ଭିଣୋଇର ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଯାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଦୋକାନୀର ଯଦି କୌଣସି ଆପତ୍ତି କି ଅଭିଯୋଗ ନ ଥାଏ ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସତ କହିବି ନା ମିଛ କହିବି?
ନା ଯାହା ଅଙ୍ଗେ ନିଭେଇଛି ତାହା କହିବି ?**

କେତେକ କଥା କାହାକୁ ସତ ଲାଗିପାରେ ନତୁବା ମିଛ। ପରନ୍ତୁ ଅଙ୍ଗେନିଭା କଥା ହିଁ ସତ, ଏଥିରେ କାହାରି ଦ୍ୱିମତ ହେବାର ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# କୋଣାର୍କ ମହୋତ୍ସବ ପାଇଁ ଗଣଦୌଡ଼

କୋଣାର୍କ, ୧।୧୨(ଡି.ଏନ୍.ଏ.)

କୋଣାର୍କ ମହୋତ୍ସବ ଉପଲକ୍ଷେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ବସନ୍ତ ମଞ୍ଜରୀ ପାଠାଗାର ମିଳିତ ଆନୁକୂଲ୍ୟରେ ଶନିବାର ଏକ ଗଣଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭବତାରଣ ସାହୁ, ବସନ୍ତମଞ୍ଜରୀ ପାଠାଗାର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଆଞ୍ଚଳିକ ବିକାଶ ପରିଷଦ ସଭାପତି ସୁବାସ ନାୟକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହୀନିପତି ନେହେରୁ ଯୁବକେନ୍ଦ୍ର ପୁରୀର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ସାମାଜିକ କର୍ମୀ ଗୋପାଳ ଦାଶ ଓ ରାଜକିଶୋର ମହାପାତ୍ର ପ୍ରମୁଖ ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଗଣଦୌଡ଼ରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ୨ଶହ ଜଣ ସାମିଲ ହୋଇଥିଲେ। ସକାଳ ୮ଟାରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଅତିଥିମାନେ ପତାକା ପ୍ରଦର୍ଶନ କରିବା ପରେ ଗଣ ଦୌଡ଼ ଆରମ୍ଭ ହୋଇଥିଲା। ଗଣଦୌଡ଼ ଚନ୍ଦ୍ରଭାଗାଠାରେ ଶେଷ ହୋଇଥିଲା। ଏହି ଅବସରରେ ଗଣଦୌଡ଼ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। କୋଣାର୍କ ମହୋତ୍ସବକୁ ଅଧିକ ଲୋକାଭିମୁଖୀ କରିବା ଏବଂ ପଲିଥିନ ମୁକ୍ତ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଗଣଦୌଡ଼ର ଆୟୋଜକ ତଥା ବସନ୍ତମଞ୍ଜରୀ ପାଠାଗାରର ସମ୍ପାଦକ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭ୍ରାଂସୁ ସେଠୀ, ସୁନିଲ ନାୟକ ଓ ଖବରଦାତା ଭାଗିରଥୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।




କୋଣାର୍କ ମହୋତ୍ସବକୁ ଲୋକାଭିମୁଖୀ କରିବା ପାଇଁ ଶନିବାର ବାହାରିଥିବା ଗଣଦୌଡ଼।

# ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟମ ବାର୍ଷିକ କ୍ରୀଡ଼ା ଉତ୍ସବ

ଗୋପ, ୧।୧୨(ଡି.ଏନ୍.ଏ.)

ଗୋପ ହାପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଅଷ୍ଟମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋପ ଉପ-ନିବନ୍ଧକ ପ୍ରଭାତ କୁମାର ତରାଇ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ସୁନ୍ଦର ଶରୀର ଗଠନ ପାଇଁ କ୍ରୀଡ଼ା ଆବଶ୍ୟକ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ କମିଟି ସଭାପତି ଲିଙ୍ଗରାଜ ପ୍ରଧାନ, ଉପ-ସଭାପତି ବୀରେନ୍ଦ୍ର ସିଂହ, କୋଷାଧ୍ୟକ୍ଷ ନରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ଫଡ଼ିଆଁ, ଥାଳିଆ ଫିଙ୍ଗା, ନିଡିଲ ରେସ୍ ଆଦି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏକ ବ୍ୟାଙ୍କର ଶାଖା ପରିଚାଳକ ମହେନ୍ଦ୍ର ହାଁସଦା ଯୋଗ ଦେଇ ଶିଶୁମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ୨ଦଫା ଦାବିରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

ନିମାପଡ଼ା,୧।୧୨(ଡି.ଏନ୍.ଏ.):

ନିମାପଡ଼ା-ପିପିଲି ରାସ୍ତାର କାଜିପାଟଣା ଛକ ନିକଟସ୍ଥ ଧନୁଆଁ ନଦୀ ଉପରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ବ୍ରିଜ ନିର୍ମାଣରେ ବିଳମ୍ବ, ନିମ୍ନମାନ କାର୍ଯ୍ୟ କରୁଥିବା ପ୍ରତିବାଦରେ ଶନିବାର ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ଧନୁଆଁ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ସରକାରୀ ଏଷ୍ଟିମେଟ ଅନୁଯାୟୀ ସମସ୍ତ ନିର୍ମାଣ କାର୍ଯ୍ୟ କରାଯିବାକୁ ଯୁବମୋର୍ଚ୍ଚା କର୍ମୀମାନେ ଦାବି କରିଥିଲେ। ଖବରପାଇ ନିମାପଡ଼ା ଆଇଆଇସି ହରମୋହନ ନାୟକ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ୨ଦଫା ଦାବି ସମ୍ପର୍କରେ ପୂର୍ତ୍ତବିଭାଗ ଅଧିକାରୀଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ପ୍ରଶାନ୍ତ ସ୍ୱାଇଁ, ଜିଲା ସାଧାରଣ ସମ୍ପାଦକ ମିଳନ ମୁଖୀ, ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଗୁରୁ ହରିହର ଖୁଣ୍ଟିଆଙ୍କ ଶ୍ରଦ୍ଧାଞ୍ଜଳି ସଭା

## 'ସମସ୍ତଙ୍କ ହୃଦୟରେ ରହିଛନ୍ତି ହରିହର'

ପୁରୀ ଅଫିସ,୧।୧୨:

ସଙ୍ଗୀତ ଓ କଳା ଜଗତର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ହରିହର ଖୁଣ୍ଟିଆ। ସଙ୍ଗୀତ ସାଧନା କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସଙ୍ଗୀତ ଜଗତରେ ସେ ସମସ୍ତଙ୍କ ହୃଦୟରେ ରହିଛନ୍ତି ବୋଲି ସଙ୍ଗୀତଜ୍ଞ ଗୁରୁ ହରିହର ଖୁଣ୍ଟିଆଙ୍କ ୨୫ତମ ରଜତ ଶ୍ରଦ୍ଧାଞ୍ଜଳି ସଭା ଅବସରରେ ହରିହର ଖୁଣ୍ଟିଆ ସ୍ମୃତି ସମିତି ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ସମିତିର ସଭାପତି ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନିରଞ୍ଜନ ରଥ, ସାମାଜିକ କର୍ମୀ ସୁରେନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ ଗୁରୁ ହରିହର ଖୁଣ୍ଟିଆ ସ୍ମୃତି ସମ୍ମାନରେ ଉର୍ମିଳା ପ୍ରଧାନ, ମର୍ଦ୍ଦଳ ବାଦକ ପାଗଳ ସ୍ୱାଇଁ, ମଞ୍ଚ ଅଭିନେତା ସୁରଜିତ ମହାପାତ୍ର, ତବଲା ବାଦକ ଶଙ୍କର ନାଥ ସାହୁ, ସଙ୍ଗୀତଜ୍ଞ ମନୋଜ ମହାପାତ୍ର, ଡ. ରାମହରି ଦାସ ଓ ଶ୍ୟାମଳ ଭଟ୍ଟାଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା ଓଡ଼ିଶୀ, ଶାସ୍ତ୍ରୀୟ ଓ ହିନ୍ଦୁସ୍ଥାନୀ ସଙ୍ଗୀତ। ପ୍ରଥମ ଅର୍ଘ୍ୟରେ ଓଡ଼ିଶାର ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ରାମହରି ଦାସ ଓ ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ଶ୍ୟାମଳ ଭଟ୍ଟାଚାର୍ଯ୍ୟ ଗୋଟିଏ ପରେ ଗୋଟିଏ ସଙ୍ଗୀତ ପରିବେଷଣ କରି ଏକ ଭାବାବେଗ ପରିବେଶ ସୃଷ୍ଟି କରିଥିଲେ। ଶେଷରେ ନବପ୍ରତିଭା ନୃତ୍ୟାନୁଷ୍ଠାନର ଗୁରୁ ଅଶୋକ ଦାସଙ୍କ ସଂଯୋଜନାରେ କଳାକାରମାନେ ଦ୍ୱାଦଶ ଦୁର୍ଗା ଓ ଶ୍ରୀ ଗଣେଶ ବନ୍ଦନା ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ।



ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଗୁରୁ ରାମହରି ଦାସଙ୍କୁ ସମ୍ମାନିତ କରୁଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ
ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra